ବର୍ଷ-୨୫, ସଂଖ୍ୟା-୧୧୩
ଭୁବନେଶ୍ୱର
୨୫, ଏପ୍ରିଲ, ୨୦୨୫ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 113
Bhubaneswar
25, April, 2025, Friday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ଆତଙ୍କବାଦୀ ଆକ୍ରମଣ ପରେ ଟେନସନରେ ପାକ୍ ଅଭିନେତ୍ରୀ



## ଜଳ, ସ୍ଥଳ ଓ ଆକାଶମାର୍ଗରୁ ଘେରିବାକୁ ପ୍ରସ୍ତୁତି

# ବାୟୁସେନାର ଅପରେସନ୍ 'ଆକ୍ରମଣ' ଆରମ୍ଭ

**ନୂଆଦିଲ୍ଲୀ,୨୪।୪(ଏଜେନ୍ସି):** ଜମ୍ମୁ-କାଶ୍ମୀର ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଏବେ ଫୁଲ୍ ଭାରତର ସରକାର ଆକ୍ସନ ରହିଛନ୍ତି। ପାକିସ୍ତାନକୁ ଯୋଜନାବଦ୍ଧ ଭାବେ ତିନି ପଟୁ ଘେରିବାକୁ ବଡ଼ ଧରଣର ଯୋଜନା ଚାଲିଛି। ଜଳ, ସ୍ଥଳ ଓ ଆକାଶମାର୍ଗରୁ ଆକ୍ରମଣ ପାଇଁ କେନ୍ଦ୍ର ସରକାର ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିସାରିଛି। ଏହାର ଝଲକ ଦେଖିବାକୁ ମିଳିଛି। ସ୍ୱଦେଶୀ ଯୁଦ୍ଧପୋତ ଆଇଏନଏସ 'ସୁରଟ'ରୁ ସଫଳ ମିସାଇଲ୍ ପରୀକ୍ଷଣ ହୋଇଛି। ସେହିପରି ସ୍ଥଳସେନାକୁ ଆଲର୍ଟ ରଖାଯାଇଛି। ବାୟୁସେନା ପକ୍ଷରୁ ରାଫେଲ୍ ଓ ସୁଖୋଇ-୩୦ ଦ୍ୱାରା ଯୁଦ୍ଧାଭ୍ୟାସ କରାଯାଇଛି। ଆଜି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସାକ୍ଷାତ କରିଛନ୍ତି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଓ ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର।

ଅନ୍ୟପଟେ ଆତଙ୍କୀ ଅଲଆଉଟ୍ ଅଭିଯାନ ମଧ୍ୟ ଆରମ୍ଭ ହୋଇଯାଇଛି। ଏହାରି ଭିତରେ ଭାରତୀୟ ନୌସେନା ବଡ଼ ଉପଲବ୍ଧୀ ହାସଲ କରିଛି। ସ୍ୱଦେଶୀ ଯୁଦ୍ଧପୋତ ଆଇଏନଏସ 'ସୁରଟ'ରୁ ସଫଳ ମିସାଇଲ୍ ପରୀକ୍ଷଣ ହୋଇଛି। ଭାରତୀୟ ନୋସେନାକୁ ମିଳିଥିବା ସ୍ୱଦେଶୀ ଯୁଦ୍ଧପୋତ ଆଇଏନଏସ ସୁରଟ ଆରବ ସାଗରରେ ଶକ୍ତି ପ୍ରଦର୍ଶନ କରିଛି। ମହାସମୁଦ୍ରରେ ସଫଳତାର ସହିତ ମିସାଇଲ୍ ପରୀକ୍ଷଣ ହୋଇଛି। ସଠିକ୍ ଭାବେ ଟାର୍ଗେଟକୁ ହିଟ୍ କରିଛି ବିଧ୍ୱଂସକାରୀ କ୍ଷେପଣାସ୍ତ୍ର।





- ଆଇଏନଏସ 'ସୁରଟ'ରୁ ସଫଳ ମିସାଇଲ୍ ପରୀକ୍ଷଣ
- ରାଷ୍ଟ୍ରପତିଙ୍କୁ ଭେଟିଲେ ଶାହ ଓ ଜୟଶଙ୍କର

ଏହି ଉପଲବ୍ଧୀ ନୌସେନାକୁ ଆହୁରି ଶକ୍ତିଶାଳୀ କରୁଛି। ଗୋଟିଏ ପଟେ ପହଲଗାମରେ ଆତଙ୍କବାଦୀ ଆକ୍ରମଣ ହୋଇଥିବା ବେଳେ ଅନ୍ୟପଟେ ଆଇଏନଏସ ସୁରଟରୁ ସଫଳ ମିସାଇଲ୍ ପରୀକ୍ଷଣ ମହତ୍ୱପୂର୍ଣ୍ଣ ବୋଲି କୁହାଯାଉଛି।

ମହାସମୁଦ୍ରରେ ଆଇଏନଏସ୍ 'ସୁରଟ'ରୁ ବିଧ୍ୱଂସକାରୀ ମିସାଇଲ୍ ପରୀକ୍ଷଣ ହୋଇଛି। ଆରବସାଗରରେ ଏହି ପରୀକ୍ଷଣ ବିଶେଷ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି। କାରଣ ପାକିସ୍ତାନ ମଧ୍ୟ ଏହି ଅଞ୍ଚଳରେ ମିସାଇଲ୍ ପରୀକ୍ଷଣ କରିଥାଏ। ସୂଚନା ଅନୁଯାୟୀ, ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ସରକାରଙ୍କ ପକ୍ଷରୁ ଗୁରୁବପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ସିନ୍ଧୁ ନଦୀ ଜଳଚୁକ୍ତି ରଦ୍ଦ କରାଯାଇଛି । ଭାରତରେ ଥିବା ପାକିସ୍ତାନୀଙ୍କୁ ଶୀଘ୍ର ଦେଶ ଛାଡ଼ିବାକୁ କୁହାଯାଇଛି। ସେପଟେ ପାକିସ୍ତାନ ସିନ୍ଧୁ ନଦୀ ଜଳଚୁକ୍ତି ରଦ୍ଦକୁ ଜଳଯୁଦ୍ଧ ବୋଲି କହିଛି। ଏହାସହିତ ଆରବ ସାଗରରେ ମିସାଇଲ୍ ପରୀକ୍ଷଣ ପାଇଁ ବିଜ୍ଞପ୍ତୀ ଜାରି କରିଛି।

ବାୟୁସେନା ପକ୍ଷରୁ ଯୁଦ୍ଧାଭ୍ୟାସ 'ଆକ୍ରମଣ' ଆରମ୍ଭ ହୋଇଛି। ଅମ୍ବାଲା ଓ ଅସିମରା ଏୟାରବେସରୁ ଯୁଦ୍ଧାଭ୍ୟାସ କରିଛି ବାୟୁସେନା। ପୂର୍ବ ଭାଗରେ ଥିବା ଏୟାରବେସରୁ ବାୟୁସେନାକୁ ସ୍ଥାନାନ୍ତର ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ସ୍ଥଳଭାଗରେ ଆକ୍ରମଣ ପାଇଁ ଫାଇଟର ଜେଟ୍‌ର ବ୍ୟବହାର ହୋଇପାରେ। ଦୁର୍ଗମ ତଥା ପାହାଡ଼ଘେରା ଅଞ୍ଚଳରେ ପଞ୍ଚିବା ସମରାଭ୍ୟାସ ଆରମ୍ଭ ହୋଇଛି।

ଆଜି ରାଷ୍ଟ୍ରପତି ଭବନରେ ମହାମହିମ ଦ୍ରୌପଦୀ ମୁର୍ମୁଙ୍କୁ ଭେଟିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଓ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ ଜୟଶଙ୍କର। ସର୍ବଦଳୀୟ ବୈଠକ ପୂର୍ବରୁ ରାଷ୍ଟ୍ରପତିଙ୍କୁ ଭେଟି ପହଲଗାମ୍ ହମଲା ବାବଦରେ ଅବଗତ କଲେ ଦୁଇ ମନ୍ତ୍ରୀ। ତାଙ୍କ ହାତରେ ଲାଲ ରଙ୍ଗର ଏକ 'ଗୁପ୍ତ' ଫାଇଲ ଥିଲା।ଏହି ବୈଠକର ସମୟ ଏବଂ ଉଭୟ ମନ୍ତ୍ରୀ ସିଧାସଳଖ ରାଷ୍ଟ୍ରପତି ଭବନରେ ପହଞ୍ଚିବା ପାକିସ୍ତାନରେ ହଇଚଇ ସୃଷ୍ଟି କରିଛି। ତେବେ ଦୁଇ ମନ୍ତ୍ରୀ ରାଷ୍ଟ୍ରପତିଙ୍କୁ ହଠାତ ଭେଟିବାକୁ ନେଇ ଅନେକ କଳ୍ପନା ଜଳ୍ପନା କରାଯାଉଛି । ଆଗକୁ ପାକିସ୍ତାନ ବିରୋଧରେ ଏବଂ ଆତଙ୍କବାଦ ବିରୋଧରେ ବଡ ଆକ୍ସନ ନିଆଯାଇପାରେ ବୋଲି ଅନୁମାନ କରାଯାଉଛି । ହୁଏତ ପହେଲଗାମ୍ ପ୍ରତିଶୋଧ ପାଇଁ କିଛି ଅନୁମତି ନେବାକୁ ରାଷ୍ଟ୍ରପତିଙ୍କୁ ଶାହ ଓ ଜୟଶଙ୍କର ଭେଟିଥାଇ ପାରନ୍ତି ବୋଲି ଚର୍ଚ୍ଚା ହେଉଛି।

## ପ୍ରଶାନ୍ତଙ୍କ ଶେଷକୃତ୍ୟ ସଂପନ୍ନ, ଶେଷ ଦର୍ଶନ କଲେ ମୁଖ୍ୟମନ୍ତ୍ରୀ


### ପତ୍ନୀଙ୍କୁ ସରକାରୀ ଚାକିରି, ପୁଅର ପାଠପଢା ଖର୍ଚ୍ଚ ସହ ୨୦ ଲକ୍ଷ ସହାୟତା ଘୋଷଣା



ଭୁବନେଶ୍ୱର, ୨୪।୪ (ମହାଭାରତ) : ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକର ଇସାଣୀ ଗାଁର ଶୋକାକୂଳ ପରିବେଶରେ ଜମ୍ମୁ କଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ମୃତ୍ୟୁବରଣ କରିଥିବା ଓଡ଼ିଆ ପର୍ଯ୍ୟଟକ ପ୍ରଶାନ୍ତ କୁମାର ଶତପଥୀଙ୍କ ପାର୍ଥିବ ଶରୀରର ପୂରା ରାଜକୀୟ ସମ୍ମାନର ସହ ଶେଷକୃତ୍ୟ କରାଯାଇଛି । ୪୩ ବର୍ଷୀୟ ଶତପଥୀ ବାଲେଶ୍ୱର ସ୍ଥିତି ସେଂଟ୍ରାଲ ଇନଷ୍ଟିଚ୍ୟୁଟ୍ ଅଫ୍ ପ୍ଲାଟିକ୍ସ ଇଂଜିନିୟରିଂ ଆଣ୍ଡ ଟେକ୍ନୋଲୋଜିରେ ଆକାଉଂଟ ଆସିଷ୍ଟାଣ୍ଟ ଥିଲେ, ଯିଏକି ପହଲଗାମରେ ଆତଙ୍କବାଦୀଙ୍କ ଗୁଳିରେ ମୃତ୍ୟୁବରଣ କରିଛନ୍ତି ।ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ସକାଳେ ବାଲେଶ୍ୱର ଜିଲ୍ଲାର ଇସାଣି ଗାଁରେ ପହଞ୍ଚି ସ୍ୱର୍ଗତ ପ୍ରଶାନ୍ତ ଶତପଥିଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। କାଶ୍ମୀରର ପେହଲଗାମ ଠାରେ ଉଗ୍ରପନ୍ଥୀଙ୍କ ଗୁଳିର ଶିକାର ହୋଇ ମୃତ୍ୟୁବରଣ କରିଥିବା (ପୃ-୮)

## ୪୫ ବର୍ଷ ପରେ ଶିମିଳିପାଳକୁ ଜାତୀୟ ଉଦ୍ୟାନର ମାନ୍ୟତା

ଭୁବନେଶ୍ୱର,୨୪।୪(ମହାଭାରତ): ରାଜ୍ୟ ସରକାରଙ୍କର ଏକ ଐତିହାସିକ ନିଷ୍ପତ୍ତି କ୍ରମେ ଶିମିଳିପାଳକୁ ଆନୁଷ୍ଠାନିକ ଭାବେ ଜାତୀୟ ଉଦ୍ୟାନ ଭାବେ ଘୋଷଣା



କରାଯାଇଛି । ୧୯୮୦ ମସିହାରେ ପ୍ରଥମେ ଶିମିଳିପାଳକୁ ଜାତୀୟ ଉଦ୍ୟାନ ମାନ୍ୟତା ଦେବା ପାଇଁ ପ୍ରସ୍ତାବ ଆଗତ ହୋଇଥିଲେ ମଧ୍ୟ ଦୀର୍ଘ ଦିନ ଧରି ମଞ୍ଜୁରୀରେ ବିଳମ୍ବ ହୋଇ ଆସୁଥିଲା। ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଂଟିଆଏହାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଥିଲେ । ଗୁରୁବାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏହି ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି। ଏହି ଘୋଷଣା ସହିତ, ଶିମିଳିପାଳ ବର୍ତ୍ତମାନ ଭାରତର (ପୃ-୮)

## ଆତଙ୍କୀଙ୍କୁ କଳ୍ପନା ବାହାରେ ଦିଆଯିବ ଦଣ୍ଡ : ମୋଦୀ

ନୂଆଦିଲ୍ଲୀ, ୨୪।୪(ମହାଭାରତ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ବିହାରର ମଧୁବନିରେ ଏକ ଜନସଭା ସମୟରେ କହିଛନ୍ତି ଯେ, ପହଲଗାମ ଆକ୍ରମଣରେ ସାମିଲ ଆତଙ୍କବାଦୀ ଓ ଷଡଯନ୍ତ୍ରକାରୀଙ୍କୁ ସେମାନଙ୍କ କଳ୍ପନା ବାହାରେ ଦଣ୍ଡ ଦିଆଯିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଥମେ ପହଲଗାମରେ ମୃତକଙ୍କୁ ହାତଯୋଡି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ଏବଂ ତା'ପରେ ତାଙ୍କ ଭାଷଣ ଆରମ୍ଭ କରିଥିଲେ।



ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଏପ୍ରିଲ ୨୨ରେ ଜମ୍ମୁ କଶ୍ମୀରର ପହଲଗାମରେ ଆତଙ୍କବାଦୀମାନେ ନିରୀହ ଦେଶବାସୀଙ୍କୁ ଯେଉଁଭଳି ବର୍ବର ଭାବେ ମାରିଛନ୍ତି ତାକୁ ନେଇ ପୂରା ଦେଶ ବ୍ୟଥିତ । ସମସ୍ତ ପୀଡିତ ପରିବାରଙ୍କ ଏହି ଦୁଃଖରେ ପୂରା ଦେଶ ସେମାନଙ୍କ ସହିତ ଅଛି । ଯେଉଁ ପରିବାରଜନଙ୍କ ଏବେ ଚିକିତ୍ସା ଚାଲିଛି, ସେମାନେ ଶୀଘ୍ର ସୁସ୍ଥ ହୁଅନ୍ତୁ, ଏଥିପାଇଁ ବି ସରକାର ଯଥାସମ୍ଭବ ଉଦ୍ୟମ କରୁଛନ୍ତି ।ସେ କହିଛନ୍ତି ଯେ, ଏହି ହମ୍‌ଲା କେବଳ ନିରସ୍ତ୍ର ପର୍ଯ୍ୟଟକଙ୍କ ଉପରେ ହୋଇନି, ଦେଶର ଶତ୍ରୁ ଭାରତର ଆସ୍ଥା ଉପରେ ଆକ୍ରମଣ

କରିବାର ଦୁଃସାହସ କରିଛନ୍ତି । ଏହି ଆତଙ୍କବାଦୀ ଆକ୍ରମଣରେ କିଏ ନିଜ ପୁଅକୁ ହରାଇଛି, କିଏ ନିଜ ଭାଇ ହରାଇଛି ତ ଆଉ କିଏ ନିଜ ଜୀବନସାଥୀ ହରାଇଛି । ସେମାନଙ୍କ ମଧ୍ୟରେ କିଏ ବଙ୍ଗଳା କହୁଥିଲା ତ, କିଏ କନ୍ନଡ କହୁଥିଲା, କିଏ ଓଡ଼ିଆ, କିଏ ମରାଠି, କିଏ ଗୁଜରାଟି କହୁଥିଲା ତ କିଏ ଏଠାରେ ବିହାରର ପୁଅ ଥିଲା । ଆଜି ସେହି ସମସ୍ତଙ୍କ ମୃତ୍ୟୁକୁ ନେଇ କାରଗିଲରୁ କନ୍ୟାକୁମାରୀ ଯାଏ ଆମ ଦୁଃଖ ଓ ଆକ୍ରୋଶ ଗୋଟିଏ ଅଟେ ।

ପ୍ରଧାନମନ୍ତ୍ରୀ କଡା ଶବ୍ଦରେ କହିଛନ୍ତି ଯେ, ଦେଶର ଶତ୍ରୁ ଭାରତର ଆତ୍ମା ଉପରେ ଆକ୍ରମଣ କରିବାର ଦୁଃସାହସ କରିଛନ୍ତି । ମୁଁ ବହୁତ ସ୍ପଷ୍ଟ ଭାବେ କହିବାକୁ ଚାହୁଁଛି ଯେ, ଯେଉଁମାନେ ଏହି ଆକ୍ରମଣ କରିଛନ୍ତି, ସେମାନଙ୍କ ଓ ଏହି ଆକ୍ରମଣର ଷଡଯନ୍ତ୍ର ରଚିଥିବା ଲୋକଙ୍କୁ ସେମାନଙ୍କ କଳ୍ପନା ବାହାରେ ବଡ ଦଣ୍ଡ ଦିଆଯିବ । ସେ କହିଛନ୍ତି ମୁଁ ପୂରା ଦୁନିଆକୁ କହୁଛି ଯେ, ଭାରତ ପ୍ରତି ଆତଙ୍କବାଦୀ ଓ ସେମାନଙ୍କ ସମର୍ଥକଙ୍କ ଚିହ୍ନଟ କରିବ, ସେମାନଙ୍କୁ ଟ୍ରାକ କରିବ ଓ ଦଣ୍ଡିତ କରିବ।

ଅରତଙ୍କବାଦୀମାନେ ଏପ୍ରିଲ ୨୨ରେ ନିର୍ଦ୍ଦୋଷ ଏବଂ ନିରସ୍ତ୍ର ଲୋକଙ୍କୁ ନିର୍ମମ ଭାବରେ ହତ୍ୟା କରିଛନ୍ତି। ଏଥିପାଇଁ ଦେଶ ଦୁଃଖିତ। ସମଗ୍ର ଦେଶ ମୃତକଙ୍କ ପରିବାର ସହିତ ଛିଡ଼ା ହୋଇଛି। ଆହତମାନଙ୍କର ଚିକିତ୍ସା ଚାଲିଛି। ସରକାର ସେମାନଙ୍କର ପୂରା ଯତ୍ନ ନେଉଛନ୍ତି। ଏହି ଆକ୍ରମଣରେ କେହି ତାଙ୍କ ପୁଅକୁ ହରାଇଛନ୍ତି, କେହି ତାଙ୍କ ଭାଇକୁ ହରାଇଛନ୍ତି, କେହି ତାଙ୍କ ଜୀବନସାଥୀଙ୍କୁ ହରାଇଛନ୍ତି। ସେମାନଙ୍କ ମଧ୍ୟରୁ କେତେକ ବଙ୍ଗାଳୀ କହୁଥିଲେ, କେତେକ ତାମିଲ କହୁଥିଲେ, ଆମର ଦୁଃଖ ସମସ୍ତଙ୍କ ପାଇଁ ସମାନ। ଆମର କ୍ରୋଧ ସମାନ।

## ଆଖିବୁଜିଲେ ଆଉ ଜଣେ ଓଡ଼ିଆ

ଲାଠୋର,୨୪।୪(ମହାଭାରତ): ମଙ୍ଗଳବାର ଅପରାହ୍ନରେ ଜମ୍ମୁ-କଶ୍ମୀରର ପହଲଗାମ୍ ଜିଲାରେ ହୋଇଥିବା ଆତଙ୍କବାଦୀଙ୍କ ଆକ୍ରମଣରେ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ୍ ଲାଠୋର ଗ୍ରାମର ଦିନେଶ ଅଗ୍ରୱାଲ(୪୫) ପ୍ରାଣ ହରାଇଛନ୍ତି। ଏହି ଖବର ବୁଧବାର ଜଣାପଡିବା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଦିନେଶ ଲାଠୋର ଗ୍ରାମର ସ୍ୱର୍ଗତ ପ୍ରୟାଗଚନ୍ଦ ଅଗ୍ରୱାଲଙ୍କ ସାନ ପୁଅ । ସେ ଗ୍ରାମର ଶ୍ରୀ ଦୁର୍ଗେଶ୍ୱରୀ ଉଚ୍ଚ ବିଦ୍ୟାଳୟରେ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିବା ପରେ ବାପାଙ୍କ ବ୍ୟବସାୟ ସମ୍ଭାଳିଥିଲେ। ପ୍ରାୟ ୧୦ ବର୍ଷ ହେବ ଦିନେଶ ଛତିଶଗଡ଼ ରାୟପୁରକୁ ପରିବାର ସହ ଯାଇ ସେଠାରେ ଷ୍ଟିଲ ବ୍ୟବସାୟ କରୁଥିଲେ। ଜଣେ ଜଣାଶୁଣା ବ୍ୟବସାୟୀ ଭାବେ ସେଠାରେ ପରିଚିତ ଥିଲେ। ସେ ତାଙ୍କର ୨୦ତମ ବିବାହ ବାର୍ଷିକୀ ଉତ୍ସବ ପାଳନ ପାଇଁ ସ୍ତ୍ରୀ ନେହା ଏବଂ ଝିଅ ଓ ପୁଅଙ୍କୁ ସାଙ୍ଗରେ ନେଇ କଶ୍ମୀର ଯାଇଥିଲେ । ସେଠାରେ ସେ ପ୍ରଣ ହରାଇବା ଖବର ଶୁଣି ଗାଁରେ ରହୁଥିବା ସମ୍ପର୍କୀୟମାନେ ଦୁଃଖରେ ମ୍ରିୟମାଣ ହୋଇପଡ଼ିଛନ୍ତି।

## ସର୍ବଦଳୀୟ ବୈଠକ : ସୁରକ୍ଷାରେ ତ୍ରୁଟି ନେଇ ସ୍ୱୀକାର କଲେ ସରକାର

ନୂଆଦିଲ୍ଲୀ, ୨୪।୪(ମହାଭାରତ): ପହଲଗାମ୍ ଆତଙ୍କୀ ହମଲା ନେଇ ସୁରକ୍ଷାରେ ତ୍ରୁଟି ନେଇ ମାନିଲେ ସରକାର। ସର୍ବଦଳୀୟ ବୈଠକରେ ଅମିତ ଶାହ କହିଛନ୍ତି ସୁରକ୍ଷାରେ ନିଶ୍ଚିତ ଭାବେ ତ୍ରୁଟି ରହିଛି, ସବୁକିଛି ଯଦି ଠିକ୍ ଥାନ୍ତା ତାହାଲେ ଆଜି ଆମେ ଏଠି କଣ ପାଇଁ ବୈଠକ କରୁଥାନ୍ତେ। ପହେଲଗାମ୍ ହମଲା ପରେ ବିରୋଧୀ ବାରମ୍ବାର ଗୁଇନ୍ଦାର ଭୂମିକା ନେଇ ପ୍ରଶ୍ନ ଉଠାଉଥିବା ବେଳେ ଆଜି ସର୍ବଦଳୀୟ ବୈଠକରେ ରାହୁଲ ପୁଣି ଥରେ ଗୁଇନ୍ଦା କଣ କରୁଥିଲା ? ସିଆରପିଏଫ ଏବଂ ସୁରକ୍ଷା ବଳ କେଉଁଠି ଥିଲା ବୋଲି ପ୍ରଶ୍ନ କରିବା ପରେ ଶାହ ଏମିତି ଉତ୍ତର ଦେଇଛନ୍ତି।

ତେବେ ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ ସାଧାରଣତଃ ଜୁନ୍ ମାସରେ ଅମରନାଥ ଯାତ୍ରା ଆରମ୍ଭ ହେବା ସମୟରେ ଏହି ରାସ୍ତା ଖୋଲା ଯାଇଥାଏ। କାରଣ ଅମରନାଥ ଯାତ୍ରାର ତୀର୍ଥଯାତ୍ରୀମାନେ ଏହି ସ୍ଥାନରେ ବିଶ୍ରାମ ନିଅନ୍ତି। ମାତ୍ର ଏଥର ସ୍ଥାନୀୟ ଟୁର୍ ଅପରେଟରମାନେ ସରକାରଙ୍କୁ ନ ଜଣାଇ ସେଠାରେ ବୁକିଂ ଆରମ୍ଭ କରି ଏପ୍ରିଲ ୨୦ ତାରିଖରୁ ପର୍ଯ୍ୟଟକଙ୍କୁ ସେଠାକୁ ନେବା ଆରମ୍ଭ କରିଥିଲେ। ସ୍ଥାନୀୟ ପ୍ରଶାସନକୁ ଏ ବିଷୟରେ ଅବଗତ କରାଯାଇନଥିବାରୁ ସେଠାରେ ସେନା ନିୟୋଜିତ କରାଯାଇ ନଥିଲା। କାରଣ ଏହି ସ୍ଥାନରେ ପ୍ରତିବର୍ଷ ଜୁନ୍ ମାସରେ ସେନା ନିୟୋଜିତ ହୁଅନ୍ତି। ଆଉ ଏହାର ଫାଇଦା ନେଇ ଆତଙ୍କବାଦୀମାନେ ଆକ୍ରମଣ କରିବାରେ ସଫଳ ହୋଇଛନ୍ତି। ସେପଟେ ସର୍ବଦଳୀୟ ବୈଠକ ପରେ କେନ୍ଦ୍ର ଯାହା ନିଷ୍ପତ୍ତି ନେବ ସମସ୍ତେ ତାକୁ ପୂର୍ଣ୍ଣ ସମର୍ଥନ କରିବେ ବୋଲି ବୈଠକ ପରେ ନେତା ମନ୍ତ୍ରୀମାନେ ମତ ଦେଇଛନ୍ତି।

## ମହାନଦୀରେ ବୁଡ଼ିଗଲେ ଦୁଇ ମୃତ

**କଟକ,୨୪।୪(ମହାଭାରତ) :**ଆଜି କଟକରେ ମହାନଦୀରେ ଭାସି ଯାଇଥିବା ଦୁଇ ଯୁବକଙ୍କୁ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଉଦ୍ଧାର କରିଥିଲେ। କିନ୍ତୁ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲ (ଏସସିବିଏମସିଏଚ)ରେ ଡାକ୍ତରମାନେ ସେମାନଙ୍କୁ 'ଆଣିବା ସମୟରେ ମୃତ' ଘୋଷଣା କରିଥିଲେ। ଜଣେ ସ୍ଥାନୀୟ ପୋଲିସ ଅଧିକାରୀ କହିଛନ୍ତି ଯେ ମୃତକଙ୍କର ପରିଚୟ ଏପର୍ଯ୍ୟନ୍ତ ନିଶ୍ଚିତ ହୋଇପାରି ନାହିଁ। ଛଅ ଯୁବକ ନଦୀରେ ପହଁରୁଥିବା ବେଳେ ଦୁଇଜଣ ନଦୀର ସ୍ରୋତରେ ଭାସି ଯାଇଥିଲେ। ପ୍ରତ୍ୟକ୍ଷଦର୍ଶୀମାନେ ସେମାନଙ୍କୁ ବଞ୍ଚାଇବାକୁ ଚେଷ୍ଟା କରିଥିଲେ ହେଁ ପରିସ୍ଥିତି ଗମ୍ଭୀର ହେବାରୁ ଅଗ୍ନିଶମ ବିଭାଗ ତୁରନ୍ତ ଉଦ୍ଧାର ଅଭିଯାନ ଆରମ୍ଭ କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ମୁମ୍ବାଇ ଗସ୍ତ

**ଭୁବନେଶ୍ୱର,୨୪।୪(ମହାଭାରତ):** ତିନି ଦିନିଆ ମୁମ୍ବାଇ ଗସ୍ତରେ ଯାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ମୁମ୍ବାଇ ଗସ୍ତ ସମୟରେ ରାଜ୍ୟରେ ପୁଞ୍ଜି ନିବେଶ ନେଇ ବିଭିନ୍ନ ଶିଳ୍ପପତି ଓ ନିବେଶକଙ୍କ ସହ କରିବେ। ଆଲୋଚନା ଇଣ୍ଡିଆ ଷ୍ଟିଲ୍- ୨୦୨୫ କନଫରେନ୍ସରେ ଯୋଗଦେବେ ଏହା ପରେ ୨୬ରେ ଭୁବନେଶ୍ୱର ଫେରିବେ ମୁଖ୍ୟମନ୍ତ୍ରୀ। ମୁମ୍ବାଇ ଗସ୍ତ ସମୟରେ ରାଜ୍ୟରେ ପୁଞ୍ଜି ନିବେଶ ନେଇ ବିଭିନ୍ନ ଶିଳ୍ପପତି ଓ ନିବେଶକଙ୍କ ସହ ଆଲୋଚନା କରିବେ। କାଲି ପ୍ରଥମେ ଶିଳ୍ପ ସଂଘ ସହ କରିବେ ଆଲୋଚନା ଏଥି ସହ ଷ୍ଟିଲ୍ ଉତ୍ପାଦନ ବୃଦ୍ଧି ଓ କଞ୍ଚାମାଲ୍ ଯୋଗାଣ ସମ୍ପର୍କରେ ଇଣ୍ଡିଆ ଷ୍ଟିଲ୍ ୨୦୨୫ କନଫରେନ୍ସରେ ଯୋଗଦେଇ ଉଦ୍ବୋଧନ ରଖିବେ ମୁଖ୍ୟମନ୍ତ୍ରୀ। ଏହା ପରେ ଅପରାହ୍ନରେ ଓଡ଼ିଶାରେ ପୁଞ୍ଜି ନିବେଶ ନେଇ ନିବେଶକଙ୍କ ସହ କରିବେ ୱାନ୍ ଟୁ ୱାନ୍ ଆଲୋଚନା ଓଡ଼ିଶାରେ ଶିଳ୍ପ ପାଇଁ ସୁଯୋଗ, ଭିତ୍ତିଭୂମି ଓ ଶିଳ୍ପନୀତି ନେଇ ପୁଞ୍ଜିପତିଙ୍କ ସହ ରାଉଣ୍ଡ ଟେବୁଲ ବୈଠକରେ କରିବେ ଆଲୋଚନା ୨୬ ତାରିଖରେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ ମୁଖ୍ୟମନ୍ତ୍ରୀ।

## ସୁଲତାଙ୍କୁ ଶୃଙ୍ଖଳାର ପାଠ

ଭୁବନେଶ୍ୱର,୨୪।୪(ମହାଭାରତ):ସୁଲତାଙ୍କୁ ଶୃଙ୍ଖଳାର ପାଠ ପଢ଼ାଇଲେ ଅରୁଣ ସାହୁ । ସେ କହିଛନ୍ତି ବର୍ତ୍ତମାନ ସମୟରେ ସମସ୍ତେ ଦଳୀୟ ଶୃଙ୍ଖଳା ମାନିବାର ଆବଶ୍ୟକତା ରହିଛି । ଯେଉଁ କଥାରେ ଦଳର ସାମାନ୍ୟ ତମ କ୍ଷତି ହେବ ସେଭଳି କଥାରୁ ନିବୃତ ରହିବାକୁ ମୋର ଅନୁରୋଧ । ଗୋଟେ ଘଟଣା ଘଟିଛି । ବହୁତ୍ ଆଲୋଚନା ବି ହୋଇଛି। ଦଳର ନେତା କହିବା ପରେ ଆମେ ତାକୁ ନେଇ କିଛି କହିବା ଉଚିତ୍ ନୁହେଁ। ସୁପ୍ରିମୋ ସବୁକୁ ବିଚାରକୁ ନେଉଛନ୍ତି। ବିଜେଡିର ରାଜ୍ୟସଭା ସାଂସଦ ବିଜେପି ଲିଙ୍କରେ ଥିବା ପ୍ରଶ୍ନରେ ଅରୁଣ କହିଛନ୍ତି ବିଜେପି ସହିତ ବିଜେଡିର କେଉଁ ସାଂସଦ ଲିଙ୍କରେ ଅଛନ୍ତି ତାହା ବିଜେପି ପ୍ରକାଶ କରୁ ।

## ପୁଲିସ କର୍ମଚାରୀଙ୍କ ଭତ୍ତା ଓ ପ୍ରୋତ୍ସାହନ ରାଶି ବୃଦ୍ଧି

**ଭୁବନେଶ୍ୱର,୨୪।୪(ମହାଭାରତ):**ରାଜ୍ୟ ପୁଲିସ ବାହିନୀକୁ ଅଧିକ କ୍ରିୟାଶୀଳ କରିବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁଲିସ କର୍ମଚାରୀଙ୍କ ଭତ୍ତା ଓ ପ୍ରୋତ୍ସାହନ ରାଶି ବୃଦ୍ଧି କରିଛନ୍ତି। ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ ଦେଇଛନ୍ତି ଏହି ନିଷ୍ପତ୍ତି ଅନୁଯାୟୀ କନଷ୍ଟେବଲ ଠାରୁ ଇନ୍‌ସପେକ୍ଟର ପର୍ଯ୍ୟନ୍ତ ପୁଲିସ କର୍ମଚାରୀଙ୍କ ପୋଷାକ ଭତ୍ତା ଦ୍ୱିଗୁଣିତ ହୋଇଛି।

ଇନ୍ସପେକ୍ଟରମାନଙ୍କ ପୋଷାକ ଭତ୍ତା ବାର୍ଷିକ ୪୩୦୦ରୁ ୮୬୦୦ ଟଙ୍କା, ସବ୍‌ଇନ୍ସପେକ୍ଟର ଓ ଏଏସ୍ଆଇମାନଙ୍କ ପୋଷାକ ଭତ୍ତା ବାର୍ଷିକ ୪୨୦୦ ଟଙ୍କାରୁ ୮୪୦୦ ଟଙ୍କା, ହାବିଲଦାର, କନେଷ୍ଟବଲ ଓ ସିପାହୀମାନଙ୍କ ପାଇଁ ୫୦୦୦ରୁ ୧୦,୦୦୦ ଟଙ୍କା ଏବଂ ସ୍ପେଶାଲ ଷ୍ଟ୍ରାଇକିଂ ଫୋର୍ସର ଏକ୍ସ ଆର୍ମି କର୍ମଚାରୀମାନଙ୍କ ପାଇଁ ପୋଷାକ ଭତ୍ତାର ପରିମାଣ ବାର୍ଷିକ ୫୯୦୦ ଟଙ୍କାରୁ ୧୧,୮୦୦ ଟଙ୍କାକୁ ବୃଦ୍ଧି ପାଇଛି। ଏହି ପଦବିର ସମାନ ର୍‍ୟାଙ୍କର କର୍ମଚାରୀ ଓ ଅଧିକାରୀମାନଙ୍କୁ ମଧ୍ୟ ଏହି ପରିମାଣରେ ଭତ୍ତା ମିଳିବ।

## ଗ୍ରାମାଞ୍ଚଳ ବିକାଶ ବିନା ରାଜ୍ୟ ଓ ଦେଶର ବିକାଶ ଅସମ୍ଭବ : ମୁଖ୍ୟମନ୍ତ୍ରୀ

- ପୁରୀରେ ଜାତୀୟ ପଞ୍ଚାୟତିରାଜ ଦିବସ
- ୬ ଲକ୍ଷ ହିତାଧିକାରୀଙ୍କୁ ନୂଆ ରାସନ କାର୍ଡ
- ୨ ଲକ୍ଷରୁ ଉର୍ଦ୍ଧ୍ୱ ସୁଭଦ୍ରା ହିତାଧିକାରୀଙ୍କୁ ସହାୟତା ରାଶି
- ୩୧୪ ବ୍ଲକସ୍ତରୀୟ ଷ୍ଟାଡିୟମ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର

ଭୁବନେଶ୍ୱର, ୨୪।୪(ମହାଭାରତ): ଆମ ଦେଶର ସମୁଦାୟ ଜନସଂଖ୍ୟାର ପ୍ରାୟ ୬୯ ପ୍ରତିଶତ ଗ୍ରାମାଞ୍ଚଳରେ ବସବାସ କରନ୍ତି। ଓଡ଼ିଶାରେ ୮୩ ପ୍ରତିଶତ ଲୋକ ଗାଁରେ ବସବାସ କରନ୍ତି। ତେଣୁ ଯେତେଦିନ ପର୍ଯ୍ୟନ୍ତ ଗ୍ରାମାଞ୍ଚଳର ବିକାଶ ହୋଇପାରିବ ନାହିଁ ସେତେଦିନ ପର୍ଯ୍ୟନ୍ତ ରାଜ୍ୟ ତଥା ଦେଶର ବିକାଶ ଅସମ୍ଭବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଗୁରୁବାର ପୁରୀ ଠାରେ ଆୟୋଜିତ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ କହିଛନ୍ତି।



ମୁଖ୍ୟମନ୍ତ୍ରୀ ପ୍ରଥମେ କାଶ୍ମୀର ପହଲଗାମରେ ଆତଙ୍କବାଦୀଙ୍କ ଆକ୍ରମଣରେ ନିହତ ହୋଇଥିବା ପର୍ଯ୍ୟଟକମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ଶାସନ ବ୍ୟବସ୍ଥାର ମୂଳ କେନ୍ଦ୍ର ହେଉଛି ପଞ୍ଚାୟତିରାଜ ବ୍ୟବସ୍ଥା। ୧୯୯୩ ମସିହା ଅପ୍ରିଲ ୨୪ ତାରିଖ ଦିନ ୭୩ତମ ସମ୍ବିଧାନ ସଂଶୋଧନ ବିଲ୍ ପାରିତ ହୋଇ ପଞ୍ଚାୟତିରାଜ ବ୍ୟବସ୍ଥାର ବୈପବ୍ଳିକ ପରିବର୍ତ୍ତନ ଅଣାଯାଇଥିଲା । ଶାସନ ପ୍ରଶାସନରେ ଜନମତର ପ୍ରାଧାନ୍ୟକୁ ସମ୍ମାନ ଦେବା ପାଇଁ ଆମେ ଏହି ଦିବସଟିକୁ ପାଳନ କରୁଛୁ। ଗ୍ରାମାଞ୍ଚଳ ବିକାଶ ପ୍ରକ୍ରିୟାରେ ଜନସହଭାଗିତା ବୃଦ୍ଧି ନିମନ୍ତେ ଗ୍ରାମ ପଞ୍ଚାୟତ ବିକାଶ ଯୋଜନା ପ୍ରସ୍ତୁତିକୁ ଭାରତ ସରକାର ଅଗ୍ରାଧିକାର ଦେଉଛନ୍ତି। ଆମ ରାଜ୍ୟରେ ଲୋକମାନଙ୍କ ମୌଳିକ ସମସ୍ୟା ଦୂର କରିବା ଦିଗରେ ପଞ୍ଚାୟତିରାଜ ବ୍ୟବସ୍ଥା ଦୃଢତାର ସହ କାମ କରୁଛି। ଗତ ୩ ବର୍ଷ ଧରି ଆମ ରାଜ୍ୟର ଅନେକ ଗ୍ରାମ ପଞ୍ଚାୟତ ସର୍ବ ଭାରତୀୟ ସ୍ତରରେ ପ୍ରଶଂସିତ ହୋଇ ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି । ଆଜି ପଞ୍ଚାୟତିରାଜ ଶାସନ ବ୍ୟବସ୍ଥାରେ ୫୦ ପ୍ରତିଶତ ଆସନ ମହିଳାଙ୍କ ପାଇଁ ସଂରକ୍ଷିତ ହୋଇଛି । ଓଡ଼ିଶା ମାଟି ନାରୀମାନଙ୍କ ସାମଗ୍ରିକ ବିକାଶର ସ୍ୱପ୍ନ ସାକାର କରିବା ଲକ୍ଷ୍ୟରେ ପଞ୍ଚାୟତିରାଜ ବ୍ୟବସ୍ଥାର ପ୍ରକୃତ ପ୍ରୟୋଗଶାଳା ଅଟେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ କହିଥିଲେ ଆଜି ରାଜ୍ୟରେ ମହିଳା ପଞ୍ଚାୟତ ପ୍ରତିନିଧିମାନେ ନିଜ ଅଞ୍ଚଳର ବିକାଶ ପାଇଁ ତତ୍ପର ହୋଇ କାମ କରୁଛନ୍ତି। (ପୃ-୮)

## ମସୁର ଡାଲି କଟ୍‌ଲେଟ



ଆବଶ୍ୟକ ସାମଗ୍ରୀ:
ପାଣିରେ ଭିଜା ହୋଇରହିଥିବା ମସୁର ଡାଲି, ସିଝା ଆଳୁ, ବ୍ରେଡ୍ କ୍ରମ୍ବ, କଟା ଧନିଆପତ୍ର, କଟା ଅଦା, କଟା କଞ୍ଚାଲଙ୍କା, ଧନିଆ ପାଉଡର, ଗରମ ମସଲା, ହେଙ୍ଗୁ, ଲଙ୍କା ଗୁଣ୍ଡ, ଲୁଣ ଓ ତେଲ।

ପ୍ରସ୍ତୁତି ପ୍ରଣାଳୀ:
ପ୍ରଥମେ ଏକ ପାତ୍ରରେ ସିଝା ଆଳୁ, ଭିଜା ମସୁର ଡାଲି, ଲଙ୍କା ଗୁଣ୍ଡ, ଲୁଣ, ଗରମ ମସଲା, କଟା ଅଦା, କଟା ଧନିଆ ପତ୍ର, ଧନିଆ ପାଉଡର, ହେଙ୍ଗୁ ଓ କଟା କଞ୍ଚା ଲଙ୍କାକୁ ନେଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ବର୍ତ୍ତମାନ ଏହି ମିଶ୍ରଣକୁ ମନ ପସନ୍ଦର ଆକୃତି ଦେଇ ବ୍ରେଡ୍ କ୍ରମ ଲଗାଇ ରଖି ଦିଅନ୍ତୁ।
ଏବେ କଡ଼େଇରେ ତେଲ ଗରମ କରି ସେଗୁଡ଼ିକୁ ଛାଣିଦିଅନ୍ତୁ। ହାଲକା ଲାଲ୍ ହୋଇଗଲେ ସେଗୁଡ଼ିକୁ ଏକ ପ୍ଲେଟକୁ କାଢ଼ି ଦିଅନ୍ତୁ। ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ମସୁର ଡାଲି କଟଲେଟ୍'। ଏହାକୁ ପୋଦିନା ଚଟଣୀ କିମ୍ବା ଟମାଟୋ ଓ ଚିଲି ସସ୍ ସହିତ ପରଷନ୍ତୁ।

ଖବର


# ବିବାହର ୪ବର୍ଷ ପରେ ମା' ହେଲେ ଜ୍ୱାଳା ଗୁଟ୍ଟା





ପ୍ରସିଦ୍ଧ ଦକ୍ଷିଣ ଅଭିନେତା ତଥା ପ୍ରଯୋଜକ ବିଷ୍ଣୁ ବିଶାଲଙ୍କ ଘରେ ଖୁସିର ଲହରୀ ଖେଳିଯାଇଛି। ବିଶାଲ ଭାରତର ବ୍ୟାଡମିଟନ୍ ତାରକା ଜ୍ୱାଳା ଗୁଟ୍ଟାଙ୍କୁ ଦ୍ୱିତୀୟ ବିବାହ କରିଥିବା ବେଳେ ବିବାହର ୪ବର୍ଷ ପରେ ଦୁହେଁ ମାତାପିତା ହୋଇଛନ୍ତି। ଜ୍ୱାଳା ଏକ ଶିଶୁକନ୍ୟାକୁ ଜନ୍ମ ଦେଇଥିବା ଜଣାଯାଇଛି। ବିଶାଳ ତାଙ୍କ ସୋସିଆଲ ମିଡିଆ 'ଏକ୍ସ' ଆକାଉ□ ମାଧ୍ୟମରେ ସୂଚନା ଦେଇଛନ୍ତି ଯେ, ତାଙ୍କ ସ୍ତ୍ରୀ ଜ୍ୱାଳା ଗୁଟ୍ଟା ଏକ କନ୍ୟା ସନ୍ତାନକୁ ଜନ୍ମ ଦେଇଛନ୍ତି। ଏହି ଖବର ପରେ, ପ୍ରଶଂସକ ଏବଂ ଅନେକ ସେଲିବ୍ରିଟି ଏହି ଦମ୍ପତିଙ୍କୁ ଅଭିନନ୍ଦନ ଜଣାଇବା ଆରମ୍ଭ କରିଛନ୍ତି।ବିଶାଲ ସେୟାର କରିଥିବା ପ୍ରଥମ ଫଟୋରେ ଶିଶୁକନ୍ୟାର ହାତର ଫଟୋ ଥିବା ବେଳେ ଦ୍ୱିତୀୟ ଫଟୋରେ ତାଙ୍କ ପୁଅ ଆରୟନଙ୍କ ଫଟୋ ରହିଛି। ପୋଷ୍ଟଟି ସେୟାର କରି ଅଭିନେତା ଲେଖିଛନ୍ତି, ଆମର ଗୋଟିଏ ଝିଅ ହେଲା। ଆରୟନ ଏବେ ବଡ଼ ଭାଇ। ଆଜି ଆମର ଚତୁର୍ଥ ବିବାହ ବାର୍ଷିକୀ ଏବଂ ଏହି ବିଶେଷ ଦିନରେ ଆମେ ଭଗବାନଙ୍କଠାରୁ ଏକ ବିଶେଷ ଉପହାର ପାଇଛୁ। ଆପଣ ସମସ୍ତଙ୍କର ଭଲପାଇବା ଏବଂ ଆଶୀର୍ବାଦ ଆବଶ୍ୟକୟ ଉଲ୍ଲେଖଯୋଗ୍ୟ, ବିଷ୍ଣୁ ବିଶାଲ ପୂର୍ବରୁ ୨୦୧୧ ମସିହାରେ ରଜନୀ ନଟରାଜଙ୍କୁ ବିବାହ କରିଥିଲେ। ୨୦୧୭ ମସିହାରେ ସେମାନଙ୍କର ପୁଅ ଆରୟନ ଜନ୍ମ ହୋଇଥିଲା ଏବଂ ୨୦୧୮ ମସିହାରେ ଉଭୟ ଛାଡପତ୍ର ନେବାକୁ ନିଷ୍ପତ୍ତି ନେଇଥିଲେ। ଏହା ପରେ, ଅଭିନେତା ୨୨ ଏପ୍ରିଲ, ୨୦୨୧ରେ ହାଇଦ୍ରାବାଦରେ ବ୍ୟାଡମିଣ୍ଟନ ଷ୍ଟାର ଜ୍ୱାଳା ଗୁଟ୍ଟାଙ୍କୁ ବିବାହ କରିଥିଲେ।

## ଅବିନାଶୀ ଆତ୍ମା



ଅନ୍ତବନ୍ତ ଇମେ ଦେହା ନିତ୍ୟସ୍ୟୋକାଃ ଶରୀରିଣଃ। ଅନାଶିନୋ ଅପ୍ରମେୟସ୍ୟ ତସ୍ମାଦ୍ଯୁଧ୍ୟସ୍ୱ ଭାରତ।" ଶ୍ରୀମଦ୍ ଭଗବତ ଗୀତାରେ ଭଗବାନ ଶ୍ରୀକୃଷ୍ଣ କହୁଛନ୍ତି, ଅବିନାଶୀ ଅର୍ଥାତ୍ ଯାହାର ବିନାଶ କରାଯାଇପାରିବ ନାହିଁ, ଅପ୍ରମେୟ ଅର୍ଥାତ ଯାହାର ପ୍ରମାଣ କରିବା ସମ୍ଭବ ନୁହେଁ, ସେହି ନିତ୍ୟସ୍ୱରୂପ ଆତ୍ମା ବାସ କରୁଥିବା ପ୍ରତ୍ୟେକ ଶରୀର ନାଶବାନ ଅଟେ। ସେଥିପାଇଁ ହେ ଭରତବଂଶୀ ଅର୍ଜୁନ, ତୁମେ ଯୁଦ୍ଧ କର। ଆତ୍ମା ହିଁ ଅମୃତ ଅଟେ। ଆତ୍ମା ହିଁ ଅବିନାଶୀ ଅଟେ। ତିନି ଲୋକରେ ଆତ୍ମାକୁ କେବେହେଲେ ନାଶ କରାଯାଇପାରିବ ନାହିଁ। ତେଣୁ ଆତ୍ମା ହିଁ ସତ୍ ଅଟେ। କିନ୍ତୁ ଶରୀର ନାଶବାନ, ଏହା ହେଉଛି ଅସତ୍ୟ, ଯାହାର ତିନି ଲୋକରେ କେଉଁଠି ହେଲେ ଅସ୍ତିତ୍ୱ ନାହିଁ। ତେଣୁ ତୁମେ ଯୁଦ୍ଧ ହିଁ କର। ଭଗବାନ ଏ ଯେଉଁ ଆଦେଶ ଅର୍ଜୁନଙ୍କୁ ଦେଇଛନ୍ତି, ତା'ର ଅର୍ଥ ନୁହେଁ ଯେ ସେ କେବଳ କୌରବମାନଙ୍କୁ ବଧ କରିବା ଲାଗି ପାଣ୍ଡୁପୁତ୍ରଙ୍କୁ କହୁଛନ୍ତି। ପାଣ୍ଡବ ପକ୍ଷରେ ମଧ ଶରୀର ଅଛନ୍ତି। ପାଣ୍ଡବଙ୍କ ଶରୀର କ'ଣ ଅବିନାଶୀ? ଯଦି ଶରୀର ଅବିନାଶୀ, ତା'ହେଲେ ଶ୍ରୀକୃଷ୍ଣ କାହାର ସୁରକ୍ଷା ପାଇଁ ଛିଡ଼ା ହୋଇଥିଲେ? ଅର୍ଜୁନ କ'ଣ ଅନ୍ୟକୌଣସି ଶରୀରଧାରୀ ଥିଲେ? ଶରୀର ଯାହା ଅସତ୍, ଯାହାର ଅସ୍ତିତ୍ୱ ନାହିଁ, ଯାହାକୁ ସୁରକ୍ଷା କରି ରଖିବା ସମ୍ଭବ ନୁହେଁ, ଶ୍ରୀକୃଷ୍ଣ କ'ଣ ସେହି ଶରୀରର ସୁରକ୍ଷା ପାଇଁ ସେଠାରେ ଉପସ୍ଥିତ ଥିଲେ? ତା'ହେଲେ ଶ୍ରୀକୃଷ୍ଣଙ୍କର କ'ଣ ଜ୍ଞାନ ନଥିଲା? ଏହି ପ୍ରଶ୍ନର ଉତ୍ତର ଶ୍ରୀକୃଷ୍ଣ ନିଜେ ହିଁ କହିଛନ୍ତି। ସେ କହିଛନ୍ତି, ଯିଏ କେବଳ ଶରୀର ପାଇଁ ପରିଶ୍ରମ କରିଥାଏ, ସେ ଅବିବେକୀ ଏବଂ ମୂଢ଼ ବୁଦ୍ଧି ଅଟେ। ତେଣୁ ଅର୍ଜୁନ କ'ଣ ଥିଲେ? ବସ୍ତୁତଃ ଅନୁରାଗ ହିଁ ଅର୍ଜୁନ ଅଟେ। ଅନୁରାଗୀ ବ୍ୟକ୍ତି ପାଇଁ ଇଷ୍ଟଦେବ ସର୍ବଦା ରଥୀ ହୋଇ ଛିଡ଼ା ହୋଇ ରହିଥା'ନ୍ତି। ମନୁଷ୍ୟ ଖାଲି ଶରୀର ନୁହେଁ, ଶରୀର ତ' ବାହ୍ୟ ଆବରଣ। ଏହି ଶରୀର ଦିନେ ଚାଲିଯିବ, ଆତ୍ମା ଆଉ ଏକ ଶରୀର ଧାରଣ କରିବ। ଏହି ସମ୍ପର୍କରେ ଶ୍ରୀକୃଷ୍ଣ ଗୀତାରେ କହିସାରିଛନ୍ତି- ଯେପରି ବାଲ୍ୟକାଳରୁ ଯୁବାବସ୍ଥା ଏବଂ ପରେ ବୃଦ୍ଧାବସ୍ଥା ଆସିଥାଏ, ସେହିପରି ଦେହାନ୍ତର(ମୃତ୍ୟୁ)ର ପ୍ରାପ୍ତି ମଧ ହୋଇଥାଏ। ଏ ଶରୀର ଚାଲିଗଲେ, ଜୀବାତ୍ମା ନୂଆ ବସ୍ତ୍ର ଧାରଣ କରିବ।


# ମଙ୍ଗଳସୂତ୍ରର ମହତ୍ତ୍ୱ



ମଙ୍ଗଳସୂତ୍ର ଧାରଣ କରିବା ଏକ ପରମ୍ପରା ଭାବେ ବହୁ ପୁରାତନ ସମୟରୁ ପାଳନ ହୋଇଆସୁଛି । ମଙ୍ଗଳସୂତ୍ରକୁ ବିବାହର ଓ ସ୍ୱାମୀଙ୍କର ଏକ ପ୍ରତୀକ ବୋଲି କୁହାଯାଏ । ବିବାହ ପରେ ସଧବା ନାରୀମାନେ ମଙ୍ଗଳସୂତ୍ରକୁ ଶ୍ରଦ୍ଧାପୂର୍ବକ ଧାରଣ କରି ଥାଆନ୍ତି। ଏହା ଷୋହଳ ଶୃଙ୍ଗାର ମଧ୍ୟରୁ ଗୋଟିଏ ଅଟେ । ମାତ୍ର ଏହା କେବଳ ଏକ ଗହଣା ନୁହେଁ, ଏଥିରେ ବହୁ ଚମତ୍କାରୀ ଓ ଲାଭଦାୟକ ଗୁଣ ମଧ ରହିଛି ।

ମଙ୍ଗଳସୂତ୍ର ଧାରଣ କରିବାର ବୈଜ୍ଞାନିକ ମହତ୍ତ୍ୱ-
ବୈଜ୍ଞାନିକ ଦୃଷ୍ଟିକୋଣରୁ କୁହାଯାଏ ଯେ, ମଙ୍ଗଳସୂତ୍ର ସୁନା ଅଥବା ଚାନ୍ଦି ଓ କଳା ମୋତିରେ ନିର୍ମିତ ହୋଇଥାଏ। ଦୁଇଟି ଧାତୁ ଚାନ୍ଦି ଓ ସୁନା ମହିଳାଙ୍କ ହୃଦୟକୁ ସୁସ୍ଥ ରଖିଥାଏ । ଏହି ଧାତୁ କାରଣରୁ ନାରୀମାନଙ୍କ ରକ୍ତଚାପ ସଠିକ ରହିଥାଏ। ମଙ୍ଗଳସୂତ୍ରରେ ଥିବା ସୁନା ଶକ୍ତି ଓ ତେଜର ପ୍ରତୀକ । ତେଣୁ ସୁନା ଧାରଣ କରିବା ଦ୍ୱାରା ମହିଳାଙ୍କୁ ଶକ୍ତି ମିଳିଥାଏ। ମଙ୍ଗଳସୂତ୍ରରେ ଥିବା କଳା ମୋତି ବାୟୁଜନିତ ରୋଗରୁ ରକ୍ଷା କରିବା ପାଇଁ ଶକ୍ତି ପ୍ରଦାନ କରିଥାଏ । ମଙ୍ଗଳସୂତ୍ର ଧାରଣ କରିବା ଦ୍ୱାରା ମହିଳାଙ୍କ ଶରୀରରେ ସକରାତ୍ମକ ଶକ୍ତି ରହିବା ସହ ସେ ନିଜକୁ ଶକ୍ତିଶାଳୀ ଅନୁଭବ କରିଥାଆନ୍ତି । ମଙ୍ଗଳସୂତ୍ରର ଧାର୍ମିକ ମହତ୍ତ୍ୱ ଓ ଏହା ସହ ଜଡ଼ିତ ମାନ୍ୟତା-
ହିନ୍ଦୁ ଧର୍ମର ପରମ୍ପରା ଅନୁଯାୟୀ ବିବାହ ପରେ ମହିଳାମାନେ ବିଭିନ୍ନ ଶୃଙ୍ଗାର ଦ୍ରବ୍ୟ ବ୍ୟବହାର କରିଥାଆନ୍ତି । ଏହାସହ ବହୁ ଗହଣା ପିନ୍ଧିବାର ମଧ ଆବଶ୍ୟକତା ଥାଏ । ମଙ୍ଗଳସୂତ୍ର ମଧ ସେହି ଗହଣା ମଧ୍ୟରୁ ଗୋଟିଏ । ମଙ୍ଗଳସୂତ୍ର କଳା ମୋତି ଓ ସୁନାର ଲକେଟକୁ ନେଇ ତିଆରି କରାଯାଏ । ଏହା ଅଖଣ୍ଡ ସୌଭାଗ୍ୟର ପ୍ରତୀକ କାରଣ ନାରୀଟି ନିଜ ସ୍ୱାମୀଙ୍କ ଦ୍ୱାରା ହିଁ ବିବାହ ସମୟରେ ମଙ୍ଗଳସୂତ୍ର ପିନ୍ଧିଥାଏ । ମଙ୍ଗଳସୂତ୍ରରେ ଥିବା କଳା ମୋତି ନାରୀମାନଙ୍କୁ ନକରାତ୍ମକ ଦୃଷ୍ଟିରୁ ରକ୍ଷା କରିଥାଏ ।

# ଈଶ୍ୱରଙ୍କ ପ୍ରକୃତ ଉପାସନା



କୌଣସି ଦେବାଦେବୀଙ୍କୁ ପ୍ରସନ୍ନ କରିବା ଲାଗି ମୂଲ୍ୟବାନ ଧନରତ୍ନ ଦାନ କରିବାର ଆବଶ୍ୟକତା ନାହିଁ କିମ୍ବା ଅନେକ ଟଙ୍କା ଖର୍ଚ୍ଚ କରି ପୂଜାର୍ଚ୍ଚନା ମଧ କରିବା ଦରକାର ନାହିଁ । କେବଳ ସେହି ଦେବତାଙ୍କୁ ଖୁବ୍ ସରଳ ଭାବେ ନିଜ ହୃଦୟରେ ସ୍ମରଣ କରିବା ଆବଶ୍ୟକ । ଆମେ କୌଣସି ମାତୃଶକ୍ତିଙ୍କୁ ପ୍ରସନ୍ନ କରିବା ପୂର୍ବରୁ ପ୍ରଥମେ ନିଜ ଜନ୍ମଦାତ୍ରୀ ମାତାଙ୍କୁ ପ୍ରସନ୍ନ କରିବା ଆବଶ୍ୟକ । ମା'ର ସ୍ଥାନ ବହୁ ଉପରେ । ଧର୍ମଗ୍ରନ୍ଥରେ କୁହାଯାଇଛି ଯେ ଜନ୍ମଭୂମି ଏବଂ ଜନ୍ମ ମାଟି ସ୍ୱର୍ଗଠାରୁ ମଧ ଶ୍ରେଷ୍ଠ । ନିକିତିର ଗୋଟିଏ ପାର୍ଶ୍ୱରେ ସ୍ୱର୍ଗ ସୁଖ ଏବଂ ଅନ୍ୟ ପାର୍ଶ୍ୱରେ ମା'ର ମମତାକୁ ତଉଲିଲେ, ମମତା ଥିବା ପାର୍ଶ୍ୱଟି ଅଧିକ ଭାରୀ ହେବ । ଛୋଟ ଛୋଟ କଥାରେ ମା'କୁ ଅପମାନିତ କରି ହଜାର ଥର ଦେବୀ ଧାମ ଗଲେ ବି କିଛି ଫଳ ମିଳିବ ନାହିଁ । ଆତ୍ମୀୟସ୍ୱଜନଙ୍କ ଅଧିକାର ଛଡ଼ାଇ ନେବା, ଅନ୍ୟାୟପୂର୍ବକ ଅନ୍ୟର ଭାଗ ହାତେଇନେବା ପରେ ଯଜ୍ଞ-ହୋମ କରିବାରେ କୌଣସି ଲାଭ ନାହିଁ । ଏପରି କରୁଥିବା ଲୋକ ଯଜ୍ଞ-ହୋମ, ପୂଜାପାଠ କଲେ, ତା'ର ଓଲଟା ଫଳ ପାଇପାରେ । ଏପରି ଲୋକ ଯାହାର ଅଧିକାର ଛଡ଼ାଇ ନେଇଥିବ ପୁଣ୍ୟ ଫଳ ତା'କୁ ହିଁ ମିଳିଯିବ ।
ଅନେକ ଲୋକ କହିଥାନ୍ତି, ବହୁତ ତୀର୍ଥଯାତ୍ରା କଲି, ଯଜ୍ଞ-ଅନୁଷ୍ଠାନ କଲି, କିନ୍ତୁ କିଛି ଲାଭ ମିଳିଲା ନାହିଁ । ଆରେ! ଫଳ ତ' ମିଳିସାରିଛି । ହେଲେ ତୁମକୁ ନୁହେଁ, ଯାହା ପ୍ରତି ତୁମେ ଅନ୍ୟାୟ କରିଛ, ତା'କୁ! ଅନ୍ୟ କୌଣସି ସମ୍ବଳ ଦ୍ୱାରା ଭଗବାନଙ୍କୁ ପ୍ରଭାବିତ କରିହେବ ନାହିଁ । କାରଣ ସେ ସବୁକିଛି ଜାଣନ୍ତି । ତୁମେ ତାଙ୍କୁ ପ୍ରଲୋଭିତ କରିପାରିବ କି? ଈଶ୍ୱରଙ୍କୁ ପାଇବାକୁ ହେଲେ କେବଳ ଉତ୍ତମ ଆଚରଣ କରିବାକୁ ପଡ଼ିବ, ପ୍ରଲୋଭନ ନୁହେଁ । ଗୋଟିଏ ଲୋଟା ଜଳ ହେଲେ ଭଗବାନ ଶଙ୍କରଙ୍କୁ ପ୍ରସନ୍ନ କରିହେବ । କୁଟିଳତାର ପରିଚୟ ଦେଉଥିବା ଲୋକଟି ଯଦି ଚାହେଁ ଯେ ସମସ୍ତେ ତା'କୁ ଭଲ ପାଆନ୍ତୁ ବୋଲି, ତାହା କିପରି ସମ୍ଭବ ହେବ?
ଯଜ୍ଞ-ଅନୁଷ୍ଠାନ ଏବଂ ଦାନ କରିବା ତ' ଠିକ୍ ଅଛି । ତେବେ ମନ୍ଦ ଉଦ୍ଦେଶ୍ୟ ନେଇ ଏସବୁ କରିବା ଅନୁଚିତ୍ । ପ୍ରେମ, ସହଯୋଗ, ସଦ୍ଭାବ, କରୁଣା ଆଦି ବାଣ୍ଟିଲେ, ପରିବାର ଏବଂ ସମାଜରେ ଅଧିକ ଖୁସି ମିଳିପାରିବ । ସମାଜରେ ବ୍ୟକ୍ତିର ସମ୍ମାନ ବୃଦ୍ଧି ପାଇବ । ଉତ୍ତମ ସଂସ୍କାର ପ୍ରତି ସମର୍ପଣ ଭାବ ନେଇ ପୂଜା-ପାଠ କରିବା ଉଚିତ୍ । ଚାକିରି, ଜମି-ବାଡ଼ି, ଝଗଡ଼ା, ମୋକଦ୍ଦମା ଆଦିରେ ବିଜୟ ହାସଲ କରିବା ଲାଗି ପୂଜାର୍ଚ୍ଚନା କରିବାରୁ କ'ଣ ଲାଭ ମିଳିବ? କେବଳ ସ୍ୱାର୍ଥ ହାସଲ ପାଇଁ ଏସବୁ କରିବା କ'ଣ ଉଚିତ୍? ମନ୍ଦିର ଯାଉଥିବା ସମୟରେ ଆହତ ବ୍ୟକ୍ତି ଦେଖିଲେ ଛାଡ଼ି ଦେଇ ଦିଅଁ ଦର୍ଶନ ପାଇଁ ଯିବା ହୃଦୟହୀନତା । ଅତଏବ୍ ନିଜ କାର୍ଯ୍ୟ, ଚିନ୍ତାଧାରା, ଚାଲିଚଳନକୁ ସତ୍‌ମାର୍ଗରେ ପରିଚାଳିତ କଲେ ଭଗବାନଙ୍କ କୃପା ଲାଭ ହୋଇଥାଏ । ସେଥିପାଇଁ ଧର୍ମାତ୍ମା ହେବାର ଆତ୍ମପ୍ରଚାର, ଆଡ଼ମ୍ବର ଆଦି ନକାରାତ୍ମକ ମାନସିକତାର ପରିଚାୟକ ବୋଲି ବିଦ୍ୱାନମାନେ କହିଛନ୍ତି ।

## ପିଲାଙ୍କ ଷ୍ଟଡି ରୁମରେ ଥିବା ଜିନିଷ ପ୍ରତି ରଖନ୍ତୁ ଧ୍ୟାନ



ବାସ୍ତୁ ଶାସ୍ତ୍ର ଅନୁସାରେ ପାଠପଢ଼ାରେ ମନ ଲଗାଇବା ଏବଂ କ୍ୟାରିୟର ବନାଇବା ପାଇଁ ଧ୍ୟାନ କେନ୍ଦ୍ରିତ କରିବା ସବୁଠୁ ଅଧିକ ଜରୁରୀ। ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପାଠପଢ଼ା ରୁମ୍ ଅର୍ଥାତ୍ ଷ୍ଟଡି ରୁମ୍ ଠିକ ଭାବେ ବ୍ୟବସ୍ଥିତ କରିବା ଉଚିତ୍। ଘରେ ବାସ୍ତୁ ଦୋଷ ହେବା ଦ୍ୱାରା ନକରାତ୍ମକତା ବଢ଼ିଥାଏ ଏବଂ ମନର ଏକାଗ୍ରତା ବଜାୟ ରହିପାରେ ନାହିଁ। ଯାହା ଦ୍ୱାରା ମାନସିକ ଚିନ୍ତା ବଢ଼ିଥାଏ ଏବଂ ପାଠପଢ଼ାରେ ଆଗ୍ରହ ବଢ଼ିଥାଏ। ବାସ୍ତୁ ଅନୁସାରେ ଷ୍ଟଡି ରୁମରେ କିଛି କଥା ପ୍ରତି ଧ୍ୟାନ ରଖି ପାଠପଢ଼ାରେ ମନ ଲଗାଯାଇପାରିବ।
ବାସ୍ତୁ ଅନୁସାରେ ପିଲାଙ୍କ ଷ୍ଟଡି ରୁମ୍ ଉତ୍ତର, ପୂର୍ବ କିମ୍ବା ଉତ୍ତର-ପୂର୍ବ ଦିଗରେ ହେବା ଉଚିତ୍।
ଷ୍ଟଡି ରୁମରେ ବହି ଆଲମାରି ପୂର୍ବ କିମ୍ବା ଉତ୍ତର ଦିଗରେ ହେବା ଉଚିତ୍। ଯଦି ଜାଗା ଅଭାବରେ ବେଡରୁମରେ ପାଠ ପଢ଼ିବାର ଅଛି ତେବେ ପଢ଼ିବା ସମୟରେ ପୂର୍ବ କିମ୍ବା ଉତ୍ତର ଦିଗରେ ମୁହଁ କରିବା ଉଚିତ୍।
ବାସ୍ତୁ ଅନୁସାରେ ପାଠପଢ଼ା ସମୟରେ ଦକ୍ଷିଣ ଆଡ଼କୁ ମୁହଁ କରନ୍ତୁ ନାହିଁ। କାରଣ ଏହା ଦ୍ୱାରା ଅଗ୍ନି ତତ୍ତ୍ୱର ପ୍ରାଧାନ୍ୟ ହେବା ଦ୍ୱାରା ପିଲା ଅନୁଶାସନହୀନ ହୋଇପାରନ୍ତି।
ଷ୍ଟଡି ଟେବୁଲରେ ଗ୍ଲୋବ୍ କିମ୍ବା ତମ୍ବାର ପିରାମିଡ ରଖିବା ଦ୍ୱାରା ଲାଭ ହୋଇଥାଏ। ଏହା ଦ୍ୱାରା ନକରାତ୍ମକ ଶକ୍ତି ଦୂର ହୋଇଥାଏ ଏବଂ ପାଠପଢ଼ା ପ୍ରତି ଧ୍ୟାନ କେନ୍ଦ୍ରିତ ହୋଇଥାଏ।
ଷ୍ଟଡି ରୁମରେ ଟିଭି, ଭିଡିଓ ଗେମ୍ ଏବଂ ସିଡି ପ୍ଲେୟର ଭଳି ବସ୍ତୁ ନ ରଖିବା ଉଚିତ୍। ଏହି ଜିନିଷଗୁଡ଼ିକ ଦ୍ବାରା ପାଠପଢ଼ା ପ୍ରତି ଆଗ୍ରହ କମିଥାଏ।
ଷ୍ଟଡି ରୁମରେ ପାନୀୟ ଜଳ, ଘଣ୍ଟା ଉତ୍ତର କିମ୍ବା ପୂର୍ବ ଦିଗରେ ରଖିବା ଉଚିତ୍।
ଷ୍ଟଡି ରୁମରେ ଗଣେଶ ଏବଂ ମାତା ସରସ୍ବତୀଙ୍କ ଫଟୋ ମଧ୍ୟ ଲଗାଇବା ଉଚିତ୍।
ଯେଉଁ ପିଲାଙ୍କ ପାଠପଢ଼ାରେ ମନ ଲାଗିନଥାଏ ସେମାନଙ୍କ ରୁମରେ ମୟୁର ପଙ୍ଖ ରଖନ୍ତୁ।

ମହାଭାରତ
ନଗରନକ୍ସା
ମହାନଗରର ନିଜ ଭାଷା



# ‘ୱାନ୍ ନେସନ-ୱାନ୍ ଇଲେକ୍ସନ’ କର୍ମଶାଳା




ଭୁବନେଶ୍ୱର,୨୪।୪ (ମହାଭାରତ): ‘ଗୋଟିଏ ରାଷ୍ଟ୍ର - ଗୋଟିଏ ନିର୍ବାଚନ’ କେବଳ ନିର୍ବାଚନ ଖର୍ଚ୍ଚ ଏବଂ ଆଚରଣ ସଂହିତା ବିଷୟରେ ସୀମିତ ହୋଇ ରହିନାହିଁ ବରଂ ଏହା ଦେଶର ରାଜନୈତିକ ସ୍ଥିରତା, ସୁଶାସନ ଏବଂ ବିକାଶର ନୂଆ। ଦିଶା ଦେଖାଇବାର ମାଧ୍ୟମ ଅଟେ ବୋଲି ବୁଧବାର ନୂଆଦିଲ୍ଲୀ ସ୍ଥିତ ଡା. ଆମ୍ବେଦକର ଇଣ୍ଟରନ୍ୟାସନାଲ ସେଣ୍ଟରରେ ’ୱାନ୍ ନେସନ୍ - ୱାନ୍ ଇଲେକ୍ସନ’ ବିଷୟ ଉପରେ ଆୟୋଜିତ କର୍ମଶାଳାରେ ଦେଶର ଯୁବବର୍ଗଙ୍କ ସହ ଆଲୋଚନା କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଦେଶର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏହି ବିଷୟ ଏବେ ଆଇନ ଏବଂ ରାଜନୈତିକ ଚର୍ଚ୍ଚା ପରିସରରୁ ବାହାରି ଦେଶର ପ୍ରମୁଖ ଏଜେଣ୍ଡାର ଅଂଶବିଶେଷ ହୋଇଛି । କିଛି ବି ବଡ ରାଜନୈତିକ ନିଷ୍ପତିକୁ ନିର୍ଣ୍ଣାୟକ ସ୍ତର ପର୍ଯ୍ୟନ୍ତ ପହଞ୍ଚାଇବା ପାଇଁ ନୀତି, ଯୋଜନା, ରାଜନୀତି ଏବଂ ସବୁଠୁ ମହତ୍ୱପୂର୍ଣ୍ଣ - ଜନଭାଗିଦାରୀ ଆବଶ୍ୟକ । ଏହି ଭାବନା ସହ ଆଜି ଆମେ ଏହି କର୍ମଶାଳାରେ ଏକାଠି ହୋଇଛୁ। ଯେତେବେଳେ ପ୍ରଧାନମନ୍ତ୍ରୀ ମୋଦୀ କହୁଛନ୍ତି, ଏହି ସମୟ ହିଁ, ଭାରତର ସମୟ। ସେହି ବିଷୟକୁ ନେଇ ବିରୋଧୀଙ୍କ ନକରାତ୍ମକ ଟିପ୍ପଣୀ ଦୁର୍ଭାଗ୍ୟପୂର୍ଣ୍ଣ । ସେମାନଙ୍କ ଏହି ମନ୍ତବ୍ୟ କେବଳ ଦେଶର ସାମ୍ବିଧାନିକ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁନାହିଁ ବରଂ ଜନାଦେଶକୁ ମଧ ହତାଦର କରୁଛି। ବିରୋଧୀଙ୍କ ଏହି ନକରାତ୍ମକ ରାଜନୀତି ଦୁର୍ଭାଗ୍ୟଜନକ। ସମ୍ବିଧାନର କଥା କହୁଥିବା ଲୋକମାନେ ସମ୍ବିଧାନକୁ ସବୁଠୁ ଅଧିକ କ୍ଷତି ପହଞ୍ଚାଉଛନ୍ତି ।

କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ ୧୯୬୭ ପରେ ଯେତେବେଳେ ଲୋକଙ୍କର ଆକାଂକ୍ଷାଗୁଡିକୁ ଉପେକ୍ଷା କରାଗଲା, ସେତେବେଳେ କଂଗ୍ରେସ ଜୋଡତୋଡ୍ ରାଜନୀତିକୁ ଆଗକୁ ବଢାଇବାରେ ସହାୟକ ହୋଇଥିଲା। ଆଜି ସାମାନ୍ତବାଦୀ ଚିନ୍ତାଧାରାରେ ଗ୍ରସିତ ଏହି ଲୋକମାନେ ତୃତୀୟ ଥର ପ୍ରଧାନମନ୍ତ୍ରୀ ମୋଦୀଙ୍କ ସରକାରକୁ ଜନତାଙ୍କ ଦ୍ୱାରା ମିଳିଥିବା ଜନାଦେଶକୁ ସ୍ୱୀକାର କରିପାରୁନାହାନ୍ତି। ଆଜିର ସମୟ ହୋଇଛି, ଗଣତନ୍ତ୍ର ବ୍ୟବସ୍ଥାକୁ ସଶକ୍ତ କରିବା ଏବଂ ଗୋଟିଏ ରାଷ୍ଟ୍ର - ଗୋଟିଏ ନିର୍ବାଚନକୁ ଜନ ଅଭିଯାନ, ଜନସମ୍ବାଦ ଏବଂ ଜନ ଆନ୍ଦୋଳନରେ ପରିଣତ କରିବା। ଗୋଟିଏ ରାଷ୍ଟ୍ର, ଗୋଟିଏ ନିର୍ବାଚନ ବିକଶିତ ଭାରତ କଳ୍ପନାର ଆଧାରଶୀଳା, ଯାହା ସଶକ୍ତ ଏବଂ ସ୍ଥିର ଭାରତ ପାଇଁ ନିର୍ଣ୍ଣାୟକ ସାବ୍ୟସ୍ତ ହେବ।

# ବିଭିନ୍ନ ନିଗମର ଲାଭାଂଶ ସରକାରଙ୍କୁ ପ୍ରଦାନ

ଭୁବନେଶ୍ୱର,୨୪।୪ (ମହାଭାରତ): ରାଜ୍ୟ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଅଧୀନସ୍ଥ ଓଡ଼ିଶା କୃଷି ଶିଳ୍ପ ନିଗମ, ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ଏବଂ ଶକ୍ତି ବିଭାଗ ଅଧିନସ୍ଥ ଓଡ଼ିଶା ଜଳ ବିଦ୍ୟୁତ ନିଗମ (ଓଏଚପିସି) ଏବଂ ଓଡ଼ିଶା ଶକ୍ତି ଉତ୍ପାଦନ ନିଗମ (ଓପିଜିସି) ପକ୍ଷରୁ ରାଜ୍ୟ ସରକାରଙ୍କୁ ଲାଭାଂଶ ପ୍ରଦାନ କରାଯାଇଛି।

ଓଡ଼ିଶା କୃଷି ଶିଳ୍ପ ନିଗମ ୨୦୨୨-୨୩ ବର୍ଷର ଲାଭାଂଶ ବାବଦକୁ ୧ କୋଟି ୩୫ ଲକ୍ଷ ୭୮ ହଜାର ୫୦୨ ଟଙ୍କା ଏବଂ ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ୪୬ ଲକ୍ଷ ୫୧ ହଜାର ୨୦୦ ଟଙ୍କା ପ୍ରଦାନ କରିଛନ୍ତି। ସେହିପରି, ଓଡ଼ିଶା ଶକ୍ତି ଉତ୍ପାଦନ ନିଗମ ପକ୍ଷରୁ ୨୦୨୩-୨୪ ବର୍ଷର ଲାଭାଂଶ ଯୋଗୁଁ ୧୧୧ କୋଟି ୮୨ ଲକ୍ଷ ୪୮ ହଜାର ୭୦୦ ଟଙ୍କା ଏବଂ ଓଡ଼ିଶା ଜଳ ବିଦ୍ୟୁତ ନିଗମ ପକ୍ଷରୁ ୯୨ କୋଟି ୨୧ ଲକ୍ଷ ୯୧ ହଜାର ୯୧୧ ଟଙ୍କାର ଚେକ୍ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି।

ଓଡ଼ିଶା କୃଷି ଶିଳ୍ପ ନିଗମ ୨୦୧୫-୧୬ ବର୍ଷ ଠାରୁ ଏବଂ ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ୧୯୯୫-୯୬ ଠାରୁ ଏହି ଲାଭାଂଶ ପ୍ରଦାନ କରୁଛନ୍ତି। ଓଡ଼ିଶା କୃଷି ଶିଳ୍ପ ନିଗମ ବାର୍ଷିକ ହାରାହାରି ୮୦୦ ରୁ ୯୦୦ କୋଟି ଟଙ୍କାର ସାର, କୃଷି ଯନ୍ତ୍ରପାତି, ଟ୍ରାକ୍ଟର, ଧାନ ଅମଳ ଯନ୍ତ୍ର, ଧାନବୁଣା ଯନ୍ତ୍ର ଇତ୍ୟାଦି ସରକାରଙ୍କ ଧାର୍ଯ୍ୟ ରିହାତି ଦରରେ ଚାଷୀମାନଙ୍କୁ ଯୋଗାଇ ଦେଉଛି। ରାଜ୍ୟ କାଜୁ ଉନ୍ନୟନ ନିଗମର ପ୍ରଚେଷ୍ଟା ଯୋଗୁ ଓଡ଼ିଶା ବର୍ତ୍ତମାନ ଦେଶରେ କାଜୁ ଉତ୍ପାଦନରେ ଓ କାଜୁ ଉଦ୍ୟାନର କ୍ଷେତ୍ରଫଳରେ ଦେଶରେ ସର୍ବଶ୍ରେଷ୍ଠ ହୋଇପାରିଛି। ଓଡ଼ିଶା ଜଳ ବିଦ୍ୟୁତ ନିଗମ ଏବଂ ଓଡ଼ିଶା ଶକ୍ତି ଉତ୍ପାଦନ ନିଗମ ଓଡ଼ିଶାର ଶକ୍ତି ଆବଶ୍ୟକତାର ପ୍ରାୟ ୪୫ ପ୍ରତିଶତ ପ୍ରଦାନ କରି ରାଜ୍ୟର ଶକ୍ତି ଉତ୍ପାଦନ ଓ ଯୋଗାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ଲୋକସେବା ଭବନ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପ ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ଏହି ଅବସରରେ ଉପସ୍ଥିତ ଥିଲେ। କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ପ୍ରମୁଖ ଶାସନ ସଚିବ ଡକ୍ଟର ଅରବିନ୍ଦ ପାଢ଼ୀ ଏବଂ ଶକ୍ତି ବିଭାଗ ପକ୍ଷରୁ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ ମୁଖ୍ୟମନ୍ତ୍ରୀଙ୍କୁ ଏହି ଚେକ୍ ପ୍ରଦାନ କରିଥିଲେ।

# ଆତଙ୍କବାଦୀ ଆକ୍ରମଣକୁ ନିନ୍ଦା




ଭୁବନେଶ୍ୱର,୨୪।୪ (ମହାଭାରତ): ପହଲଗାଓଁ ଆତଙ୍କବାଦୀ ଆକ୍ରମଣକୁ ନେଇ ହିନ୍ଦୁ ଜାଗରଣ ମଂଚ, ଭୁବନେଶ୍ୱର ତରଫରୁ ବୁଧବାର ଦିନ ଏକ ଶ୍ରଦ୍ଧାଞ୍ଜଳି ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇ ଯାଇଛି । ଆତଙ୍କବାଦୀଙ୍କ ଗୁଳିରେ ନିହତ ଭାରତୀୟଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବା ସହିତ ଓ ଆତଙ୍କବାଦୀଙ୍କ ବିରୋଧରେ ଏକଜୁଟ ହେବାକୁ ମଂଚ ତରଫରୁ ସାରା ସମାଜକୁ ଆହ୍ୱାନ ଦିଆଯାଇଛି। ଏହି ଅବସରରେ ମଂଚ ତରଫରୁ ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ମଧ ପ୍ରଦାନ କରାଯାଇଛି। ପହଲଗାଓଁ ଆତଙ୍କବାଦୀ ଆକ୍ରମଣକୁ ନେଇ ସାରା ଦେଶ ସ୍ତବ୍ଧ । ଜାଣିଶୁଣି ଭାରତୀୟ ହିନ୍ଦୁ ସମାଜକୁ ଭୟଭୀତ କରିବାକୁ ହୋଇଥିବା ଏହି ଜଘନ୍ୟ କାଣ୍ଡକୁ ଯେତେ ନିନ୍ଦା କଲେ ବି କମ୍ । ଆତଙ୍କବାଦୀମାନେ ପର୍ଯ୍ୟଟକଙ୍କୁ ସେମାନଙ୍କ ଧର୍ମ କଣ ପଚାରି ସେହି ଆଧାରରେ ହତ୍ୟା କରିଛନ୍ତି। ଏଥିଲାଗି ସେମାନେ ବସ୍ତ୍ର ଖୋଲି ଯାଂଚ ମଧ କରିଛନ୍ତି । ଯାହା ଅତ୍ୟନ୍ତ ଘୃଣ୍ୟ ଓ କ୍ଷୋଭର ବିଷୟ। ଆତଙ୍କବାଦୀ, ସେମାନଙ୍କୁ ପ୍ରୋତ୍ସାହନ ଦେଉଥିବା ଶକ୍ତି,ତାଛଡ଼ା ଦେଶ ଭିତରେ ଏମାନଙ୍କୁ ସମର୍ଥନ ଦେଉଥିବା ବ୍ୟକ୍ତି ଓ ଗୋଷ୍ଠୀ ବିରୋଧରେ ମଧ ଦୃଢ଼ ପଦକ୍ଷେପ ନେବାକୁ ମଂଚ ତରଫରୁ ଦାବି କରାଯାଇଛି। ରମେଶ ଜେନାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ତନ୍ମୟ କୁମାର ଦାଶ,ଶାନ୍ତି ସ୍ୱରୂପ ସ୍ୱାଇଁ, ସତ୍ୟ ସ୍ୱାଗତ ସାହୁ, ଯାଜ୍ଞବଲକ୍ୟ ମହାନ୍ତି, ସୁବ୍ରତ୍ର ତ୍ରିପାଠି, ଜୟକୃଷ୍ଣ ପୃଷ୍ଟି, ନମ୍ରତା ଚଢା, ଡମ୍ବରୁଧର ଜୟସିଂ ପ୍ରମୁଖ ଉପସ୍ଥିତ ରହି ଆତଙ୍କବାଦୀଙ୍କ ବିରୋଧରେ ଦୃଢ ଦକ୍ଷେପ ନେବାକୁ ଦାବି କରିଥିଲେ।

# ଗିରଫ ଛାତ୍ର କଂଗ୍ରେସ ନେତାଙ୍କୁ ଜେଲରେ ଭେଟିଲେ ଓଡ଼ିଶା ପ୍ରଭାରୀ




ଭୁବନେଶ୍ୱର,୨୪।୪ (ମହାଭାରତ): ଗତ ୨୭ ତାରିଖ ଦିନ ବିଧାନସଭା ଘେରାଉ କାର୍ଯ୍ୟକ୍ରମ ଘଟଣାରେ ଅଗଣତାନ୍ତ୍ରିକ ଭାବେ ପୋଲିସ ଦ୍ୱାରା ଗିରଫ ହୋଇ ଝାରପଡ଼ା ସ୍ୱତନ୍ତ୍ର କାରାଗାରରେ ଥିବା କଂଗ୍ରେସ କର୍ମୀ ଓ ଛାତ୍ର ନେତା ମିର୍ଜା ଇସଲାମ ବେଗ, ଚନ୍ଦନ ସାହୁ, ଆସିଫ ଖାନ, ବିଜୟ ସାହୁ ଓ ପ୍ରତୀକ ଦାସଙ୍କୁ ଆଜି ଭେଟିଛନ୍ତି ଓଡ଼ିଶା କଂଗ୍ରେସ ପ୍ରଭାରୀ ଶ୍ରୀ ଅଜୟ କୁମାର ଲଲ୍ଲୁ। ଶ୍ରୀଯୁକ୍ତ ଲଲ୍ଲୁଙ୍କ ସହ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା, ସୁରେଶ କୁମାର ରାଉତରାୟ, ପୂର୍ବତନ ସାଂସଦ ଯଶୋବନ୍ତ ସିଂ ଲାଗୁରି, ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ ଦାଶ, ଯୁବ କଂଗ୍ରେସ ସଭାପତି ରଣଜିତ ପାତ୍ର, ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ସଭାପତି ରାଜୀବ ପଟ୍ଟନାୟକ, ଓଡ଼ିଶା ପ୍ରଭାରୀଙ୍କ ବ୍ୟକ୍ତିଗତ ସଚିବ ମନୋଜ ସିଂ ପ୍ରମୁଖ ବହୁ କଂଗ୍ରେସ ନେତୃବୃନ୍ଦ ସେମାନଙ୍କୁ ଜେଲ ଭିତରେ ଭେଟି ସେମାନଙ୍କ ସହ ଆଲୋଚନା କରିଥିଲେ।

ସେମାନଙ୍କୁ ଭେଟିବା ପରେ ଗଣମାଧ୍ୟମକୁ ସୂଚନା ପ୍ରଦାନ କରି ଓଡ଼ିଶା ପ୍ରଭାରୀ ଶ୍ରୀ ଲଲ୍ଲୁ କହିଥିଲେ ଯେ ଜେଲରେ ଥିବା ଛାତ୍ର ନେତା ଓ କର୍ମୀଙ୍କ ମନୋବଳ ବୃଦ୍ଧି କରିବା ସହ ସେମାନଙ୍କୁ ସାନ୍ତ୍ୱନା ଦେଇଥିଲୁ। ରାଜ୍ୟରେ ୬୪ ହଜାରରୁ ଅଧିକ ମହିଳା ଓ ଶିଶୁ ନିଖୋଜ, ଛାତ୍ରାବାସରେ ରହୁଥିବା ଷଷ୍ଠ, ସପ୍ତମ ଶ୍ରେଣୀ ପଢୁଥିବା ଛାତ୍ରୀ ଗର୍ଭବତୀ ହେବା ବହୁ ମହିଳା ନିର୍ଯ୍ୟାତିତ ଓ ଧର୍ଷଣର ଶିକାର ହେବା ଘଟଣା ଘଟିଛି। ମା’ ମାଉସୀ ମହିଳା ଓ ଶିଶୁମାନଙ୍କ ସୁରକ୍ଷା ନେଇ ମାର୍ଚ୍ଚ ୨୭ ତାରିଖ ଦିନ ପ୍ରଦେଶ କଂଗ୍ରେସ ପକ୍ଷରୁ ବିଧାନସଭା ଘେରାଉ କାର୍ଯ୍ୟକ୍ରମ ଶାନ୍ତି ଶୃଙ୍ଖଳା ସହିତ ଚାଲିଥିବା ବେଳେ ଅମାନୁଷିକ ଭାବେ ପୋଲିସ ଲାଠି ପ୍ରହାର କରିଥିଲା,ପାଣିମାଡ ଓ ଲୁହବୁହା ଗ୍ୟାସ ପ୍ରୟୋଗ କରିଥିଲା ଯାହାଦ୍ୱାରା କି ଆମର ଅନେକ ନେତୃବୃନ୍ଦ ଓ କର୍ମୀ ଗୁରୁତ୍ୱର ଆହତ ହୋଇ ହସପିଟାଲରେ ଚିକିତ୍ସିତ ହେଉଛନ୍ତି। ଏପରିକି ଅନେକଙ୍କ ହାତ ଭାଙ୍ଗିଥିଲା, ଗୋଡ଼ ଭାଙ୍ଗିଥିଲା କିନ୍ତୁ ପୋଲିସ ୫ ହଜାର କଂଗ୍ରେସ କର୍ମୀଙ୍କ ନାମରେ କେସ କରି ଅଗଣତାନ୍ତ୍ରିକ ଭାବେ ୫ ଜଣଙ୍କୁ ଗିରଫ କରି ଜେଲରେ ପୁରାଇଛି। ଏହାକୁ ଆମେ ଦୃଢ଼ ନିନ୍ଦା କରୁଛୁ। ଆମେ ଏବଂ ଆମର କଂଗ୍ରେସ କର୍ମୀ ଓ ନେତୃବୃନ୍ଦ ଡରିଯିବା ଲୋକ ନୁହେଁ। ମହିଳାଙ୍କୁ ନ୍ୟାୟ ଓ ସୁରକ୍ଷା ଦାବିରେ ଆମ ଆନ୍ଦୋଳନ ଜାରି ରହିବ ବୋଲି ଶ୍ରୀ ଲଲ୍ଲୁ ପ୍ରକାଶ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତା ସୁଧାଂଶୁ ଦେଓ, ହିମାଂଶୁ ଲେଙ୍କା, ପ୍ରକାଶ ଜେନା, ପ୍ରଦୀପ ମହାପାତ୍ର, ମନୋଜ ବିଶ୍ୱାଳ, ପ୍ରଶାନ୍ତ ଶତପଥି, ବିଜୟାନନ୍ଦ ଚାଉଳିଆ, ନିରଞ୍ଜନ ନାୟକ, ଅମରେଶ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# ବିଜେପିରେ ମିଶିଲେ ନିଆଳୀ ବିଜେଡି କର୍ମୀ




ଭୁବନେଶ୍ୱର,୨୪।୪ (ମହାଭାରତ): ଓଡ଼ିଶାକୁ ବିକଶିତ ରାଜ୍ୟ ଭାବେ ଗଢ଼ି ତୋଳିବାକୁ ବିଜେପି ସରକାର ବଦ୍ଧପରିକର। ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ କେନ୍ଦ୍ର ସରକାର ଏବଂ ରାଜ୍ୟରେ ବିଜେପି ସରକାର ଉପରେ ଓଡ଼ିଶାବାସୀଙ୍କ ଆସ୍ଥା ଓ ବିଶ୍ୱାସ ବୃଦ୍ଧି ପାଇବାରେ ଲାଗିଛି। ଅନ୍ୟ ପଟେ ବିଜେଡି ଉପରୁ ଦଳୀୟ କର୍ମୀ ଓ ନେତାଙ୍କ ଆସ୍ଥା ହ୍ରାସ ପାଇଚାଲିଛି । ବିଜେଡି ଉପରୁ ଆସ୍ଥା ହରାଇ ଶତାଧିକ ବ୍ୟକ୍ତି ବିଜେପିକୁ ଅନୁପ୍ରାଣିତ କରି ଆଜି ନିଆଳୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନିଆଳୀ ବ୍ଲକର ବିଭିନ୍ନ ପଂଚାୟତର ସରପଂଚ, ସମିତିସଭ୍ୟ, ଓ୍ୱାର୍ଡ ମେମ୍ବର ଓ ବରିଷ୍ଠ ନେତା ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି। ନିଆଳୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନିଆଳୀ ବ୍ଲକର ନିଭରଣ ପଂଚାୟତ ସରପଂଚ ମାନସ ରଞ୍ଜନ ସ୍ୱାଇଁ; ସମିତି ସଭ୍ୟ କାଳନ୍ଦୀ ପୃଷ୍ଟା; ନାୟବ ସରପଂଚ ପରେଶ ପରିଡା; ପୂର୍ବତନ ସମିତି ସଭ୍ୟ ତୋଫାନ କାଣ୍ଡି; ଓ୍ୱାର୍ଡ ମେମ୍ବର ଅଭିମନ୍ୟୁ ବାରିକ, କାଳନ୍ଦୀ ମଲ୍ଲିକ, ଧୃଶାସନ ପରିଡା, ଅଭିମନ୍ୟୁ ମହାରଣା, ସୁରେଶ ପୋଲାଇ, ଲକ୍ଷ୍ମୀଧର ବିଶ୍ୱାଳ, ଦିପକ ପରିଡା; ବରିଷ୍ଠ କର୍ମୀ ଲମ୍ବୋଧର ନାୟକ, ମାନସ ପରିଡା, ତ୍ରିଲୋଚନ ପରିଡା, ପାଣ୍ଡବ ବେହେରା, ବସନ୍ତ ସ୍ୱାଇଁ, ଶରତ ମହାନ୍ତି, ବୈଷ୍ଣବ ବାରିକ, ସନାତନ ମହାନ୍ତି, ଅଭୟ ମହାନ୍ତି, ଟୁକୁନା ସାହୁ, ଧରଣୀ ସ୍ୱାଇଁ, ନିକୁଳ ପରିଡା, ଦିଲିପ ପୋଲାଇ, ମାନସ ବାରିକ, କୈଳାଶ ବାରିକ, ଧନୁ ପୋଲାଇ, ରମେଶ ବିଶ୍ୱାଳ, ବିଷ୍ଣୁ ମୁଦୁଲି, ନାରାୟଣ ପରିଡା, ପ୍ରତାପ କାଣ୍ଡି, ମନୋଜ ସ୍ୱାଇଁ, ସଦାଶିବ ନାୟକ, କୈଳାଶ ସ୍ୱାଇଁ, ତ୍ରିନାଥ ନାୟକ, ଲକ୍ଷ୍ମୀଧର ନାୟକ, ଲମ୍ବୋଧର ପରିଡା, ସମ୍ପଦ ପରିଡା, ଟୁନା ପରିଡା, ଭାଗ୍ୟଧର ଦିକ୍ଷିତ, ବିଷ୍ଣୁ ଦିକ୍ଷିତ, କିଶୋର ଦିକ୍ଷିତ, ସୌରଭ ନାୟକ, କୁଞ୍ଜ ପରିଡା, ସପ୍ନେଶ୍ୱର ଜେନା, ସୁଦାମ ରାଉତ, ଶତ୍ରୁଘ୍ନ ରାଉତ, ସୁରେନ୍ଦ୍ର ସ୍ୱାଇଁ, ଲିକୁ ସ୍ୱାଇଁ ଆଜି ବିଜେଡି ଦଳ ତ୍ୟାଗ କରି ବିଜେପିରେ ସାମିଲ ହୋଇଛନ୍ତି। ସେହିପରି କୃଷ୍ଣପ୍ରସାଦ ପଂଚାୟତ ସରପଂଚ ଜ୍ୟୋସ୍ନା ବାଳା ଭୋଇ; ନାୟବ ସରପଂଚ ଦେବେନ୍ଦ୍ର ପ୍ରଧାନ; ସରପଂଚ ପ୍ରତିନିଧି ପ୍ରମୋଦ କୁମାର ଭୋଇ; ଓ୍ୱାର୍ଡ ମେମ୍ବର ବୃନ୍ଦାବନ ମୁଦୁଲି, ସମୀର କୁମାର ପରିଜା, ହେମନ୍ତ ଚନ୍ଦ୍ର ବେହେରା, ନରେନ୍ଦ୍ର ଗୋଚ୍ଛାୟତ, ଅଶୋକ ମହାରଣା, ନିତ୍ୟାନନ୍ଦ ବାରିକ, ପବିତ୍ର ବେହେରା, ସଞ୍ଜୟ ଭୋଇ, ଡମ୍ବୁରଧର ରାୟ, ଭ୍ରମର ସେଠୀ; ବରିଷ୍ଠ କର୍ମୀ ଯୁବ ବିଜେଡି ସଭାପତି ଶିବ ସୁନ୍ଦର ପଣ୍ଡା, ପ୍ରକାଶ ପ୍ରଧାନ, ସୁରେନ୍ଦ୍ର ସାହୁ, ରୋହିତ କୁମାର ସାହୁ, ରଶ୍ମୀ ରଞ୍ଜନ ପ୍ରଧାନ, ସତ୍ୟ ନାରାୟଣ ମିଶ୍ର, ଚିତ ରଞ୍ଜନ ଭୋଇ, ଅମରେଶ୍ୱର ଭୋଇ, ଧବଳେଶ୍ୱର ଭୋଇ, ଶିଶିର କୁମାର ମହାରଣା, ଅକ୍ଷୟ ନାୟକ, କାର୍ତ୍ତିକ ବାରିକ ପ୍ରମୁଖ ଆଜି ବିଜେଡି ଦଳ ତ୍ୟାଗ କରି ବିଜେପିରେ ସାମିଲ ହୋଇଛନ୍ତି।

ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ ସମସ୍ତ ନୂତନ ସଦସ୍ୟଙ୍କୁ ଟୋପି ଓ ଉତରୀୟ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ। ଏହି ମିଶ୍ରଣ ପର୍ବରେ ନିଆଳୀ ବିଧାୟକ ଛବି ମଲ୍ଲିକ, କଟକ ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳ, ରାଜ୍ୟ ପ୍ରବକ୍ତା ବ୍ରଜକିଶୋର ମିଶ୍ର, ନିଆଳୀ ବ୍ଲକ ସାଂସଦ ପ୍ରତିନିଧି ଜ୍ୟୋତି ରଞ୍ଜନ ମହାନ୍ତି, ଶଶିକାନ୍ତ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

# ସାତକଡ଼ି ହୋତା ସ୍ମୃତିସଂସଦର ଆଲୋଚନାଚକ୍ର




ଭୁବନେଶ୍ୱର,୨୪।୪ (ମହାଭାରତ): ସାତକଡ଼ି ହୋତା ସ୍ମୃତି ସଂସଦର ମାସିକ ଆଲୋଚନା ଚକ୍ର ଓଡିଶା ଲେଖକ ସମବାୟ ସମିତି ପରିସରରେ ସଭାପତି ପ୍ରଫେସର ଡାକ୍ତର ଅଶୋକ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି। ମୁଖ୍ୟଅତିଥି ଭାବେ ଡକ୍ଟର ଅଲେଖ ଚନ୍ଦ୍ର ପଢିଆରୀ, ମୁଖ୍ୟବକ୍ତା ଭାବେ ପ୍ରଭାତ କୁମୟର ନନ୍ଦ, ବକ୍ତା ଓ ଆଲୋଚକ ଭାବେ ସୁକାନ୍ତ ପ୍ରଧାନ, ପ୍ରହ୍ଲାଦ ସାହୁ, ନାଟ୍ୟକାର ବିଜୟକୁମାର ମହାନ୍, ପ୍ରଜାରଞ୍ଜନ ସାମନ ରାୟ, ପ୍ରମୋଦ କୁମାର ସାହ, କଳ୍ପନା ରଥ, ଶ୍ୟାମସୁନ୍ଦର ମାଲିକ ଆଦି ଯୋଗଦାନ କରି ବିଭିନ୍ନ ଉଦାହରଣ ମାଧ୍ୟମରେ ଡକ୍ଟର ହୋତାଙ୍କୁ ବହୁମୁଖୀ ପ୍ରତିଭାର ଅଧିକାରୀ ଭାବେ ଉପସ୍ଥାପିତ କରିଥିଲେ। ସେ ଏକାଆରରେ ଜଣେ ପ୍ରଥମ ଓଡିଆ। ରେଳବାଇ ଅଧିକାରି ଭାବେ ଓଡିଶାର ବହୁ ଅଞ୍ଚଳକୁ ରେଳଗାଡିର ପ୍ରଚଳନ କରିଛନ୍ତି। ସେ ଜଣେ ସୁସାହିତ୍ୟକ, ସୁବକ୍ତା, ସୁସଂଗଠକ,ବହୁ ଅନୁଷ୍ଠାନର ପ୍ରତିଷ୍ଠାତା, କର୍ତ୍ତବ୍ୟନିଷ୍ଠ ବ୍ୟକ୍ତି ଭାବେ ପ୍ରତିପାଦିତ ହୋଇଥିଲେ। ପ୍ରାରମ୍ଭରେ ସଂପାଦକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ଡକ୍ଟର ହୋତାଙ୍କ ବହୁମୁଖି ପ୍ରତି ଭା ଉପରେ ସମ୍ୟକ ଆଲୋକପାତ କରିଥିଲେ। ଏହି ଅବସରରେ ସୌରୀବଂଧୁ କରଙ୍କ ସ୍ମୃତିଚାରଣ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। କମଳାକାନ୍ତ ମିଶ୍ରଙ୍କ ରଚିତ ତ୍ରିନାଥ ମେଳା ତତ୍ୱ ସାର ଉନ୍ମୋଚିତ କରାଯାଇଥିଲା, ତାରେଶ୍ୱର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ପରିବେଶଗତ ସ୍ଥିରତା ପ୍ରତି ପ୍ରତିବଦ୍ଧତାକୁ ପୁନଃପ୍ରକାଶ କରିଛି ଟୟୋଟା କିର୍ଲୋସ୍କର

ଭୁବନେଶ୍ୱର,୨୪।୪ (ମହାଭାରତ): ‘ପୃଥିବୀ ଦିବସ’ରେ, ଯେତେବେଳେ ବିଶ୍ୱ ‘ଆମର ଶକ୍ତି, ଆମ ଗ୍ରହ’ ବିଷୟବସ୍ତୁ ଅଧୀନରେ ଏକଜୁଟ୍ ହେଉଛି, ଆମକୁ ମନେ ପକାଇ ଦିଆଯାଉଛି ଯେ, ଆମର ପରିବେଶକୁ ସୁରକ୍ଷା ଦେବାର ଦାୟିତ୍ୱ ଆମ ପ୍ରତ୍ୟେକଙ୍କର। ଟୟୋଟା କିର୍ଲୋସ୍କର ମୋଟର (ଟିକେଏମ)ରେ, ଏହି ପ୍ରତିବଦ୍ଧତା ଆମର ମୂଳ ମୂଲ୍ୟବୋଧରେ ସନ୍ନିହିତ। ଏହା ଆମକୁ କେବଳ ନୂତନୀକରଣ ଏବଂ ବିକଳ୍ପ ଇନ୍ଧନ ଚାଳିତ ପାୱାରଟ୍ରେନ ସମେତ ବିବିଧ ବିଦ୍ୟୁତିକୃତ ଯାନ ପ୍ରଯୁକ୍ତିବିଦ୍ୟା (ଏକ୍ସଇଭିଏସ) ପ୍ରଚଳନ କରିବାକୁ ପ୍ରେରଣା ଦେବା ସହିତ ଏକ ବହୁମୁଖୀ ପଦ୍ଧତି ମାଧ୍ୟମରେ ପରିବେଶଗତ ଭାବରେ ସ୍ଥିର ବିଶ୍ୱର ଲକ୍ଷ୍ୟରେ ନବୀକରଣୀୟ ଶକ୍ତି ଗ୍ରହଣ ସମେତ ସାମୂହିକ ସ୍ଥାୟୀ ପଦକ୍ଷେପର ନେତୃତ୍ୱ ନେଉଛି। ୨୦୧୫ରେ ଘୋଷଣା କରାଯାଇଥିବା ବିଶ୍ୱବ୍ୟାପୀ ଟୟୋଟାର ପରିବେଶଗତ ଚ୍ୟାଲେଞ୍ଜ ୨୦୫୦(ଚ୍ୟାଲେଞ୍ଜ ୧-୬) ସହିତ ସମନ୍ୱୟ ରଖି, ଆମେ ଟିକେଏକର ଉତ୍ପାଦଗୁଡିକରୁ ଆଗକୁ ଯାଇ, ଉତ୍ପାଦନ କାର୍ଯ୍ୟରେ ସ୍ଥାୟୀ ଅଭ୍ୟାସଗୁଡ଼ିକୁ ସଂଯୋଗ କରି ଆମର ସମଗ୍ର ମୂଲ୍ୟ ଶୃଙ୍ଖଳାରେ ସ୍ଥାୟୀ ଭାବେ ତ୍ୱରାନ୍ୱିତ କରୁଛୁ। ଚ୍ୟାଲେଞ୍ଜ ୧- ନୂତନ ଯାନବାହନ ଶୂନ୍ୟ ଅଙ୍ଗାରକାମ୍ଳ ନିର୍ଗମନ ଚ୍ୟାଲେଞ୍ଜ (ସବୁଜ ଗତିଶୀଳତା) ଚ୍ୟାଲେଞ୍ଜ ୨ - ଜୀବନଚକ୍ର ଶୂନ୍ୟ ଅଙ୍ଗାରକାମ୍ଳ ନିର୍ଗମନ ଚ୍ୟାଲେଞ୍ଜ (ସବୁଜ ଯୋଗାଣ ଶୃଙ୍ଖଳ, ପରିବେଶ-ଡିଲରସିପ୍, ଏବଂ ସବୁଜ ଲଜିଷ୍ଟିକ୍ସ) ଚ୍ୟାଲେଞ୍ଜ ୩ - ଉଦ୍ୟାନ ଶୂନ୍ୟ ଅଙ୍ଗାରକାମ୍ଳ ନିର୍ଗମନ ଚ୍ୟାଲେଞ୍ଜ (ନବୀକରଣଯୋଗ୍ୟ ଶକ୍ତି ଯୋଗାଣ, ହ୍ରାସିତ ବ୍ୟବହାର ଏବଂ ପରିବର୍ତନ) ଚ୍ୟାଲେଞ୍ଜ ୪ - ଜଳ ବ୍ୟବହାରକୁ ସର୍ବନିମ୍ନ ଏବଂ ଅପ୍‌ଟିମାଇଜିଙ୍ଗ୍ (୪ ଆର - ହ୍ରାସ, ପୁନଃବ୍ୟବହାର, ପୁନଃଚକ୍ରଣ ଏବଂ ପୁନଃଚାର୍ଜ) ଚ୍ୟାଲେଞ୍ଜ ୫ - ଏକ ପୁନଃଚକ୍ରିତ-ଆଧାରିତ ସମାଜ ଏବଂ ସିଷ୍ଟମ୍ ପ୍ରତିଷ୍ଠା କରିବା।

# ଓଡ଼ିଶା ଉର୍ଦ୍ଦୁ ଏକଡ଼େମୀର ପ୍ରତିଷ୍ଠା ଦିବସ



ଭୁବନେଶ୍ୱର,୨୪।୪ (ମହାଭାରତ): ଓଡ଼ିଶା ଉର୍ଦ୍ଦୁ ଏକଡ଼େମୀରର ୩୯ତମ ପ୍ରତିଷ୍ଠା ଦିବସ ଆଜି ସଂସ୍କୃତି ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଆଜିର ସମାରୋହରେ ଓଡ଼ିଆ। ଭାଷା ସାହିତ୍ୟ ସଂସ୍କୃତି ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ, ଓଡ଼ିଶା ଉର୍ଦ୍ଦୁ ଏକଡ଼େମୀ ସଚିବ ଶୁଚିସ୍ମିତା ମନ୍ତ୍ରୀ, ଓଡ଼ିଶା ଉର୍ଦ୍ଦୁ ଏକଡ଼େମୀ ସଭାପତି ଜନାବ୍ ଖାଲିଦ ରହିମ୍, ଉପ-ସଭାପତି ଜନାବ୍ ସୟଦ୍ ନଫିସ୍ ମଞ୍ଜୀର ହସନ୍, ଓଡ଼ିଶା ସାହିତ୍ୟ ଏକାଡ଼େମୀ ସଚିବ ଡ଼କ୍ଟର ଚନ୍ଦ୍ରଶେଖର ହୋତା, ସଂସ୍କୃତି ବିଭାଗର ଉପନିର୍ଦ୍ଦେଶକ ସୁଶ୍ରୀ ଦେବଯାନୀ ଭୂୟାଁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅତିଥିମାନେ ଓଡ଼ିଶାରେ ଉର୍ଦ୍ଦୁ ଭାଷା ଓ ସାହିତ୍ୟର ପ୍ରଚାର ଓ ପ୍ରସାର ଦିଗରେ ଓଡ଼ିଶା ଉର୍ଦ୍ଦୁ ଏକାଡ଼େମୀର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହିତ ଏକାଡ଼େମୀ ପକ୍ଷରୁ ଉର୍ଦ୍ଦୁ ଭାଷାରେ ଆୟୋଜନ କରାଯାଉଥିବା ବିଭିନ୍ନ ସାହିତ୍ୟ ଆଲୋଚନା ଚକ୍ର, କବି ସମ୍ମିଳନୀ, ମୁଶାଏରା, ପୁସ୍ତକ ଏବଂ ପତ୍ରିକା ପ୍ରକାଶନ, ଓଡ଼ିଆ। ସାହିତ୍ୟ କୃତିକୁ ଉର୍ଦ୍ଦୁ ଭାଷାରେ ଅନୁବାଦ କରାଯିବା ଆଦି କାର୍ଯ୍ୟ ସମ୍ବନ୍ଧରେ ଅତିଥିମାନେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ +୨, +୩ ଏବଂ ସ୍ନାତକୋତ୍ତର ପାଠ୍ୟକ୍ରମର ଛାତ୍ରଛାତ୍ରୀ ଯେଉଁମାନେ ମାତୃଭାଷା (ଉର୍ଦ୍ଦୁ ସାହିତ୍ୟ)ରେ ଭଲ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି, ସେମାନଙ୍କୁ ଯଥାକ୍ରମେ ୫ ହଜାର, ୬ ହଜାର ଏବଂ ୮ ହଜାର ଟଙ୍କାର ଛାତ୍ରବୃତ୍ତି ମଧ ପ୍ରଦାନ କରାଯାଇଥିଲା। ଏଥିସହ ଉର୍ଦ୍ଦୁ, ହିନ୍ଦୀ ଏବଂ ଓଡ଼ିଆ। ଭାଷାର କବି ମାନଙ୍କୁ ନେଇ ଏକ ତ୍ରିଭାଷୀ କବି ସମ୍ମିଳନୀର ଆୟୋଜନ ମଧ କରାଯାଇଥିଲା। ଉର୍ଦ୍ଦୁ ଭାଷା, ସାହିତ୍ୟକୁ ଆଦୃତ କରିବା ସହ ଏହାର ବହୁଳ ପ୍ରଚାର ଓ ପ୍ରସାର ପାଇଁ ଓଡ଼ିଶା ଉର୍ଦ୍ଦୁ ଏକାଡ଼େମୀର ନିରନ୍ତର ପ୍ରୟାସକୁ ସମସ୍ତେ ଭୂୟସୀ ପ୍ରଶଂସା କରିଥିଲେ। ୧୯୮୭ ମସିହାରେ ଓଡ଼ିଶା ଉର୍ଦ୍ଦୁ ଏକାଡ଼େମୀ ଅନୁଷ୍ଠାନିକ ଭାବେ ପ୍ରତିଷ୍ଠା ଲାଭ କରିଥିଲା। ଓଡ଼ିଶାରେ ଉର୍ଦ୍ଦୁ ସାହିତ୍ୟର ବିକାଶ, ପ୍ରଚାର ଓ ପ୍ରସାର, ପୁସ୍ତକ ପ୍ରକାଶନ, ଅନୁବାଦ ସାହିତ୍ୟ ପ୍ରକାଶନ, ଆଲୋଚନା ଚକ୍ର ଆଦିର ଆୟୋଜନ କରିବା ସହିତ ଉର୍ଦ୍ଦୁ ସାହିତ୍ୟର ପ୍ରତିଷ୍ଠିତ ସାହିତ୍ୟିକ, କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ଉର୍ଦ୍ଦୁ ସାହିତ୍ୟରେ କରାଯାଉଥିବା ବିଭିନ୍ନ କାର୍ଯ୍ୟକୁ ଜନସାଧାରଣଙ୍କୁ ଅବଗତ କରାଯାଉଛି।

# ସ୍ଲିପ୍ ଏନହାନ୍ସଟିଏମ୍‌ର ଶୁଭାରମ୍ଭ

ଭୁବନେଶ୍ୱର,୨୪।୪ (ମହାଭାରତ): ହର୍ବାଲାଇଫ ଇଣ୍ଡିଆ, ଯାହାକି ଏକ ପ୍ରିମିୟର ସ୍ୱାସ୍ଥ୍ୟ ଏବଂ ନିରୋଗ ପ୍ରଦାନକାରୀ କମ୍ପାନୀ, ଗୋଷ୍ଠୀ ଏବଂ ପ୍ଲାଟଫର୍ମ ଅଟେ ସ୍ଲିପ ଏନହାନ୍ସର ଉପସ୍ଥାପନ କରିଛି ଯାହାକି କାଫେନ-ମୁକ୍ତ ଏବଂ ଏକ ଉଦ୍ଭିଦ-ଆଧାର ସହିତ ପ୍ରସ୍ତୁତ ହୋଇଥାଏ, ଚିକିତ୍ସା ଅଧ୍ୟୟନକାରୀ ଉପାଦାନ ଅଟେ ଯାହାକି ଖୁସିର ନିଦ୍ରା ବୃଦ୍ଧି ପ୍ରଦର୍ଶିତ କରିଥାଏ। ଏଭଳି ଏକ ଶୁଭାରମ୍ଭ ସେହି ସମୟରେ ଆସିଛି ଯେତେବେଳେକି ଭାରତରେ ଏଭଳି ନିଦ୍ରାଜନିତ ଅନିୟମିତତାର ପ୍ରଭାବ ବହୁମାତ୍ରାରେ ଦେଖାଦେଇଛି ଯାହାର ମୁଖ୍ୟକାରଣ ଗୁଡ଼ିକ ମଧ୍ୟରେ ରହିଛି ବହୁମାତ୍ରାରେ ଜୀବନଚର୍ଯ୍ୟାର ବିଶୃଙ୍ଖଳିତ ପରିଚାଳନା, ଡ଼ିଜିଟାଲ ପ୍ରତି ଅଧିକ ଆକୃଷ୍ଟ ତଥା ଅବସାଦ ସ୍ତରରେ ଅହେତୁକ ବୃଦ୍ଧି ଇତ୍ୟାଦି। ଆଜିର ଏହି ଦ୍ରୁତ-ଗତିଶୀଳ ଦୁନିଆରେ ନିଦ୍ରା ଏକ ସୌଖୀନ ଜିନିଷ ନୁହେଁ ବରଂ ଏହାର ଯଥେଷ୍ଟ ଆବଶ୍ୟକତା ରହିଛି। ତଥାପି ବିଭିନ୍ନ ଧରଣର କାର୍ଯ୍ୟ ନିର୍ଘଂଟ, ବ୍ୟସ୍ତବହୁଳତାର ଅବଧି ବୃଦ୍ଧି ତଥା ଅବସାଦ ସ୍ତରରେ ବୃଦ୍ଧି ଇତ୍ୟାଦି ସହିତ ଅନେକ ଲୋକ ଉତମ ନିଦ୍ରା ଯିବା ପାଇଁ ଅହରହ ସଂଗ୍ରାମ କରୁଛନ୍ତି। ଏ ସମ୍ପର୍କିତ ଅଧ୍ୟୟନଗୁଡ଼ିକ ଦର୍ଶାଉଅଛି ଯେ ପାଖାପାଖି ଅର୍ଦ୍ଧାଧିକ ଭାରତୀୟ ବିଛଣାରୁ ଉଠିବା ପରେ କ୍ଳାନ୍ତ ଅନୁଭବ କରୁଛନ୍ତି, ବିଛଣାକୁ ଯିବା ପୂର୍ବରୁ ସେମାନଙ୍କୁ ଡ଼ିଜିଟାଲ ସହିତ ମିଶିଯିବା ପୁନର୍ବାର ସେମାନଙ୍କର ନିଦ୍ରାର ମାନକୁ ନିର୍ଦ୍ଧାରଣ କରୁଛି। ବୃଦ୍ଧି ପାଉଥିବା ପ୍ରଭାବଶାଳୀ ନିଦ୍ରା ଉପାୟର ଆବଶ୍ୟକତାକୁ ଅନୁମୋଦନ କରି, ଭାରତରେ ନିଦ୍ରାର ଗତିପଥରେ ଯଥେଷ୍ଟ ଉନ୍ନତି ଆଣିବା ପାଇଁ ହର୍ବାଲାଇଫ ଏଦିଗରେ ଉପାୟ ସହିତ ଯଥେଷ୍ଟ ଆଗକୁ ବଢ଼ିଛି।

# ନବୀନ ଦଳର ସର୍ବେସର୍ବା

ନବୀନ ହେଉଛନ୍ତି ଦଳର ସର୍ବେସର୍ବା ଏବଂ ଏକମାତ୍ର ନେତା। ପ୍ରତି ଦୁଇ ବର୍ଷରେ ଥରେ ଦଳର ସଭାପତି ଚୟନ କରାଯାଏ। ସଭାପତି ବିଭିନ୍ନ ଜିଲ୍ଲା ସଭାପତି ଏବଂ ଛାମୁଆ ସଙ୍ଗଠନର ନେତା ବାଛନ୍ତି। ଏହାକୁ ସାଙ୍ଗଠନିକ ନିର୍ବାଚନ ନୁହେଁ, ସାଙ୍ଗଠନିକ ପୁନର୍ଗଠନ କୁହାଯାଇପାରେ। ଏଥର ମଧ୍ୟ ତାହାର ପୁନରାବୃତ୍ତି ହୋଇଛି। ସଭାପତି ପଦ ନିମନ୍ତେ ନବୀନ ଏକମାତ୍ର ପ୍ରାର୍ଥୀ ଥିଲେ। ତେଣୁ ସେ ବିନା ମୁକାବିଲାରେ ନିର୍ବାଚିତ ହେଲେ। ଏହା ବିଜେଡିର ଆଭ୍ୟନ୍ତରୀଣ ବ୍ୟାପାର। ଏଥିରେ ଅନ୍ୟ ଦଳର ପ୍ରତିକ୍ରିୟା ବ୍ୟକ୍ତ କରିବାର ଆବଶ୍ୟକତା ନାହିଁ। କିନ୍ତୁ ରାଜ୍ୟ ବିଜେପି ପକ୍ଷରୁ ଏ ସମ୍ପର୍କରେ କୁହାଯାଇଛି ଯେ, ଜଣେ ବ୍ୟକ୍ତି କ୍ରମାଗତ ନବମ ଥର ଲାଗି ଦଳର ସଭାପତି ହେବା ଏବଂ ତାଙ୍କ ସହ ମୁକାବିଲା ନିମନ୍ତେ ଦଳରେ ଆଉ କେହି ନାହାଁନ୍ତି ଏହା ବିଜେଡିରେ ଆଭ୍ୟନ୍ତରୀଣ ଗଣତନ୍ତ୍ର ନଥିବା ପ୍ରମାଣିତ କରୁଛି। କଂଗ୍ରେସର ପରିବାରବାଦକୁ ବିଜୁ ବାବୁ ବିରୋଧ କରି ଆସୁଥିଲେ। ସେଥିପାଇଁ ନିଜ ଜୀବଦ୍ଦଶାରେ ବିଜୁ ବାବୁ ନିଜ ପରିବାରର କାହାରିକୁ ରଜନୀତିରେ ପ୍ରବେଶ ପାଇଁ ସୁଯୋଗ ଦେଇନଥିଲେ। ତାଙ୍କ ପରଲୋକ ପରେ ନବୀନ ବାବୁଙ୍କୁ ତତ୍କାଳୀନ ଜନତା ଦଳ ନେତୃବର୍ଗ ରାଜନୀତିକୁ ଆଣିଥିଲେ। କିନ୍ତୁ ନବୀନ ବାବୁ ବିଜୁ ବାବୁଙ୍କ ଆଦର୍ଶକୁ ବଜାୟ ରଖିପାରିଲେ ନାହିଁ। ବିଜୁ ମୁଖ୍ୟମନ୍ତ୍ରୀ ଥିବା ବେଳେ ଅଶୋକ ଦାସଙ୍କୁ ଦଳର ସଭାପତି କରିଥିଲେ। ତେଣୁ ନବୀନ ବାବୁ ଅନ୍ୟ କାହାକୁ ବିଜେଡି ସଭାପତି କରିଥିଲେ ତାହା ସ୍ୱାଗତଯୋଗ୍ୟ ହୋଇଥାଆନ୍ତା। ଏମିତି ନବୀନ ନିଜ ରାଜନୈତିକ ଜୀବନର ଅପରାହ୍ନରେ ପହଞ୍ଚିସାରିଛନ୍ତି। ତେଣୁ ଦଳର ଭବିଷ୍ୟତ ପାଇଁ ସେ ଏବେଠାରୁ ଚିନ୍ତା କରିବାର ଆବଶ୍ୟକତା ଥିଲା। ଅତୀତରେ ସେ ବାରମ୍ବାର ଏକଥା କହିଛନ୍ତି ଯେ, ତାଙ୍କ ଉତ୍ତରାଧିକାରୀ ରାଜ୍ୟବାସୀ ବାଛିବେ। ଏହା ଶୁଣିବାକୁ ଭଲଲାଗୁଛି, କିନ୍ତୁ ଏହା ବାସ୍ତବବାଦୀ ନୁହେଁ। ନବୀନ ନିଜେ ସକ୍ରିୟ ଥିବା ବେଳେ ଦଳର ଉତ୍ତରାଧିକାରୀ ଚୟନ କରିବାର ଥିଲା। ଏଥିପାଇଁ ଅନେକ ଯୋଗ୍ୟ ବ୍ୟକ୍ତି ଅଛନ୍ତି। ସାଙ୍ଗଠନିକ ନିର୍ବାଚନ ମାଧ୍ୟମରେ ଦଳର ସଭାପତି ଚୟନ କରାଯାଇପାରିବ। କେବଳ ରାଜ୍ୟ ସଭାପତି ନୁହେଁ, ଦଳର ସବୁ ପଦପଦବୀ ଗଣତାନ୍ତ୍ରିକ ଉପାୟରେ ପୂରଣ ହେହଲେ ତାହା ସ୍ୱାଗତଯୋଗ୍ୟ ହୋଇପାରିବ। ନିର୍ବାଚନରେ ଜୟ-ପରାଜୟ ଲାଗି ରହିଛି। କାଲି ବିଜେଡିର ଆଉ କେହି ସଭାପତି ହେଲେ ଦଳ ହାରିଯିବ ବୋଲି ଭାବିବା ଭୁଲ। ସେଥିରେ ମଧ୍ୟ କିଛି ଅସୁବିଧା ନାହିଁ। ଗୋଟିଏ ଦଳ ୨୪ ବର୍ଷ ଧରି କ୍ଷମତାରେ ଥିଲା। ଏବେ ଯଦି ଏହା ୧୦ ବର୍ଷ ବିରୋଧୀ ଆସନରେ ବସିବ ତେବେ ଅସୁବିଧା କେଉଁଠି ରହିଲା? ଦଳ ନିର୍ବାଚନରେ ଜିତିବା ହାରିବେ କିଛି ଯାଏ ଆସେ ନାହିଁ। ଦଳର ଅସ୍ତିତ୍ୱ ବଜାୟ ରଖିବା ଗୁରୁତ୍ୱପୂର୍ଣ୍ଣ। ନବୀନଙ୍କ ପରେ ମଧ୍ୟ ବିଜେଡି କିପରି ବଂଚି ରହିବ ତାହା ସବୁଠାରୁ ବଡ଼ କଥା। ଦଳରେ ଏବେ ଆଭ୍ୟନ୍ତରୀଣ ବିବାଦ ଲାଗି ରହିଛି। ଦଳରୁ କିଛି ନେତା ଏବଂ କର୍ମୀ ଆଗାମୀ ଦିନରେ ଇସ୍ତଫା ଦେଇପାରନ୍ତି। ସେଥିରେ ବି କିଛି ଅସୁବିଧା ନାହିଁ। ଦଳ ବଂଚିରହିବା ସବୁଠାରୁ ବଡ଼ କଥା। ଗତ ୨୫ ବର୍ଷ ଭିତରେ କଂଗ୍ରେସରୁ ଅନେକ ନେତା ଓ କର୍ମୀ ଇସ୍ତଫା ଦେଇଛନ୍ତି। ଅନ୍ୟ ଦଳରେ ମିଶିଛନ୍ତି। କିନ୍ତୁ ରାଜ୍ୟରେ କଂଗ୍ରେସ ଏବେ ବି ତିଷ୍ଠି ରହିଛି ଏବଂ ଏକ ପ୍ରମୁଖ ବିରୋଧୀ ଦଳ ଭୂମିକା ତୁଲାଉଛି। ଏହା ହିଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଆଜି ନହେଲେ କାଲି କଂଗ୍ରେସ କ୍ଷମତାକୁ ଫେରିପାରେ। ସେଥିପାଇଁ ଦଳକୁ ସବୁ ବେଳେ ପ୍ରସ୍ତୁତ ରହିବାକୁ ପଡ଼ିବ। ବିଜେଡିକୁ ଏକ ଲମ୍ବା ଇନିଂସ ଖେଳିବାକୁ ହେଲେ ନବୀନଙ୍କ ଉତ୍ତରାଧିକାରୀ ବାଛିବା ନିହାତି ଜରୁରୀ।

# ୧୦୮ର ମହାତ୍ମ୍ୟ

॥ ରଜତ କୁମାର ବୋଷ ॥


ବିଜ୍ଞାନ ଅନୁଯାୟୀ : ହାସିୟମର ଆଣବିକ ସଂଖ୍ୟା ୧୦୮। ମନୁଷ୍ୟର ଆଭ୍ୟନ୍ତରୀଣ ତାପ ୧୦୮ ଫାରେନ୍‌ହିଟରେ ପହଞ୍ଚିଲେ ଶରୀରର ମୁଖ୍ୟ ଅଂଶଗୁଡ଼ିକ ଅଚଳ ହେବା ଆରମ୍ଭ ହୋଇଯାଏ। ଯୋଗରେ ୧୦୮ ଜପମାଳାକୁ ଗୁରୁତ୍ୱ ଦିଆଯାଏ। କିନ୍ତୁ ଅଧିକାଂଶ ସମୟରେ ବିଦେଶୀ ଛାତ୍ରମାନେ ପଚାରନ୍ତି ୧୦୦ ସଂଖ୍ୟା ଗଣିବା ପାଇଁ ସହଜ। ତେଣୁ ୧୦୮ ବଦଳରେ ଜପମାଳି ୧୦୦ ହେଲେ ସୁବିଧା ହୁଅନ୍ତା। ଲୁସିଆନା ରାଜ୍ୟ ବିଶ୍ୱବିଦ୍ୟାଳୟର ପ୍ରଫେସର ସୁଭାଷ କାକଙ୍କ ଅନୁଯାୟୀ ଆକାଶରେ ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ଗତିପଥକୁ ୨୭ଟି ସମାନ ଭାଗରେ ବିଭକ୍ତ କରାଯାଏ।


ଗୌଡ଼ିୟ ବୈଷ୍ଣବ ମତରେ ବୃନ୍ଦାବନରେ ୧୦୮ଜଣ ଗୋପୀ ଥିଲେ। ତେଣୁ ଜପମାଳାର ମାଳି ସଂଖ୍ୟା ୧୦୮ ହେବା ଉଚିତ। ବୈଷ୍ଣବ ପରମ୍ପରା ଅନୁଯାୟୀ ଭଗବାନ ବିଷ୍ଣୁଙ୍କର ୧୦୮ଟି ନିବାସ ରହିଛି। ବିଶ୍ୱର ବୃହତ୍ତମ ହିନ୍ଦୁ ମନ୍ଦିର ଭାବରେ ଖ୍ୟାତ କାମ୍ବୋଡ଼ିଆର ଆଙ୍ଗକୋର ୱାଟ ମନ୍ଦିରରେ ୫୪ଜଣ ଦେବତା ଓ ୫୪ ଜଣ ଅସୁର ସର୍ପକୁ ଦୁଇ ପାର୍ଶ୍ୱରୁ ଧରି ସମୁଦ୍ର ମନ୍ଥନ କରୁଥିବାର ମୂର୍ତ୍ତି ରହିଛି। ଆଙ୍ଗକୋର ଥୋମ୍‌ର ଦୁର୍ଗକୃତ ମନ୍ଦିରର ୫ଟି ପ୍ରବେଶ ପଥରେ ଫାଟକର ବାମ ପାର୍ଶ୍ୱରେ୫୪ ଜଣ ଦେବତା ଓ ଡାହାଣ ପାର୍ଶ୍ୱରେ ୫୪ଜଣ ଅସୁରଙ୍କର ମୂର୍ତ୍ତି ରହିଛି। ତିବ୍ବତିୟ ବୌଦ୍ଧମାନେ ଜପମାଳିରେ ୧୦୮ଟି ମାଳି ବ୍ୟବହାର କରନ୍ତି। ତିବ୍ବତୀୟ ଭାଷାରେ ବୁଦ୍ଧଙ୍କ ୧୦୮ ବାଣୀର ପ୍ରତୀକ ଭାବରେ ବିବେଚନା କରାଯାଏ ଏହାକୁ। ଜେନ୍ ବୌଦ୍ଧ ସନ୍ନ୍ୟାସୀମାନେ ସେମାନଙ୍କ କଟଟିରେ ପିନ୍ଧୁଥିବା ଜପମାଳି ଜୁଜୁରେ ୧୦୮ଟି ମାଳି ଥାଏ। ବୌଦ୍ଧ ଧର୍ମର ଲଙ୍କାବତାର ସୂତ୍ରରେ ବୋଧିସତ୍ତ୍ୱ ମହାମତି ବୁଦ୍ଧଙ୍କୁ ୧୦୮ଟି ପ୍ରଶ୍ନ ପଚାରିଥିବା ଉଲ୍ଲେଖ ଅଛି। ଅନେକ ବୌଦ୍ଧ ମନ୍ଦିରରେ ୧୦୮ଟି ପାହାଚ ରହିଛି। କେତେକ ବୌଦ୍ଧ ଗୋଷ୍ଠିର ମତ ଅନୁଯାୟୀ ମନୁଷ୍ୟର ୧୦୮ଟି ଭାବନା ଅଛି। ଜାପାନରେ ବର୍ଷ ଶେଷରେ ବୌଦ୍ଧ ମନ୍ଦିରରେ ଗୋଟିଏ ଘଣ୍ଟି ୧୦୮ ଥର ବଜାଯାଇ ପୁରାତନ ବର୍ଷକୁ ବିଦାୟ ଦେଇ ନବବର୍ଷକୁ ସ୍ୱାଗତ କରାଯାଏ। ପ୍ରତ୍ୟେକଟି ଘଣ୍ଟିର ଶବ୍ଦ ମନୁଷ୍ୟର ୧୦୮ଟି ବାସନାର ନିବାରଣ ପାଇଁ। ଏସବୁ ବାସନା ନିବାରଣ ଦ୍ୱାରା ମନୁଷ୍ୟ ନିର୍ବାଣ ପ୍ରାପ୍ତ ହୋଇପାରେ। ଇହୁଦିମାନେ ଉପହାର ଓ ଦାନ ଅର୍ଥ ୧୦୮ରୁ ଗୁଣକ ଭାବରେ ଦିଅନ୍ତୁ। ୧୦୮କୁ ହବ୍ରୁ ଭାଷାରେ କୁହାଯାଏ ଚାଲ। ଏହାର ଅର୍ଥ ଜୀବନ।

ଆଦ୍ୟ ପ୍ରାଚୀନ ଖ୍ରୀଷ୍ଟିୟାନ ମତବାଦ ଅନୁଯାୟୀ ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିଜ ଅହଙ୍କାର ତ୍ୟାଗ କରିବା ପାଇଁ ପ୍ରକୃତି ୧୦୮ଥର ସୁଯୋଗ ଦିଏ। ଏହା ନହୋଇପାରିଲେ ସେ ଏହି ପ୍ରାର୍ଥିବ ଜଗତ ଛାଡ଼ିବା ପୂର୍ବରୁ ଏହି ଅହଂ ପ୍ରକୃତିର ଜୋର ରକି ଛଡ଼ାଇ ନିଏ। ପୂର୍ବ ଏସିଆର ଅଧିକାଂଶ ସମର କଳା ବୌଦ୍ଧ ଧର୍ମ ବିଶେଷ କରି ଶାଓଲିନ୍ ବୌଦ୍ଧ ମଠ ସହ ସମ୍ପର୍କିତ। ବୌଦ୍ଧଧର୍ମ ସହ ସଂଯୁକ୍ତ ଥିବାରୁ ଅଧିକାଂଶ ସାମରିକ କ୍ରୀଡ଼ା ବା ସମର କଳାଗୁଡ଼ିକରେ ୧୦୮ଟି ଭିନ୍ନ ଭିନ୍ନ ଶୈଳୀ ଥାଏ। ମର୍ମ ଆଦି ଓ ଆୟୁର୍ବେଦ ଅନୁଯାୟୀ ପ୍ରତ୍ୟେକ ଶରୀରରେ ୧୦୮ଟି ପ୍ରେସର ପଏଣ୍ଟ ଅଛି। ଏହି ପଏଣ୍ଟ ସବୁରେ ଚେତନା ଓ ରକ୍ତ-ମାଂସର ମିଳନ ଘଟି ମନୁଷ୍ୟକୁ ଜୀବନ୍ତ ଦେଇଛି। ଚୀନା ଓ ଦକ୍ଷିଣ ଭାରତୀୟ ସମର କଳା ଅନୁଯାୟୀ ଶରୀରରେ ୧୦୮ଟି ପ୍ରେସର ପଏଣ୍ଟ ଅଛି। ଜାପାନୀ ସମର କଳା ଗୋଜୁ-ର୍‌ୟୁ କରାଟେରେ ୧୦୮ଟି ଗୁରୁତ୍ୱପୂର୍ଣ୍ଣ ଆକ୍ରମଣ ଶୈଳୀ ଅଛି। ସେହିପରି ୟାଙ୍ଗ ତେଜିକ୍ୱାନ ସମର କଳାରେ ୧୦୮ଟି ଚାଲ ଅଛି। ଇଗଲ କ୍ଲ କୁଙ୍ଗ ଫୁ ସମର କଳାରେ ପଞ୍ଚ ଲଢ଼େଇର ୧୦୮ଟି କୌଶଳ ଅଛି। ଏହି କୌଶଳଗୁଡ଼ିକ ଉପରୋକ୍ତ ପଞ୍ଚା ଲଢ଼େଇର ବିଶେଷତ୍ୱ।

ବିଜ୍ଞାନ ଅନୁଯାୟୀ : ହାସିୟମର ଆଣବିକ ସଂଖ୍ୟା ୧୦୮। ମନୁଷ୍ୟର ଆଭ୍ୟନ୍ତରୀଣ ତାପ ୧୦୮ ଫାରେନ୍‌ହିଟରେ ପହଞ୍ଚିଲେ ଶରୀରର ମୁଖ୍ୟ ଅଂଶଗୁଡ଼ିକ ଅଚଳ ହେବା ଆରମ୍ଭ ହୋଇଯାଏ। ଯୋଗରେ ୧୦୮ ଜପମାଳାକୁ ଗୁରୁତ୍ୱ ଦିଆଯାଏ। କିନ୍ତୁ ଅଧିକାଂଶ ସମୟରେ ବିଦେଶୀ ଛାତ୍ରମାନେ ପଚାରନ୍ତି ୧୦୦ ସଂଖ୍ୟା ଗଣିବା ପାଇଁ ସହଜ। ତେଣୁ ୧୦୮ ବଦଳରେ ଜପମାଳି ୧୦୦ ହେଲେ ସୁବିଧା ହୁଅନ୍ତା। ଲୁସିଆନା ରାଜ୍ୟ ବିଶ୍ୱବିଦ୍ୟାଳୟର ପ୍ରଫେସର ସୁଭାଷ କାକଙ୍କ ଅନୁଯାୟୀ ଆକାଶରେ ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ଗତିପଥକୁ ୨୭ଟି ସମାନ ଭାଗରେ ବିଭକ୍ତ କରାଯାଏ। ଏହାକୁ ନକ୍ଷତ୍ର କୁହାଯାଏ। ପ୍ରତି ନକ୍ଷତ୍ରକୁ ଚାରୋଟି ଭାଗ ବା ଚାରୋଟି ପଦରେ ବିଭକ୍ତ କରାଯାଏ। ଏହି ୨୭ ଢ ୪ = ୧୦୮ ଆକାଶରେ ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ୧୦୮ଟି ପଦ ସହ ସମାନ। ପ୍ରତ୍ୟେକ ପଦ ଗୋଟିଏ ଗୋଟିଏ ଆଶୀର୍ବାଦ ସହ ଜଡ଼ିତ। ଜପମାଳାର ଆରମ୍ଭ ବା ମୁଖ୍ୟ ମାଳିକୁ କୁହାଯାଏ କୃଷ୍ଣ। ବିଶ୍ୱାସ କରାଯାଏ କୃଷ୍ଣଙ୍କର ୧୦୮ଜଣ ଶ୍ରେଷ୍ଠ ଅନୁଚର ଅଛନ୍ତି। ସେମାନେ ସର୍ବଦା କୃଷ୍ଣ ନାମ କରୁଥାନ୍ତି। ତେଣୁ ଜପମାଳାର କୃଷ୍ଣମାଳିରେ ଜପ କରାଯାଏ ନାହିଁ। ପୃଥିବୀଠାରୁ ସୂର୍ଯ୍ୟର ଦୂରତା ପ୍ରାୟ ୧୦୮ (୧୦୭.୫୧)ଗୁଣ। ପୃଥିବୀ ଠାରୁ ଚନ୍ଦ୍ରଙ୍କ ଦୂରତା ଚନ୍ଦ୍ରଙ୍କ ବ୍ୟାସର ୧୦୮ଗୁଣ। ଏଥିସହ ସୂର୍ଯ୍ୟଙ୍କ ବ୍ୟାସ ପୃଥିବୀ ବ୍ୟାସର ପ୍ରାୟ ୧୦୮ଗୁଣ। ବୋଧହୁଏ ଏହି କାରଣରୁ ପୁରାତନ ମୁନିଋଷିମାନେ ୧୦୮ ସଂଖ୍ୟାକୁ ଏତେ ଗୁରୁତ୍ୱ ଦେଇଛନ୍ତି। ଯେମିତି ଆମ ସୌରଜଗତରେ ସୂର୍ଯ୍ୟ ଚନ୍ଦ୍ରଙ୍କ ୧୦୮ଟି ପାଦ ଗତି ଅଛି ସେମିତି ଆମ ଅନ୍ତର ଭିତରେ ଥିବା ସୂର୍ଯ୍ୟଙ୍କୁ ପରିକ୍ରମା କରିବା ପାଇଁ ୧୦୮ ସଂଖ୍ୟାର ଗୁରୁତ୍ୱ ରହିଛି। ୟୁରୋପୀୟ ଓ ମଧ୍ୟପ୍ରାଚ୍ୟର ଧାର୍ମିକ ବିଶ୍ୱାସ ଅନୁଯାୟୀ ବିଶ୍ୱ ବ୍ରହ୍ମାଣ୍ଡର ସୃଷ୍ଟି ମାତ୍ର ୬୦୦୦ ବର୍ଷ ତଳର କଥା। କିନ୍ତୁ ଭାରତୀୟ ବେଦ ଉପନିଷଦ ଅନୁଯାୟୀ ଆମର ବର୍ତ୍ତମାନର ବ୍ରହ୍ମାଣ୍ଡ କୋଟି କୋଟି ପୁରାତନ। ଏମିତି କେତେ ବିଶ୍ୱ ସୃଷ୍ଟି ହୋଇଛି ଓ ସମୟ କ୍ରମେ ଧ୍ୱଂସ ହୋଇ ମହାଆକାଶ ମଧ୍ୟରେ ଲୀନ ହୋଇଯାଇଛି। ପୁରାତନ ଅନୁଯାୟୀ ଆମର ବର୍ତ୍ତମାନର ସୌରଜଗତ କ୍ଷୀରସାଗରରୁ ଉଦ୍ଭବ ହୋଇଛି। ପୁରାଣର ବର୍ଣ୍ଣନା ଅନୁଯାୟୀ ଆମ ସୌରଜଗତ କ୍ଷୀର ସାଗର ମଧ୍ୟରୁ ଉଦ୍ଭବ। ସ୍ରଷ୍ଟାଙ୍କ ଇଚ୍ଛାନୁସାରେ ଅନନ୍ତ ଅସୀମ ବିଷ୍ଣୁ ଭଗବାନଙ୍କ ନାଭିରୁ ଏକ କମଳ ପୁଷ୍ପ ବାହାରି ମହାଶୂନ୍ୟ ଆଡ଼କୁ ଗଲା। ଏହାକୁ ହିରଣ୍ୟଗର୍ଭ ବୋଲି କୁହାଯାଏ। ଏଥିରୁ କ୍ରମଶ ଆମ ପୃଥିବୀ ସୃଷ୍ଟି ହେଲା। ଶାସ୍ତ୍ରମତ ଅନୁଯାୟୀ ସୃଷ୍ଟି ହେବାର ନିୟୁତ ନିୟୁତ ବର୍ଷ ପରେ ଯେତେବେଳେ ସୂର୍ଯ୍ୟର ଆକାର ଆହୁରି ବଡ଼ ହୋଇଯିବ ସେତେବେଳେ ଏହା ସମଗ୍ର ପୃଥିବୀର ଜୀବସତ୍ତାକୁ ଗ୍ରାସ କରିବ। ମହାଜାଗତିକ ବାୟୁ ଭସ୍ମୀଭୂତ ଭୂ-ଲୋକର ଭସ୍ମକୁ ମହାକାଶକୁ ଉଡାଇ ନେବ। ବର୍ତ୍ତମାନ ବିଜ୍ଞାନ ମଧ୍ୟ ଠିକ୍ ସେୟା କହୁଛି।

ଭାରତୀୟ ପରମ୍ପରାରେ ସୂର୍ଯ୍ୟ ସିଦ୍ଧାନ୍ତ ସର୍ବପୁରାତନ ଜ୍ୟୋତିଷ ଶାସ୍ତ୍ର। ଏହା ପଞ୍ଚମ-ଷଷ୍ଠ ଶତାବ୍ଦୀର ସୃଷ୍ଟି ବୋଲି ପାଶ୍ଚାତ୍ୟ ବୈଜ୍ଞାନିକମାନଙ୍କ ମତ। ସୂର୍ଯ୍ୟ ସିଦ୍ଧାନ୍ତରେ ଉଲ୍ଲେଖ ଅଛି ପୃଥିବୀ ଗୋଲକରେ ଭାରତ ଯେଉଁ ସ୍ଥାନରେ ଅଛି ତାର ଠିକ୍ ବିପରୀତରେ ଏକ ମହାନ ସହର ଅଛି। ଭାରତରେ ଯେତେବେଳେ ସୂର୍ଯ୍ୟ ଅସ୍ତ ହୁଅନ୍ତି, ସେଠାରେ ଠିକ୍ ସେତିକିବେଳେ ସୂର୍ଯ୍ୟ ଅସ୍ତ ଯାଆନ୍ତି। ଏହି ସହରରେ ଜ୍ଞାନୀଗୁଣୀମାନେ ବାସ କରନ୍ତି। ଗ୍ଲୋବରେ ଭାରତ ଯେଉଁଠି ଅଛି ତାର ଠିକ ବିପରୀତରେ ରହିଛି ମେକ୍ସିକୋ। ମେକ୍ସିକୋର ମାୟା ସଭ୍ୟତାର ବାସିନ୍ଦାମାନେ ମହାନ ଜ୍ୟୋତିଷ ଥିଲେ ବୋଲି ପ୍ରମାଣ ମିଳିଛି। ଅର୍ଥାତ୍ କଲମ୍ବସ ଆମେରିକା ଆବିଷ୍କାର କରିବାର ବହୁ ଶତାବ୍ଦୀ ପୂର୍ବରୁ ଭାରତୀୟ ମୁନିଋଷିମାନେ କେନ୍ଦ୍ର ଆମେରିକାର ଏହି ମହାନ ସଭ୍ୟତା ସମ୍ପର୍କରେ ଅବଗତ ଥିଲେ। ଏଥିରୁ ସ୍ପଷ୍ଟ ଜଣାପଡୁଛି ପ୍ରାଚୀନ ଭାରତୀୟ ଋଷିମୁନିମାନଙ୍କ ପାଇଁ ଆଧୁନିକ ଜ୍ୟୋତିଷୀୟ ଉପକରଣର ଆବଶ୍ୟକତା ନଥିଲା। ସେମାନେ ଯୋଗ ଦ୍ୱାରା ସମସ୍ତ ଜ୍ଞାନ ଲାଭ କରିପାରୁଥିଲେ। ତେଣୁ ପ୍ରାଚୀନ ଭାରତୀୟ ଶାସ୍ତ୍ରରେ ୧୦୮ ସଂଖ୍ୟାକୁ ଗୁରୁତ୍ୱ ଦିଆଯାଉଥିବାରୁ ଓ ବର୍ତ୍ତମାନ ବିଜ୍ଞାନ ଦ୍ୱାରା ଏହା ପ୍ରମାଣିତ ହେଉଥିବାରୁ ଆମେ ଏହାର ମହତ୍ତ୍ୱ ବିଷୟରେ ଜାଣିବା ଉଚିତ। (କ୍ରମଶଃ)

# ବିମାତା, କୁମାତା ନୁହେଁ

॥ ଅଲେଖ ଚନ୍ଦ୍ର ସାମଲ ॥

ସାମାଜିକ ଚଳଣି ଭିତରେ ମାଆ ଚରିତ୍ରକୁ ନେଇ ଏବେବି ମତଭେଦ ରହିଛି । ମା’ ଓ ସାବତମାଆର ଭୂମିକାକୁ ସମଭାବରେ ଗ୍ରହଣ କରିପାରୁନାହିଁ ସମାଜ । ପୌରାଣିକ ଯୁଗରୁ ସାବତ ମା’କାହାଣୀ ମନଗଢ଼ା ହେଲେ ବି ଲୋକ ଚକ୍ଷୁରେ ଏହା ଜୀବନ୍ତ ଥିବା ଲକ୍ଷ୍ୟ କରାଯାଏ । ସାବତମାଆ ଯେ ମାଆର ସ୍ନେହ, ମମତାଠାରୁ ସନ୍ତାନମାନଙ୍କୁ କମ୍ ସ୍ନେହ ଦିଏନାହିଁ, ତାହା ଅନେକ କ୍ଷେତ୍ରରେ ଉପଲବ୍ଧି କରାଯାଉଥିଲେ ମଧ୍ୟ ପ୍ରଚଳିତ ବ୍ୟବସ୍ଥା ଓ ପାରିପାର୍ଶ୍ୱିକ ଅବସ୍ଥା ଏହି ସାବତ ମାଆର ଚିତ୍ରକୁ ବଦଳାଇବାରେ ସକ୍ଷମ ହୋଇପାରିନାହିଁ । ଛୋଟ ଛୋଟ ଶିଶୁ ସନ୍ତାନଙ୍କ ଲାଳନପାଳନର ଆବଶ୍ୟକତା ପୂରଣ କରିବା ପାଇଁ ପରିବାରର ଚାପରେ ଅନେକ ଦ୍ୱିତୀୟ ବିବାହ କରିବାକୁ ବାଧ୍ୟ ହୁଅନ୍ତି । ନବବଧୂଟି ପରିବାରକୁ ଆସିବା ପରେ ପିଲାଙ୍କୁ ଯେତେ ସ୍ନେହ ମମତା ଅଜାଡ଼ି ଦେଲେବି ସାହି ପଡ଼ୋଶୀ ତା’ର ଆତ୍ମୀୟତାକୁ ସହଜରେ ଗ୍ରହଣ କରିପାରନ୍ତି ନାହିଁ । ମାଆର ଆକଟ ହିଁ ଦୁର୍ବିସହ ହୋଇପଡ଼େ ଅନ୍ୟମାନଙ୍କ ପାଇଁ । ସାବତ ମାଆର ଚରିତ୍ର ମୃତ୍ୟୁ ପର୍ଯ୍ୟନ୍ତ ନିଭେଇବାକୁ ପଡ଼ିଥାଏ ତାକୁ ।

ପ୍ରାଚୀନ କାଳରେ ପତ୍ନୀ ଥାଇ ମଧ୍ୟ ଦ୍ୱିତୀୟ ପତ୍ନୀ ଗ୍ରହଣ କରିବା ସଂଭ୍ରାନ୍ତ ପରିବାରର ଏକ ପରମ୍ପରା ଥିଲା । ପ୍ରଥମ ପତ୍ନୀର ସନ୍ତାନଙ୍କୁ ନିଜ ସନ୍ତାନ ସଦୃଶ ଦେଖିଥିଲେ ମଧ୍ୟ ଦୁଇ ପତ୍ନୀଙ୍କ ପାରିବାରିକ କଳହ ଓ ଉଭୟଙ୍କ ମନାନ୍ତର ବହୁ ପରିମାଣରେ ପ୍ରଭାବିତ କରୁଥିଲା ପିଲାମାନଙ୍କୁ । ସେମାନଙ୍କ କୋମଳ ମନ ଭିତରେ ସାବତମାଆର କାହାଣୀକୁ ଜୋରଜବରଦସ୍ତ ଲଦି ଦେଉଥିଲା ସମାଜ । ଅତ୍ୟାଧୁନିକ ସମାଜରେ ସାବତମାଆର ଭୂମିକା ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ ମନେହୁଏ । ପିଲାଙ୍କ ଲାଳନପାଳନ, ଶିକ୍ଷାଦାନ ବ୍ୟବସ୍ଥାରେ ବ୍ୟାପକ ପରିବର୍ତ୍ତନ ମାଆ ପାଇଁ କଷ୍ଟସାଧ୍ୟ ହୋଇପଡ଼ିଛି । ଅଧିକ ପରିଶ୍ରମ ମଧ୍ୟ କରିବାକୁ ହେଉଛି ସେମାନଙ୍କୁ । ମାଆ ଭୂମିକାରେ ଥିବା ସାବତମାଆ ମଧ୍ୟ ଏଥିରୁ ନିଜକୁ ନିବୃତ୍ତ ରଖିପାରୁନାହାନ୍ତି । ସାବତମାଆର ଲାଳନ ପାଳନ ସ୍ନେହ, ଶ୍ରଦ୍ଧା ଅନେକ ମାତୃହୀନ ନବଜାତଙ୍କୁ ମଣିଷ କରି ଗଢ଼ି ତୋଳିବାରେ ସହାୟକ ହୋଇ ପାରିଛି ।

ଯେଉଁଠି ମାଆ ଥାଇ ସାବତ ମାଆ ଆସୁଛି ସେ ପରିବାରରେ ଦୁଇ ମହିଳାଙ୍କ ମଧ୍ୟରେ ମନାନ୍ତର ଦେଖାଯାଉଛି । ପିଲାମାନେ ଉଭୟ ମାଆଙ୍କ ସାନିଧ୍ୟ ଲାଭ କରୁଛନ୍ତି । କୌଣସି ମହିଳା ସନ୍ତାନମାନଙ୍କ ପ୍ରତି ଅସୂୟା ମନୋଭାବ ରଖିବା ଦେଖାଯାଏ ନାହିଁ । ପ୍ରାଚୀନକାଳର କିଛି କାହାଣୀ ଓ ପରମ୍ପରା ସାବତ ମାଆ ଚରିତ୍ରକୁ ବିଶୃଙ୍ଖଳିତ ବ୍ୟବସ୍ଥା ଭିତରକୁ ନେଇ ଆସିଛି ଯାହା ଏବେବି ଲୋକଙ୍କ ମନଭିତରୁ ସେ ବ୍ୟକ୍ତିତ୍ୱ ବାହାରି ଆସିପାରୁନାହିଁ । ଗାଁ ଗହଳିରେ ସାବତମାଆ, ମାଆଠାରୁ ଅଧିକ ମମତା ଦେଇଥାଏ । ଲୋକକଥା ଓ ପଡ଼ୋଶୀଙ୍କ ଈର୍ଷାଭାବ ହିଁ ତାକୁ ବାଧ୍ୟ କରିଥାଏ ପିଲାମାନଙ୍କର ଠିକ୍‌ଭାବେ ଯତ୍ନନେବା ପାଇଁ । ସହରାଞ୍ଚଳରେ ଅତ୍ୟାଧୁନିକ ଚାଲି ଚଳଣି ଭିତରେ ସାବତମାଆର ଆତ୍ମୀୟତା ପିଲାମାନଙ୍କ ଉପରୁ ଊଣାହେବା ଦେଖାଯାଏ ନାହିଁ । ସାବତମାଆଟିଏ ସବୁବେଳେ ମାନସିକ ଚାପର ବଶବର୍ତ୍ତୀ ହୋଇଥାଏ । ସବୁ ସମୟରେ ତାକୁ ଯେଉଁ ସମ୍ବୋଧନ କରାଯାଇଥାଏ ତାହା ତା ମନଭିତରେ ଗଭୀର ଆଘାତ ସୃଷ୍ଟି କରିଥାଏ । ବିଳାସ ବ୍ୟସନରେ ରହୁଥିବା ଧନାଢ୍ୟ ପରିବାରରେ ପିଲାମାନେ ମାଆ ଓ ସାବତମାଆର ପାର୍ଥକ୍ୟ ସେଭଳି ଅନୁଭବ କରନ୍ତି ନାହିଁ । ସେମାନେ ଯେଉଁ ଧାରାରେ ପ୍ରତିପାଳିତ ହୋଇଥାଆନ୍ତି ସେଥିରୁ ଅଚାନକ ବିଚ୍ୟୁତ ଘଟିଲେ ମାନସିକ ଆଘାତ ପାଆନ୍ତି । ମାଆ ସହ ସେମାନଙ୍କର ଥିବା ସମ୍ପର୍କର ରଜ୍ଜୁ ବିଚ୍ଛିନ୍ନ ହେଲେ ମମତାରେ ଏକ ବ୍ୟତିକ୍ରମ ଲକ୍ଷ୍ୟ କରାଯାଇଥାଏ । ଜନ୍ମରୁ ଯେଉଁ ଆତ୍ମୀୟତା ସେମାନଙ୍କ କଅଁଳ ମନକୁ ବାନ୍ଧି ରଖିଥାଏ ସେଥିରେ ପରିବର୍ତ୍ତନ, ସ୍ୱାଭାବିକଭାବେ ସେମାନଙ୍କୁ ଆଘାତ ଦେଇଥାଏ । ସହଜରେ ସେମାନେ ଆଉଜଣେ ମାଆର ଆତ୍ମୀୟତାକୁ ଗ୍ରହଣ କରିପାରିନଥାନ୍ତି । ସମୟକ୍ରମେ ଅଭ୍ୟସ୍ତ ହୋଇପଡ଼ିଲେ ଏହି ବ୍ୟବଧାନ ଦୂରେଇ ଯାଇଥାଏ । ଅନ୍ୟମାନଙ୍କ ଆଖିରେ ସାବତମାଆ ସବୁବେଳେ ସାବତମାଆର ପାରମ୍ପରିକ ଚରିତ୍ର ହୋଇ ରହିବା ଦେଖାଯାଏ ଯାହା ବାସ୍ତବ କ୍ଷେତ୍ରରେ ଯଥେଷ୍ଟ ପରିବର୍ତ୍ତନ ଆଣିଥାଏ ସେ କଥା କେହି ସହଜରେ ବୁଝିବାକୁ ଚେଷ୍ଟା କରନ୍ତି ନାହିଁ ।

ସମାଜରେ ଅନେକ ସାବତମାଆ ଅଛନ୍ତି ଯେଉଁମାନଙ୍କ ଜୀବନ ପିଲାଙ୍କ ପାଇଁ ସମର୍ପିତ । ସନ୍ତାନପ୍ରସବ କ୍ଷମତା ଉପରେ ସ୍ୱଇଚ୍ଛାରେ ସେମାନେ ପ୍ରତିବନ୍ଧକ ଲଗାଉଥିବା ଦେଖାଯାଏ । ନିଜ ସନ୍ତାନ ପାଇଁ ବ୍ୟାକୁଳତା ପ୍ରକାଶ କରନ୍ତି ନାହିଁ; ଛୋଟ ଛୋଟ ପିଲାଙ୍କୁ ଛାଡ଼ି ଇହଲୀଳା ସମ୍ବରଣ କରୁଥିବା ମହିଳାଙ୍କ ପ୍ରତି ଏମାନଙ୍କ ମନୋଭାବ ସ୍ୱତଃ ଏକ ନୂଆ ଚେତନା ଆଣିଦେଇଥାଏ । ଯେଉଁ ପରିବାରରେ ପିଲାମାନେ ବଡ଼ ହେବାପରେ ପୁରୁଷଟିଏ ଦ୍ୱିତୀୟ ବିବାହ କରେ, ସେଠି ପିଲାମାନେ ବାପା, ମାଆଙ୍କ ସ୍ନେହଠାରୁ ନିଜକୁ ଦୂରେଇ ରଖନ୍ତି । ସାବତମାଆ ଯେତେ ଚେଷ୍ଟା କଲେବି ସେମାନଙ୍କ ମନରେ ପରିବର୍ତ୍ତନ ଆଣିବାରେ ସକ୍ଷମ ହୁଏନାହିଁ । ମାଆ ଓ ସନ୍ତାନଙ୍କ ବୟସର ତାରତମ୍ୟ, ସ୍ନେହ ଶ୍ରଦ୍ଧା ଅପେକ୍ଷା ଈର୍ଷା ଓ ଅସ୍ପଷ୍ଟ ମନୋଭାବ ସୃଷ୍ଟି କରିଥାଏ । ଅନେକ କ୍ଷେତ୍ରରେ ପୁଅ ଝିଅଙ୍କ ବିବାହ ପରେ ବି ଅସହାୟ ବୟସ୍କ ବାପାମାନେ ଦ୍ୱିତୀୟ ବିବାହକୁ ବାଛି ନେଇଥାଆନ୍ତି । ଏଭଳି କ୍ଷେତ୍ରରେ ସାବତମାଆଙ୍କ ଠାରୁ ସେଭଳି ସ୍ନେହ ମିଳିନଥାଏ । ପିଲାମାନେ ସବୁବେଳେ ଏହି ପାରିବାରିକ ବଳୟ ଭିତରୁ ନିଜକୁ ଦୂରେଇ ରଖିଥାଆନ୍ତି । ଯେଉଁଠି ଆତ୍ମୀୟତା ସେମାନଙ୍କୁ ସ୍ପର୍ଶ କରିଥାଏ ସେ କ୍ଷେତ୍ରରେ ସାବତମାଆ ହୋଇପଡ଼େ ମାଆଠାରୁ ଅଧିକ ମମତା ପ୍ରଦାୟିନୀ । ଏବେ ମାଆ ଥିଲେ ସାବତମାଆ ଘରକୁ ଆସିବା ପରମ୍ପରା ଧୀରେ ଧୀରେ ଲୋପ ପାଇବାକୁ ବସିଲାଣି । ସାବତମାଆ ଅପେକ୍ଷା ଅତ୍ୟାଧୁନିକ ସମାଜରେ ରକ୍ଷିତାମାନଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି ।

ଗୋଟିଏ ପରିବାରରେ ପତ୍ନୀ ଓ ଦ୍ୱିତୀୟ ପତ୍ନୀଙ୍କୁ ରଖିବା ବ୍ୟବସ୍ଥାଠାରୁ ଦୂରେଇ ରହୁଛନ୍ତି ପୁରୁଷମାନେ । ପରିବାର ବାହାରେ ରକ୍ଷିତାମାନଙ୍କ ପାଇଁ ସ୍ଥାନ ବାଛୁଛନ୍ତି । ଘରଭିତରେ ଦୁଇ ମହିଳାଙ୍କ ବିବାଦର ଆଶଙ୍କା ଓ ଲୋକଲଜ୍ଜାକୁ ଭୟକରି ଅନେକ ଶିକ୍ଷିତ ବ୍ୟକ୍ତି, ରକ୍ଷିତାକୁ ସମ୍ପର୍କୀୟ ମାନଙ୍କଠାରୁ ଦୂରରେ ରଖୁଛନ୍ତି । ନାରୀ ସ୍ୱାଧୀନତା ସାବତମାଆ ପରମ୍ପରାରେ ଘୋର ପ୍ରତିବନ୍ଧକ ସୃଷ୍ଟି କରିଛି । ସାବତମାଆର ସ୍ୱଭାବ ଓ ମାନସିକତାକୁ ନେଇ ଯେଉଁସବୁ ଚର୍ଚ୍ଚା ଏବେବି ସାମାଜକ ଚଳଣି ଭିତରେ ପରମ୍ପରା ହୋଇ ରହିଯାଇଛି, ତାହା ବାସ୍ତବତାଠାରୁ ସମ୍ପୂର୍ଣ୍ଣ ଭିନ୍ନ । ସାବତମାଆ କୋଳରେ ବଢ଼ିଥିବା ପିଲାମାନେ ଜୀବନସାରା ଏଇ ମାଆମାନଙ୍କୁ ଭୁଲିପାରନ୍ତି ନାହିଁ । ନାରୀ ମାନସିକତା ଭିତରେ ଯେଉଁ ମାଆର ହୃଦୟ ରହିଛି, ତାହା ଜନ୍ମିତ ମାଆଠାରୁ ଯେତିକି ପରିମାଣରେ ମିଳିଥାଏ ଠିକ୍ ସେତିକି ମିଳେ ସାବତମାଆଠାରୁ । ଭୁଲ ବୁଝାମଣା, ଅସୂୟା ମନୋଭାବ ରଖୁଥିବା ମହିଳାଙ୍କ ଆଲୋଚନା ଏବଂ ସାଧାରଣ ତ୍ରୁଟି ବିଚ୍ୟୁତିକୁ ନେଇ ସାବତମାଆ ଉପରେ ଯେଉଁ ଧାରଣା ତିଆରି କରାଯାଇଛି ସେସବୁ ଠିକ୍ ନୁହେଁ ପ୍ରମାଣିତ କରିଛନ୍ତି ସାବତମାଆମାନେ । ଏହି ବ୍ୟବସ୍ଥା ଏବେବି ପ୍ରଚଳିତ ଅଛି । ମାଆ ଓ ସାବତମାଆ ଚରିତ୍ରକୁ ନେଇ ରହିଛି ଭିନ୍ନମତ ।


ପୂର୍ବତନ ଡିଏଫଓ, ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ : ୯୪୩୭୨୫୭୧୨୩


# ପ୍ରକୃତି ସହ ସୁସମ୍ପର୍କରେ ହିଁ ବଞ୍ଚିବା

॥ ବିପିନ ବିହାରୀ ରାଉତ ॥

ବିଶ୍ୱ ଆଗରେ ନିୟମିତ ଗୋଟିଏ ପରେ ଗୋଟିଏ ବିପଦ ଉଭା ହେଉଛି। କରୋନା ଭଳି ମହାମାରୀ ଅଚାନକ ନେଇଗଲା ଲକ୍ଷ ଲକ୍ଷ ଜୀବନ। ତେବେ ଯେଉଁ ବଡ଼ ବିପଦ ଆମ ମୁଣ୍ଡ ଉପରେ ଡେମୋକ୍ଲିସର ଖଣ୍ଡା ହୋଇ ଝୁଲୁଛି, ତାହା ହେଉଛି ପରିବେଶ। ପରିବେଶ ପ୍ରଦୂଷଣ କାରଣରୁ ଭୟଙ୍କର ପରିସ୍ଥିତି ଆଡ଼କୁ ବିଶ୍ୱ ଗତି କରୁଥିଲାବେଳେ କେବଳ ଦିନଟିଏ ପାଇଁ କିମ୍ବା ସପ୍ତାହେ ପାଇଁ ଏହି ଦିବସ ପାଳନ କରିଦେଇ ଆମେ ଚୁପ ହୋଇ ରହିଗଲେ ବିପଦକୁ ସମ୍ପୂର୍ଣ୍ଣ ଏଡ଼ାଇ ପାରିବା ନାହିଁ। ଦାୟିତ୍ୱ ସମସ୍ତଙ୍କର। ଜୁନ ୫ ତାରିଖ ପରିବେଶ ସୁରକ୍ଷା ଓ ସଂରକ୍ଷଣ ପାଇଁ ବିଶ୍ୱ ପାଳନ କରିଛି ବିଶ୍ୱ ପରିବେଶ ଦିବସ। ପରିବେଶ ଦିଗରେ ସଚେତନା ସୃଷ୍ଟି ନିମନ୍ତେ ୧୯୭୪ ମସିହାରୁ ଏହି ଦିବସ ପାଳନ କରାଯାଉଛି। ଭାରତରେ ମଧ୍ୟ ଏଭଳି କାର୍ଯ୍ୟକ୍ରମର ଧୁମଧାମ ଆୟୋଜନ ହୋଇଥାଏ। ହେଲେ ପରେ ଆମେ ଏହି ଦିନ ନେଇଥିବା ନିଷ୍ପତ୍ତିକୁ କେତେ ସଫଳତାର ସହ ପୂରଣ କରିଛେ ତାକୁ ଭୁଲିଯାଇଥାଏ।

ଧରିତ୍ରୀ ଆମର ମା’, ପ୍ରକୃତି ଆମର ଜୀବନ। ପ୍ରକୃତି ବିନା ଜୀବନ ଅସମ୍ଭବ ଏହା ଆମେ ସମସ୍ତେ ଜାଣିଛେ। ମାତ୍ର ବିକାଶ ଓ ଆଧୁନିକତାର ପ୍ରତିଯୋଗିତାର ନିୟମିତ ପରିବେଶକୁ କ୍ଷତି ପହଞ୍ଚାଉଛେ। ଶିଳ୍ପ ପ୍ରତିଷ୍ଠାନ ପାଇଁ ହେଉ ଅବା ବିଧାୟକଙ୍କ ଘର କିମ୍ବା ସଂସଦ ଭବନ, ସବୁଠି ବଳି ପଡୁଛି ବୃକ୍ଷ। କିଛି ଦିନ ହୋହଲ୍ଲା ପରେ ସମସ୍ତେ ଚୁପଚାପ। କୋଟି କୋଟି ଟଙ୍କା ଖର୍ଚ୍ଚ କରି ଗଛ ଲଗାଇବାର ପ୍ରତିଶ୍ରୁତି ସାଧାରଣ ଜନତାଙ୍କୁ ସରକାର ଦେଉଥିଲାବେଳେ ପରେ ଗୋଟିଏ ଗଛ ବଞ୍ଚିଛି ନା ନାହିଁ ତାକୁ ଦେଖିବାକୁ କେହି ନାହାନ୍ତି। କ୍ରମାଗତ ଭାବେ ଆମେ ପ୍ରକୃତି ଠାରୁ ଦୂରେଇ ଚାଲିଛେ। ଝରଣା, ନଦୀ, ହ୍ରଦ, ଜଙ୍ଗଲ ଦେଖିବାକୁ ଦୂରକୁ ଯିବାକୁ ପଡୁଛି। ଆଉ ପ୍ରକୃତିକୁ କ୍ଷତ ପହଞ୍ଚାଇବାର ପରିଣାମ ନିୟମିତ ଭୋଗୁଛେ। ଜଳବାୟୁ ପରିବର୍ତ୍ତନ କାରଣରୁ କେତେବେଳେ ତାତି ୪୫ ଡିଗ୍ରୀ ଟପିଲାଣି ତ ଆଉ କେତେବେଳେ ଅବିଶ୍ରାନ୍ତ ବର୍ଷା। ଜନ ଜୀବନକୁ ବିପର୍ଯ୍ୟସ୍ତ କରି ପକାଉଛି। ଖରା, ବର୍ଷା, ଶୀତ ସବୁଥିରେ ଅନିଶ୍ଚିତତା। ଜଳସ୍ତର ହ୍ରାସ କାରଣରୁ ଜଳ ସଙ୍କଟ ବଢ଼ିବାରେ ଲାଗିଛି। ଗଛ କାଟିବାରୁ ପ୍ରଦୂଷିତ ହେଉଛି ବାୟୁ। ଆଉ କେବଳ ଏହି ବାୟୁ ପ୍ରଦୂଷଣ କାରଣରୁ ବର୍ଷକରେ ବିଶ୍ୱରେ ୧ କୋଟିରୁ ଅଧିକ ଲୋକଙ୍କର ଯାଉଛି ଜୀବନ। ସହରାଞ୍ଚଳରେ ଶାନ୍ତିରେ ନିଶ୍ୱାସ ନେବା କଷ୍ଟକର ହୋଇପଡୁଥିଲା ବେଳେ ଗ୍ରାମାଞ୍ଚଳ ସ୍ଥିତି ମଧ୍ୟ ସେହି ଆଡ଼କୁ ମୁହାଁଇଲାଣି।

ସବୁରି ମୂଳର ବଡ଼ କାରଣ ହେଉଛି ଜୀବନଧାରଣର ମାନ ବଦଳିବା। ନିଜକୁ ଆରାମଦାୟକ ସ୍ଥିତିରେ ରଖିବା ପାଇଁ ଯେଉଁସବୁ ପଦକ୍ଷେପ ଆମେ ନେଉଛେ ତାହା ଅନ୍ୟମାନଙ୍କ ପାଇଁ ବିପଦ ଡାକୁଛି। ଆଉ ଏହି ବିପଦରେ ମଧ୍ୟ ଆମେ ହିଁ ପଡୁଛେ। ପ୍ରକୃତି ଠାରୁ ଦୂରେଇ ରହିବା କାରଣରୁ ଏଭଳି ରୋଗ ଦେଖିବାକୁ ମିଳୁଛି ଯାହାର ଔଷଧ ବୈଜ୍ଞାନିକଙ୍କ ହାତରେ ମଧ୍ୟ ନାହିଁ। ନଦୀ, ଝରଣାର ଦିଗ ବଦଳିବା, ଜଙ୍ଗଲ ନଷ୍ଟ ହେବା ଏହି କାରଣରୁ ପ୍ରଦୂଷଣ ବଢ଼ିବା ଆମ ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରିଛି ବର୍ତ୍ତମାନ ସମୟରେ। ତେଣୁ ନିଜକୁ ବଞ୍ଚାଇ ପୃଥିବୀକୁ ବଞ୍ଚାଇ ରଖିବାର ଉଦ୍ୟମ କ୍ରମେ ଜୁନ ୫ ତାରିଖକୁ ଯଦିଓ ଆମେ ବିଶ୍ୱ ପରିବେଶ ଦିବସ ଭାବେ ପାଳନ କରୁଛେ ତେବେ ଏହି ଗୋଟିଏ ଦିନର ସଚେତନତା ଯଥେଷ୍ଟ ନୁହେଁ। ଯେ ପର୍ଯ୍ୟନ୍ତ ଆମେ ନିଜେ ଚେତି ନାହେଁ ସେ ପର୍ଯ୍ୟନ୍ତ ଅନ୍ୟକୁ ଓ ସମାଜକୁ ସଚେତନ କରାଇ ପାରିବା ନାହିଁ। ଗୋଟିଏ ଦିନର ଭାଷଣବାଜି, ପ୍ରତିଶ୍ରୁତି ବିଶ୍ୱକୁ ସୁରକ୍ଷା ଦେବାରେ ଯଥେଷ୍ଟ ନୁହେଁ। ତେଣୁ ପ୍ରତ୍ୟେକ ଦେଶ ମିଳିତ ଭାବେ ଏହି ବିପଦର ମୁକାବିଲା ପାଇଁ ଆଗେଇ ଆସିବା ଦରକାର। ହେଲେ କିଛି ଦେଶ ନିଜର ସ୍ୱାର୍ଥ ପାଇଁ ଏଭଳି ଉଦ୍ୟମକୁ ଭଣ୍ଡୁର କରିବାର ଯେଉଁ ଅପଚେଷ୍ଟା କରୁଛନ୍ତି ତାହା ଖାଲି ଅନ୍ୟ ଦେଶ ପାଇଁ ନୁହେଁ ସେମାନଙ୍କ ପାଇଁ ମଧ୍ୟ ବିପଦ ବୋଲି ବୁଝିବା ଦରକାର। ଆଧୁନିକ ବିଶ୍ୱ ପାଇଁ ଆଜି ସବୁଠି ବଡ଼ ବିପଦ ହେଉଛି ଜଳବାୟୁ ପରିବର୍ତ୍ତନ। ତେଣୁ ଏହାକୁ କେବଳ ସଭାସମିତିରେ, ପ୍ଲାକାର୍ଡ଼ ଭିତରେ ସୀମିତ ରଖିବା ଅନୁଚିତ। ବିକାଶ ନାମରେ ଆମେ ଯେ ଏକ ବିନାଶ ଆଡ଼କୁ ଗତି କରିଛେ ତାହା ସମସ୍ତେ ବୁଝିବା ଦରକାର। ଧରିତ୍ରୀ ଆମର ଘର। ତେଣୁ ଏଥିରେ ଦେଖାଦେଉଥିବା ପରିବର୍ତ୍ତନକୁ ନ ବୁଝିବା ଅର୍ଥ ହେଉଛି ଆମେ ଆମର ଘର ଓ ପରିବାରର ଦାୟିତ୍ୱକୁ ବୁଝିପାରୁନାହୁଁ। ଯଦିଓ ଏହା କଠିନ ତେବେ ଏଥିରେ ମଧ୍ୟ ସଫଳତା ସେତେବେଳେ ମିଳିପାରିବ ଯେତେବେଳେ ଆମେ ସମସ୍ତେ ଏକାଠି ହୋଇ ଏହି ଅଭିଯାନରେ ନିଜକୁ ସାମିଲ କରିବା।


ଶ୍ରୀବିହାର କଲୋନୀ, କଟକ
ଦୂରଭାଷ : ୯୪୩୭୬୬୬୪୫୩



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା



ଶୁକ୍ରବାର, ୨୫ ଏପିଲ, ୨୦୨୫



## ବାଇକ୍‌କୁ ଧକ୍କା ଦେଲା କାର: ଦୁଇ ମୃତ

ବୌଦ୍ଧ, (ମହାଭାରତ) : ପୁରୁଣାକଟକ ଥାନା ଅନ୍ତର୍ଗତ ୫୭ନମ୍ବର ଜାତୀୟ ରାଜପଥ ଦିଗସିରା ନିକଟରେ ବାଇକ୍‌କୁ ଧକ୍କା ଦେଲା କାର । ଦୁର୍ଘଟଣାରେ ଦୁଇ ମୃତ ଜଣେ ଗୁରୁତର । ଦୁର୍ଘଟଣା ଘଟାଇ କାର ଡ୍ରାଇଭର ଫେରାର । ଗୁରୁତର ଓ ମୃତକଙ୍କୁ ଅଗ୍ନିଶମ ବାହିନୀ ଉଦ୍ଧାର କରି ପୁରୁଣାକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି । ଜଣେ ଗୁରୁତର ଦୁଇ ମୃତକଙ୍କ ପରିଚୟ ମିଳିପାରିନାହିଁ । ଘଟଣା ସ୍ଥଳରେ ପୁରୁଣାକଟକ ପୋଲିସ ପହଞ୍ଚି ତଦନ୍ତ ଜାରି । ସୂଚନା ଅନୁଯାଇ ବୌଦ୍ଧ ପଟରୁ ଚାରିଛକ ପଟରୁ ଦ୍ରୁତଗତିରେ ଯାଉଥିବା ଏକ କାର ଚାରିଛକ ପଟରୁ ବାଇକ୍ ଯୋଗେ ପୁରୁଣା କଟକକୁ ଆସୁଥିବା ଗୋଟିଏ ବାଇକ୍‌ରେ ତିନି ଜଣ ବାଇକ ଆରୋହୀଙ୍କୁ ଧକ୍କା ଦେଇଥିଲା । ଫଳରେ ଘଟଣା ସ୍ଥଳରେ ଦୁଇଜଣ ବାଇକ ଅରୋହିଙ୍କ ମୃତ୍ୟ ଘଟିଥିବା ବେଳେ ଜଣେ ଗୁରୁତର ହୋଇଥିଲେ । ସମସ୍ତଙ୍କୁ ଅଗ୍ନିଶମବାହିନୀ ଆଣି ପୁରୁଣାକଟକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ଅନ୍ୟପଟେ ଘଟଣାସ୍ଥଳରେ ପୁରୁଣାକଟକ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ସେପଟେ ମୃତ ଦୁଇଜଣ ଓ ଗୁରୁତରଙ୍କ ପରିଚୟ ମିଳିପାରି ନାହିଁ।

## ଗଣିଆରେ ପଂଚାୟତିରାଜ ଦିବସ ପାଳିତ

ଗଣିଆ, (ମହାଭାରତ): ରାଜ୍ୟ ସରକାର ଜନସାଧାରଣଙ୍କ ବିକାଶ ନିମନ୍ତେ ଶ୍ରୀକ୍ଷେତ୍ରଧାମ ପୁରୀ ଠାରେ ଗୁରୁବାର ଦିନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତିରାଜ ଦିବସ ପାଳିତ ହୋଇ ଯାଇଛି । ଏ ନେଇ ଗଣିଆ ବ୍ଲକ ପରିସରରେ ବି ଡି ଓ ସାଗର କୁମାର ନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନ କ୍ରମେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଲଇଡି ମାଧ୍ୟମରେ ଏହି କାର୍ଯ୍ୟକ୍ରମର ସିଧାପ୍ରସାରଣ କରାଯାଇଥିଲା । ଓଡ଼ିଶା ସରକାରଙ୍କ ପକ୍ଷରୁ ପଞ୍ଚାୟତିରାଜ ଦିବସ ପାଇଁ ବିସ୍ତୃତ ମାର୍ଗଦର୍ଶିକା ଜାରି କରାଯାଇଥିବା ବେଳେ ଜିଲ୍ଲାପାଳ ଏବଂ ବିଡ଼ିଓଙ୍କୁ ଏହି ମାର୍ଗଦର୍ଶିକା ପ୍ରେରଣ କରାଯାଇଥିଲକ୍ଷ । ଜନମତକୁ ପ୍ରାଧାନ୍ୟ ଦେବା ପଞ୍ଚାୟତିରାଜ ଦିବସର ମୂଳ ଉଦ୍ଦେଶ୍ୟ ରହିଥିଲା । ଗ୍ରାମାଞ୍ଚଳ ଲୋକ ମାନଙ୍କୁ ପ୍ରାଥମିକତା ଦିଆଯିବା ସହିତ ଦଶ ହଜାର କୋଟି ଟଙ୍କା ବ୍ୟୟରେ ଗ୍ରାମାଂଚଳ ର ବିକାଶ ପାଇଁ ପିଏମ୍ ବିଜୁଳି , ଆବାସ, ପାଇବା ପାଣି ଓ ସଡକ ଯୋଜନା ରେ ବିଭିନ୍ନ ଉନ୍ନତି ମୂଳକ କାମ କରାଯିବ ବୋଲି ବୋଲି ମୁଖ୍ୟମନ୍ତ୍ରୀ ଅଭିଭାଷଣ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ଗଣିଆ ବ୍ଲକ ଅଧ୍ୟକ୍ଷା ଝୁନା ଜେନା, ସାଂସଦଙ୍କ ପ୍ରତିନିଧି ଶରତ କୁମାର କର, ଜିଲ୍ଲାପରିଷଦ ସଭ୍ୟ, ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ ରତନ ଲାଲ୍ ଲୋହରାଙ୍କ ସମେତ ସମସ୍ତ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଉପସ୍ଥିତ ଥିଲେ । ଉପସ୍ଥିତ ଅତିଥିମାନଙ୍କ ଦ୍ୱାରକ୍ଷ ୩୮ ଜଣ ହିତାଧିକରୀଙ୍କୁ ରାସନ କାର୍ଡ ବଣ୍ଟନ କରାଯାଇଥିଲା । ବିଡିଓଙ୍କ ପ୍ରଚେଷ୍ଟାରେ ଏହି କାର୍ଯ୍ୟକ୍ରମରେ ପ୍ରାୟ ଶତାଧିକ ମହିଳା ଏବଂ ପୁରୁଷ ସାମିଲ ହୋଇଥିଲେ । ଆଜିର ଏହି କାର୍ଯ୍ୟ କ୍ରମରେ ବେଲପଡ଼ାପାଟଣକ୍ଷ ,ଛାମୁଣ୍ଡିଆ, ଗଣିଆ ଓ ପଞ୍ଚାୟତ ର ସରପଞ୍ଚ ମାନଙ୍କୁ ପଞ୍ଚମ ରାଜ୍ୟ ଅର୍ଥ ଆୟୋଗରୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା ।

## ଗ୍ରାମର ବରିଷ୍ଠ ମୁରବୀ ନିରଞ୍ଜନ ଦାସଙ୍କ ପରୋଲୋକ

କଂଟାପଡ଼ା, (ମହାଭାରତ) : କଟକ ଜିଲ୍ଲା ବାରଙ୍ଗ ବ୍ଲକ ଅନ୍ତର୍ଗତ କୁରାଙ୍ଗ ପ୍ରଧାନ ଗ୍ରାମର ବରିଷ୍ଠ ମୂରବୀ ନିରଞ୍ଜନ ଦାସଙ୍କ ଗତ ମଙ୍ଗଳବାର ଦିନ ତାଙ୍କ ବାସଭବନରେ ଚିକିତ୍ସିତ ଅବସ୍ଥାରେ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ସ୍ୱର୍ଗତ ନିରଞ୍ଜନ ସାହୁଙ୍କୁ ୮୮ ବର୍ଷ ହୋଇଥିଲା । ସେ ଜଣେ ଧର୍ମପରାୟଣ, ସତ୍ୟନିଷ୍ଠ, ପରୋପକାରୀ ଏବଂ ଭାଗବତ ପ୍ରେମୀ ବ୍ୟକ୍ତି ଥିଲେ । ତାଙ୍କ ବିୟୋଗରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି । ମୃତ୍ୟୁ ଖବର ପାଇ ସ୍ଥାନୀୟ ଅଞ୍ଚଳ ବହୁ ଲୋକ ସାମିଲ ହୋଇଥିଲେ । ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପୁତ୍ର ବିନୋଦ ବିହାରୀ ଦାସ,ବଡ଼ ବୋହୁ, ସାନ ବୋହୁ, ଝିଅ, ନାତି, ନାତୁଣୀ ଓ ଆତ୍ମୀୟ ସ୍ୱଜନ ସମସ୍ତେ ଉପସ୍ଥିତ ଥିଲେ । ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କ ଶେଷକୃତ୍ୟ କାର୍ଯ୍ୟ ସମ୍ପନ୍ନ ହୋଯାଇଅଛି । ପୁଅ ବିନୋଦ ବିହାରୀ ଦାସ(ଟୁଲୁ) ମରଶରୀରେ ମୁଖାଗ୍ନି ଦେଇଥିଲେ ।

## ବାଲି ଚୋରା ଚାଲାଣ ବେଳେ ସମିତି ସଭ୍ୟ ଗିରଫ

ଆସିକା, (ମହାଭାରତ) : ଆସିକା ପୋଲିସ ବାଲି ଚୋରା ଚାଲାଣ ଅଭିଯୋଗରେ ଗିରଫ ହେଲେ ଆସିକା ବ୍ଲକ ନଳବନ୍ତ ପଞ୍ଚାୟତ ସମିତି ସଭ୍ୟ କିରଣ ଭୂୟାଁ । ପ୍ରକାଶ ଥାଉକି ଆସିକା ପୋଲିସ ପକ୍ଷରୁ ପେଟ୍ରୋଲିଙ୍ଗ ଚାଲିଥିବା ବେଳେ ନଳବନ୍ତ ଠାରେ ଓଡ଼-୩୨-ଔ-୭୩୮୬ ନମ୍ବର ବିଶିଷ୍ଟ ଗୋଟିଏ ଟ୍ରାକ୍ଟର ଯେଉଁଥିରେ ନମ୍ବର ନଥିବା ଗୋଟିଏ ଟ୍ରଲି ରେ ବାଲି ବୋଝେଇ ହୋଇ ଯାଉଥିଲା । ପୋଲିସ ଗାଡିକୁ ଅଟକାଇଲା ବେଳେ ପୋଲିସ୍ କୁ ଦେଖି ଟ୍ରାକ୍ଟର ଡ୍ରାଇଭର ଅନ୍ୟ ଜଣେ ସହଯୋଗୀ ସହ ଘଟଣାସ୍ଥଳରୁ ଖସି ପଳାଇଥିଲା । ପଚରାଉଚରା ବେଳେ ଜଣାପଡିଲା ଯେ ଉକ୍ତ ଗାଡିଟି ନଳବନ୍ତ ଗ୍ରାମର ସଞ୍ଜୟ ନାହକ (୨୬)ଙ୍କର ଅଟେ ।ସଞ୍ଜୟ ଏବଂ ତାଙ୍କ ସହଯୋଗୀ କିରଣ ଭୁୟାନ (୪୩),ଯେକି ବର୍ତ୍ତମାନ ନଳବନ୍ତ ପଞ୍ଚାୟତର ସମିତି ସଭ୍ୟ ଅଛନ୍ତି ଉଭୟ ଦୀର୍ଘ ବର୍ଷ ହେବ ନଳବନ୍ତ ନିକଟ ଋଷିକୂଲ୍ୟା ନଦୀରୁ ବାଲି ଚାଲାଣ କରୁଛନ୍ତି । ଯାହାକି ସମ୍ପୂର୍ଣ୍ଣ ଭାବେ ବେଆଇନ ଅଟେ । ଏହାକୁ ଭିତ୍ତି କରି ଆସିକା ପୋଲିସ ପକ୍ଷରୁ ଙ୍କ / ଶ୍ୱ-୩୦୩ (୨) / ୩ (୫) ଈଘଝ ଜ / ଡ ଶ୍ୱରମ ୧୨ ଓଡ଼ିଶା ଖଣିଜ ପଦାର୍ଥ (ଚୋରାଚାଲାଣ, ଚୋରା ଚାଲାଣ ଏବଂ ଅନ୍ୟାନ୍ୟ ବେଆଇନ କାର୍ଯ୍ୟକଳାପ) ରେ ମାମଲା ରୁଜୁ କରି ସମିତି ସଭ୍ୟ କିରଣ ଙ୍କୁ କୋର୍ଟ ଚାଲାଣ କରିଛନ୍ତି । ପ୍ରକାଶ ଥାଉକି ଦୀର୍ଘ ବର୍ଷ ହେବ ଏହି ବାଲି ଚୋରା ଚାଲାଣ ହେଉଥିଲା ଅଞ୍ଚଳ ବାସୀଙ୍କ ପକ୍ଷରୁ ବାରମ୍ବାର ଅଭିଯୋଗ ଓ ପୋଲିସ ପକ୍ଷରୁ ଚଢ଼ାଉ ପରେ ମଧ୍ୟ ସେମାନେ ଖସିଯିବାରେ ସକ୍ଷମ ହେଉଥିଲେ ।

## ହାଇୱା ଆତଙ୍କ: ଭାଙ୍ଗିଲା ବିଦ୍ୟୁତ ଖୁଣ୍ଟ

ଅସ୍ତରଙ୍ଗ, (ମହାଭାରତ) : ସାରା ରାଜ୍ୟରେ ଦୁର୍ଘଟଣା ଘଟାଇବାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ହାଇୱା ଟ୍ରକ ପ୍ରତ୍ୟେକ ସ୍ଥାନରେ ତାର ଆତଙ୍କ ଜାରି ରଖିଚି କେଉଁଠି ସାଇକେଲ, ମଟର ସାଇକେଲ, କାର ସ୍ୱାରୀଙ୍କ ଉପରେ ମାଡିଯାଉଛି ତ କେଉଁଠି ପୋଲିସ ଗାଡି ଉପରେ ଓଲଟି ପଡୁଛି ସେହିପରି ଏକ ଘଟଣା ଦେଖିବାକୁ ମିଳିଚି ଅସ୍ତରଙ୍ଗ ବ୍ଲକ ସରିପୁର ପଞ୍ଚାୟତ ମୁଦୁଗଲ ଗ୍ରାମର ମାଧବାନନ୍ଦ ମନ୍ଦିର ନିକଟରେ ଥିବା ଏକ ବିଦ୍ୟୁତ ଖୁଣ୍ଟ କୁ ଗ୍ରାମ ବାସୀଙ୍କ କହିବା ଅନୁସାରେ ଏକ ହାଇୱା ଗାଡି ମଙ୍ଗଳ ବାର ମଧ ରାତ୍ରରେ ମାଡ଼ କରି ଭାଙ୍ଗି ଦେଇଥିଲା ଯାହା ଫଳରେ ପୁରା ଅଞ୍ଚଳ ରେ ବିଦ୍ୟୁତ ସଂଯୋଗ କଟିଯାଇଥିଲା । ପ୍ରବଳ ଗ୍ରୀଷ୍ମ ପ୍ରବାହ କାରଣରୁ ଗରମ ଗୁଳୁଗୁଳି ଜାରିରହିଥିବା ବେଳେ ଏପରି ଭାବରେ ବିଦ୍ୟୁତ ସଂଯୋଗ କାଟିବାରୁ ଉକ୍ତ ଗ୍ରାମର ଶହେରୁ ଉର୍ଦ୍ଧ ପରିବାର, ରୋଗୀ, ବୃଦ୍ଧ ବୃଦ୍ଧା, ଛୋଟ ପିଲା ଗରମ ରେ କଲବଲ ହୋଇଥିବା ଗ୍ରାମବାସୀ ସୂଚନା ଦେଇଛନ୍ତି । ତେଣୁ ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ବେପରୁଆ ଗାଡିଚାଳକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଗାଡିକୁ ଜବତ କରିବାକୁ ଅଞ୍ଚଳବାସି ଅନୁରୋଧ କରିଛନ୍ତି ।

## ଜବର ଦଖଲ ଉଚ୍ଛେଦ ପାଇଁ ତହସିଲ ପକ୍ଷ ପୂର୍ବାହ ସୂଚନା

ପାଟଣା, (ମହାଭାରତ) : କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ପାଟଣା ବଜାର ଅଞ୍ଚଳକୁ ପାଟଣା ତହସିଲ କାର୍ଯ୍ୟଳୟ ତରଫ ରୁ ଆଜି ବୁଧବାର ଦିନ ଜବର ଦଖଲ ଉଚ୍ଛେଦ ପାଇଁ ବୁଲିଲା ଡାକଯନ୍ତ୍ର ଗାଡ଼ି । ସୂଚନାରୁ ପ୍ରକାଶ ଚଳିତ ମାସ ତା ୨୫ ରିଖ ଶୁକ୍ରବାର ଦିନ ସକାଳ ୮ଟା ଘଟିକା ସମୟରେ ପାଟଣା ବଜାର ଜବର ଦଖଲ କରିଥିବା ସମସ୍ତ ଦୋକାନ ଗୁଡ଼ିକ ଜାତୀୟ ରାଜପଥ ଲାଗି ରହିଥିବାରୁ ରାସ୍ତା ନିର୍ମାଣ ରେ ବାଧା ସୃଷ୍ଟି କରିବା ସହ ଯାତାୟାତ ରେ ବିଭନ୍ନ ସମୟ ରେ ବାଧା ଉପୁଜିବା ରୁ ପାଟଣା ତହସିଲ କାର୍ଯ୍ୟଳୟ ତରଫରୁ ଉଚ୍ଛେଦ କରାଯିବା ପାଇଁ ପାଟଣା ତହସିଲ ଏକ ଡାକ ଯନ୍ତ୍ରପାତି ଗାଡି ବୁଲୁ ଉଚ୍ଛେଦ ପ୍ରକ୍ରିୟା ପାଇଁ ସୂଚନା ଦେବା ସହ ସମସ୍ତ ଦୋକାନୀ ଭାଇ ଓ ଭଉଣୀ ମାନେ ନିଜ ନିଜ ଦୋକାନ ଖାଲି କରିବା ପାଇଁ କୁହାଯାଇଛି ।

## ରାବଣ ବଧ ଦିବସରେ ପ୍ରଭୂ ଶ୍ରୀ ମହାବୀରଙ୍କ ପ୍ରତିମୂର୍ତି ଉନ୍ମୋଚନ

ଦଶପଲ୍ଲା, (ମହାଭାରତ): ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକ ଅନ୍ତର୍ଗତ ପ୍ରଭୂ ଶ୍ରୀ ମହାବୀରଙ୍କ ପୀଠ ଅବସ୍ଥିତ । ଦଶପଲ୍ଲାର ଆରାଧ୍ୟ ଦେବ ଭାବେ ପ୍ରଭୂ ଶ୍ରୀ ମହାବୀର ପରିଚିତ । ଏଥି ସହିତ ଦଶପଲ୍ଲାର ଅନ୍ୟନାମ ମହାବୀର କ୍ଷେତ୍ର ବୋଲି କୁହାଯାଏ । ତେବେ ଦଶପଲ୍ଲାର ମେଡିକାଲ ଛକ ସ୍ଥିତ ମହାବୀର କ୍ଷେତ୍ରର ତୋରଣ ଟି ଅନେକ ଦିନ ହେଲା ଶ୍ରୀହୀନ ଦେଖାଯାଉଥିଲା । ଯାତ୍ରା କମିଟି ତଥା ବଦାନ୍ୟ ବ୍ୟକ୍ତି ଙ୍କ ପ୍ରୟାସରେ ଏହି ରାବଣ ବଧ ଦିନରେ ପ୍ରଭୂ ଶ୍ରୀ ମହାବୀରଙ୍କ ୧୬ ଫୁଟ ର ଶ୍ରୀମୂର୍ତ୍ତି ତୋରଣ ଉପରେ ସ୍ଥାପିତ କରାଯାଇଅଛି । ଏହି ଶ୍ରୀମୂର୍ତ୍ତିକୁ ଓଡିଶାର ବାଚସ୍ପତି ସୁରମା ପାଢ଼ୀ, ଯୁବ ନେତା ତଥା ସଂସ୍କୃତି, ଉଚ୍ଚ ଶିକ୍ଷା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ କରକମଳରେ ଅନୁଷ୍ଠିତ ହୋଇଯାଇଛି । ଏଥିସହିତ ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଫୁଲବାଣୀ ବିଧାୟକ ଉମାଚରଣ ମଲିକ, କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ , ଦଶପଲ୍ଲା ବିଧାୟକ ଓ ଅନ୍ୟ ମାନ୍ୟ ଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ମାତ୍ର କେତେକ ବ୍ୟତିକ୍ରମ ଏଠି ଦେଖିବାକୁ ମିଳିଥିଲା । ଦଶପଲ୍ଲାରେ ବିଜେପିର ନେତୃବୃନ୍ଦଙ୍କୁ ଜଣା ନଥିଲା କିଏ କିଏ ମନ୍ତ୍ରୀ ଉଦଘାଟନୀ ଉତ୍ସବରେ ଯୋଗ ଦେବାର ଅଛି ତାହା ସେମାନଙ୍କୁ ଅଗୋଚର ଥିବା କଥା ଚର୍ଚ୍ଚା ଯୋର ଧରିଛି । ସାମ୍ବାଦିକ ମାନଙ୍କୁ ମଧ୍ୟ ଅବଗତ କରାଯାଇନ ଥିଲା । ଏଥିରୁ ସହଜରେ ଅନୁମେୟ ହେଉଥିଲା ଯେ ଦଶପଲ୍ଲାରେ ବିଜେପିର ଅନ୍ତ କନ୍ଦଳ ଯୋର ଧରିଛି । ଏପରି ହେଲେ ଆଗାମୀ ଦିନରେ ବିଜେପି ଭାରୀ ପଡିବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି ।




## ପଂଚାୟତ ରାଜ ଦିବସ ମହାସମାରୋହରେ ପାଳିତ

ରାଇରଙ୍ଗପୁର, (ମହାଭାରତ) : ୨୪ ଏପ୍ରିଲ ସାରା ଭାରତରେ ଜାତୀୟ ପଂଚାୟତ ରାଜ ଦିବସ ପାଳନ କରାଯାଉଛି ।ଏହି ଅବସରରେ ପୁରୀରେ ରାଜ୍ୟ ସ୍ତରୀୟ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ୬ ଲକ୍ଷ ବଞ୍ଚିତ ନୂତନ ରେସନକାର୍ଡ ନାରୀଙ୍କୁ ରେସନକାର୍ଡ ବଣ୍ଟନ ଶୁଭାରମ୍ଭ କରିଥିଲେ । ଆଜି ରାଇରଙ୍ଗପୁର ବ୍ଲକ ପରିସରରେ ଜାତୀୟ ପଞ୍ଚାୟତ ରାଜ ଦିବସ ମୁଖ୍ୟମନ୍ତ୍ରୀ ଙ୍କ ଆଭାଷୀ ମାଧ୍ୟମରେ ଅନୁଷ୍ଠିତ ହୋଇଛି । ଏହି ଭବ୍ୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ ସାଂସଦ ନବ ଚରଣ ମାଝି, ସାଂସଦ ପ୍ରତିନିଧି ରାଜ୍ୟ ବିଜେପି ସଂପାଦକ ନବୀନ ରାମ, ବିଧାୟକ ପ୍ରତିନିଧି ଅଶୋକ ମହାନ୍ତ, ବିଡ଼ିଓ ନାରାୟଣୀ ପ୍ରିୟଦର୍ଶିନୀ ପଣ୍ଡା, ସମସ୍ତ ଜନପ୍ରତିନିଧି ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ର ଶୁଭାରମ୍ଭ କରିଥିଲେ । ସାଂସଦ କହିଥିଲେ ଗାଁର ବିକାଶ ହେଲେ ଦେଶର ବିକାଶ ହେବ । ତେଣୁ ସରକାର ତ୍ରିସ୍ତରୀୟ ପଞ୍ଚାୟତ ରାଜ ବ୍ୟବସ୍ଥାକୁ ବେଶି ଗୁରୁତ୍ୱ ଦେଉଛନ୍ତି । ଆଜିର ପଞ୍ଚାୟତ ରାଜ ଦିବସରେ ଜାତୀୟ ଖାଦ୍ୟ ସୁରକ୍ଷା ଓ ରାଜ୍ୟ ଖାଦ୍ୟ ସୁରକ୍ଷା ରୁ ବଞ୍ଚିତ ହୋଇଥିବା ଯୋଗ୍ୟ ହିତାଧିକାରୀ ମାନଙ୍କୁ ତାଲିକାରେ ଅନ୍ତର୍ଭୁକ୍ତ କରି ରେସନ କାର୍ଡ ଯୋଗାଇବା କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି । ଆଜି ରାଇରଙ୍ଗପୁର ବ୍ଲକର ୩୨ ଜଣ ଏବଂ ମ୍ୟୁନିସିପାଲିଟିର ବାର (୧୨)ଜଣଙ୍କୁ ସାଂସଦ ସମେତ ଅନ୍ୟ ଅତିଥିଗଣ ନୂତନ ରେସନ କାର୍ଡ ବଣ୍ଟନ କରିଥିଲେ । ଅନ୍ୟମାନଙ୍କୁ ପରବର୍ତ୍ତୀ ପର୍ଯ୍ୟାୟରେ ଯୋଗାଇ ଦିଆଯିବ । କୌଣସି ହିତାଧିକାରୀ ବ୍ୟସ୍ତ ହେବାର ନାହିଁ । ବ୍ଲକ ପ୍ରଶାସନ ତରଫରୁ ସମସ୍ତ ବ୍ୟବସ୍ଥା କରାଯିବ ବୋଲି ବିଡ଼ିଓ ମହାଶୟା କହିଥିଲେ ।ନୂତନ ରେସନକାର୍ଡ ପାଇ ହିତାଧିକାରୀଙ୍କ ଆଖିରୁ ଲୁହଖସି ପଡିବା ସହ ଖୁସି ମନରେ ଘରକୁ ଫେରିଥିଲେ । ସେମାନେ କେବେ ରେସନ କାର୍ଡ ପାଇବେ କଳ୍ପନା କରି ପାରି ନ ଥିଲେ । କାର୍ଯ୍ୟକ୍ରମରେ ବ୍ଲକର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ସମସ୍ତ ବିଭାଗୀୟ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ ।



## ପହଲଗାଓ ଘଟଣା: ସାଥି ସଂଗଠନ ଆନୁକୂଲ୍ୟରେ ଶ୍ରଦ୍ଧାଞ୍ଜଳି ସଭା

କୁନ୍ଦୁରା, (ମହାଭାରତ): କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ ସଦର ସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ପହଲଗାଁଓ ଆତଙ୍କି ଘଟଣାରେ ପ୍ରାଣ ହରାଇଥିବା ନିରୀହ ଲୋକଙ୍କ ଅମର ଆତ୍ମାର ସଦ୍ଗତି କାମନା କରିବା ନିମନ୍ତେ ସାଥି ସଂଗଠନ ଆନୁକୂଲ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ କୁ ସାଥି ସଂଗଠନ ର ସଭାପତି ଚନ୍ଦ୍ରଶେଖର ରଥ ଓ ଅନ୍ୟ ସଂଘୀୟ ସଦସ୍ୟ ବିକାଶ ଚୌଧୁରୀ, ସ୍ୱରୂପ ଦାସ ଆୟୋଜନ କରିଥିଲେ । କୁନ୍ଦୁରା ବ୍ଲକ ବିଡ଼ିଓ କପିଳେଶ୍ୱର ତାଣ୍ଡି, ଥାନା ଅଧିକାରୀ ଅଶ୍ୱିନୀ ପଟ୍ଟନାୟକ,ବିଜୁ ପଟ୍ଟନାୟକ +୨ କଲେଜ ଅଧ୍ୟାପକ ଶ୍ୱେତ ବସନ୍ତ ରଥ,ଗୁପ୍ତେଶ୍ୱର ପାଣିଗ୍ରାହୀ,କିଶୋର ମିଶ୍ର, ଭବାନୀ ଶଙ୍କର ରଥ, ବୁଲୁ ପାତ୍ର, ସଞ୍ଜୟ ସାହୁ, ଟୁନା ନାୟକ, ବୃନ୍ଦାବନ ପାତ୍ର, ଧର୍ମେନ୍ଦ୍ର ପ୍ରଧାନ, ବାବୁଲି ମିଶ୍ର, ପ୍ରଫୁଲ୍ଲ ସ୍ୱାଇଁ, ବଦ୍ରୀ ଆଚାର୍ଯ୍ୟ, ଗୋପାଳକୃଷ୍ଣ ସାବତ, ସୁଧୀର ବେହେରା ଙ୍କ ସମେତ ଅନେକ ଉପସ୍ଥିତ ରହିଥିଲେ କ୍ଷ ଗତ ୨୨ ତାରିଖ କାଶ୍ମୀରର ପହଲଗାଁଓ ଘାଟି ରେ ଆତଙ୍କବାଦୀଙ୍କ ଦ୍ୱାରା ହୃଦୟ ବିଦାରକ ନରସଂହାରରେ ପ୍ରାଣ ହରାଇଥିବା ନିରୀହ ଲୋକଙ୍କ ଅମର ଆତ୍ମାର ସଦ୍ଗତି କାମନା କରାଯାଇଥିଲା ।

## ଜିଲ୍ଲାସ୍ତରୀୟ ଜାତୀୟ ପଂଚାୟତିରାଜ ଦିବସ ପାଳିତ

କଳାହାଣ୍ଡି, (ମହାଭାରତ) : ଜିଲ୍ଲା ସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ସ୍ଥାନୀୟ ଟାଉନହଲ ଭବାନୀପାଟଣା ଠାରେ ଜିଲ୍ଲା ପ୍ରଶାସନ ତରଫରୁ ପାଳିତ ହୋଇଯାଇଛି । ଜିଲ୍ଲାପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, ସମ୍ମାନିତ ଅତିଥି ଭାବେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ି, ଉପ ଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ କୁମାର ପରିଡା, କଳାହାଣ୍ଡି ସାଂସଦଙ୍କ ପ୍ରତିନିଧି ଜୟଶଙ୍କର ନାୟକ, ସଦର ବିଧାୟକଙ୍କ ପ୍ରତିନିଧି ଧନୁର୍ଜୟ ଗହୀର, ବିଧାୟକ ଧର୍ମଗଡ଼ଙ୍କ ପ୍ରତିନିଧି ଜଗ ବନ୍ଧୁ ସାହୁ, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପବିତ୍ର କୁମାର ସାହୁ,ଭବାନୀ ପାଟଣା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚନ୍ଦନ ଭୋଇ, ତହସିଲଦାର ଅଧିକାରୀ ସୁଚିସ୍ମିତା ମିଶ୍ର ପ୍ରମୁଖ ଯୋଗଦେଇ ଥିଲେ । ପ୍ରାରମ୍ଭରେ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ପାଢ଼ି ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହିତ ପଞ୍ଚାୟତିରାଜ ଦିବସ ପାଳନ ର ତାତ୍ପର୍ଯ୍ୟ ଉପରେ ଉଲ୍ଲେଖ କରି ଜିଲ୍ଲାରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ । ଏଥିରେ ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ଜିଲ୍ଲାରେ ମୋଟ ୧,୨୦,୬୬୫ ସଂଖ୍ୟାକ ପ୍ରକଳ୍ପ ଗ୍ରହଣ କରାଯାଇଛି, ୨୮,୩୮୯ ସଂଖ୍ୟା କ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି ଏବଂ ୫୧, ୩୭୬ ସଂଖ୍ୟାକ ପ୍ରକଳ୍ପ ର କାର୍ଯ୍ୟ ଚାଲୁରହିଛି । ସେଥିମଧ୍ୟରୁ ୧୯,୧୮୧ ସଂଖ୍ୟାକ ଜଳ ସଂରକ୍ଷଣ ଏବଂ ଜଳ ସଂଗ୍ରହ ପ୍ରକଳ୍ପ ଗ୍ରହଣ କରାଯାଇ ୩,୯୫୪ ପ୍ରକଳ୍ପ ସଂପୂର୍ଣ୍ଣ ହୋଇଛି । ମୋଟ ୫,୪୭୩ ସଂଖ୍ୟାକ ଗ୍ରାମୀଣ ସଂଯୋଗ ପ୍ରକଳ୍ପ ଗ୍ରହଣ କରାଯାଇ ୭୦୭ ସଂଖ୍ୟାକ ପ୍ରକଳ୍ପ ସଂପୂର୍ଣ୍ଣ ହୋଇଛି । ମୋଟ ୨,୮୦୦ ସଂଖ୍ୟାକ ପାରମ୍ପରିକ ଜଳାଶୟ ପୁନରୁଦ୍ଧାର ପ୍ରକଳ୍ପ ଗ୍ରହଣ କରାଯାଇ ୫୪୬ ସଂଖ୍ୟା କ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି ଏବଂ ଏଥିସହ ମୋଟ ୭,୨୪୦ ସଂଖ୍ୟାକ ଭୂମି ଉନ୍ନୟନ ପ୍ରକଳ୍ପ ଗ୍ରହଣ କରାଯାଇ ୨,୧୭୨ ସଂଖ୍ୟାକ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି । ଏସ୍ ବି ଏମ୍, ଅଧୀନରେ ୧୯୭୬ ଟି ଗ୍ରାମକୁ ଓ ଡି ଏଫ୍ ପ୍ଲସ୍ ମଡେଲ ଗ୍ରାମ ଘୋଷଣା କରାଯାଇଛି । ୩,୬୮,୬୧୧ ଟି ସୌଚାଳୟର ନିର୍ମାଣ କରାଯାଇଛି ବୋଲି ମୁଖ୍ୟ ଉନ୍ନୟନ ଅଧିକାରୀ ସୂଚନା ଦେଇଥିଲେ । ମୁଖ୍ୟ ଅତିଥି ଜିଲ୍ଲାପାଳ ତାଙ୍କ ବକ୍ତବ୍ୟରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରି ଜିଲ୍ଲା ତଥା ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ଓ ବିକାଶ କ୍ଷେତ୍ରରେ ସମସ୍ତଙ୍କର ସହଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ । ଗ୍ରାମର ବିକାଶ ହେଲେ ଜିଲ୍ଲାର ବିକାଶ ହେବ ଏବଂ ଜିଲ୍ଲାର ବିକାଶ ହେଲେ ରାଜ୍ୟର ବିକାଶ ହେବ, ସମସ୍ତଙ୍କ ର ସହଯୋଗ ରେ ବିକାଶର ଧାରାକୁ ଆଗେଇ ନେବା ର ଆବଶ୍ୟକତା ରହିଛି ବୋଲି ଜିଲ୍ଲାପରିଷଦ ଅଧ୍ୟକ୍ଷ ଶ୍ରୀ ସିଂଦେଓ କହିଥିଲେ । ଅନ୍ୟ ସମସ୍ତ ଅତିଥି ପଞ୍ଚାୟତି ରାଜ ବିଧିବ୍ୟବସ୍ଥାରେ ମହିଳା ସଶକ୍ତିକରଣ ଓ ଗାଁ ର ଉନ୍ନତି ଓ ବିକାଶ ସମ୍ପର୍କରେ ଆଲୋକପାତ କରିଥିଲେ । ୧୬ ତମ ପଞ୍ଚାୟତି ରାଜ ଦିବସ ପାଳନ ଅବସରରେ ଦଶଜଣ ଯୋଗ୍ୟ ହିତାଧିକାରୀ ମାନଙ୍କୁ ମଂଚ ରେ ଅତିଥି ମାନଙ୍କ ଦ୍ୱାର ନୂଆ ରାସନକାର୍ଡ ବଣ୍ଟନ କରାଯାଇଥିଲା ଏବଂ ଉତମ କାର୍ଯ୍ୟ ଦକ୍ଷତା ପାଇଁ ଜିଲ୍ଲାର ଏ ବି, ସି ଗ୍ରେଡ ତାଲିକା ରେ ଥିବା ଗ୍ରାମପଞ୍ଚାୟତ ଙ୍କୁ ପୁରସ୍କାର ରାଶି ବାବଦକୁ ଡମି ଚେକ, ପ୍ରସଂଶା ପତ୍ର ପ୍ରଦାନ କରାଯାଇଥିଲା । ପୁରୀ ଅନୁଷ୍ଠିତ ରାଜ୍ୟସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଆଭାସୀ ମାଧ୍ୟମରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସରକାରଙ୍କର ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ ।

## ପହଲଗାମ ଆତଙ୍କବାଦୀ ହମାଲାକୁ ଦୃଢ଼ ନିନ୍ଦା କରିଛି ଆସିକା ବିଶ୍ୱ ହିନ୍ଦୁ ପରିଷଦ



ଆସିକା, (ମହାଭାରତ) : ଗତ ଜମ୍ମୁ ଓ କଶ୍ମୀରର ପହଲଗାମ ଆତଙ୍କବାଦୀ ହମାଲାକୁ ଦୃଢ଼ ନିନ୍ଦା କରିଛି ଆସିକା ବିଶ୍ୱ ହିନ୍ଦୁ ପରିଷଦ । ଏ ନେଇ ଆଜି ଗଞ୍ଜାମ ଜିଲ୍ଲା ଆସିକା ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗଦଳ, ଓ ହିନ୍ଦୁ ସମାଜ ପକ୍ଷରୁ ଏକ ପ୍ରତିବାଦ ଶୋଭାଯାତ୍ରା ଆସିକା କୁମ୍ଭାର ସାହି ରାଧାକୃଷ୍ଣ ମନ୍ଦିରରୁ ବାହାରି ଆସିକା ବସଷ୍ଟାଣ୍ଡ ଠାରେ ଶେଷ ହୋଇଛି । ଏଥିରେ ବିଶ୍ୱ ହିନ୍ଦୁ ପରିଷଦର ସଦସ୍ୟ ଓ ବଜରଙ୍ଗ ଦଳ ସଦସ୍ୟ ମାନେ ପହଲଗାମ ଆତଙ୍କବାଦୀ ହମାଲାକୁ ଦୃଢ଼ ନିନ୍ଦା କରି ପ୍ରତିବାଦ ପ୍ରଦର୍ଶନ କରିବା ସହ ପାକିସ୍ତାନ ପ୍ରଧାନମନ୍ତ୍ରୀ ଓ ସେନା ମୁଖ୍ୟ ଓ ପାକିସ୍ତାନ ପତାକା ଫୋଟ ଚିତ୍ରକୁ ପୋଡିଥିଲେ । ତତ ସହିତ ପେହଲଗାମ ଆତଙ୍କି ହାମଲା ସମ୍ପୃକ୍ତ ଆତଙ୍କି ସଂଗଠନ ଓ ଆତଙ୍କବାଦୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଭାରତ ସରକାରଙ୍କ ପାଖରେ ଦାବି ରଖିଛନ୍ତି । ଏହି ପ୍ରତିବାଦ ଶୋଭାଯାତ୍ରାରେ ଅବସର ପ୍ରାପ୍ତ ସେନା କର୍ମୀ ଚିତ୍ରସେନ ବାରିକ, ନାରାୟଣ ରଥ, ପୂର୍ଣ୍ଣଚନ୍ଦ୍ର ସେଠୀ, ବାଲାଜି ପାଣିଗ୍ରାହୀ, ଦିଲ୍ଲୀପ କୁମାର ଶତପଥି, ଉଦୟ ପ୍ରସାଦ ଗୁପ୍ତା, ଆସିକା ୧୭ ନଂ ୱାର୍ଡ କାଉନସିଲର ରାଘବ ସିୟ, ୧ ନଂ ୱାର୍ଡ କାଉନସିଲର ସରୋଜ ଭଞ୍ଜ, ଜୋଗେନ୍ଦ୍ର ପ୍ରଧାନ, ଡି ଭେଙ୍କେଟ ପାତ୍ର ଙ୍କ ସମେତ ବହୁ ସହରବାସୀ ଓ ଯୁବ ବର୍ଗ ଯୋଗ ଦେଇଥିଲେ ।

## ଭାରତୀୟ ନୌସେନାର ଅଗ୍ନିବୀର ଚୟନ ପ୍ରକ୍ରିୟାରେ ବଡ଼ ଧରଣର ସ୍କାମ୍

- ଦୁର୍ନୀତିରେ ଜଡ଼ିତ ନୌସେନାର ପୂର୍ବତନ ଅଧିକାରୀ
- ଦେଶବ୍ୟାପି ଲମ୍ବିଛି ଦୁର୍ନୀତିର ଚେର

ଖୋର୍ଦ୍ଧା, (ମହାଭାରତ): ଭାରତୀୟ ନୌସେନା ବିଭାଗରେ ଅଗ୍ନିବୀର ପଦବୀ ପ୍ରକ୍ରିୟା ଚୟନରେ ବଡ଼ ଧରଣର ଦୁର୍ନୀତି ହୋଇଥିବା ଘଟଣା ଆଜି ଲୋକଲୋଚନକୁ ଆସିଛି । ଅଗ୍ନିବୀର ଚୟନ ପ୍ରକ୍ରିୟାରେ ଚାଲିଥିବା ଏହି ସ୍କାମରେ ଲିପ୍ତ ରହିଥିବା ପାଞ୍ଚଜଣ ନୌସେନା ଅଧିକାରୀ ଗିରଫ ହୋଇଛନ୍ତି । ଓଡ଼ିଶା ଠାରୁ ନେଇ ଉତରପ୍ରଦେଶ ଏବଂ ଆଣ୍ଡାମାନ ନିକୋବରରେ ଥିବା ନୌସେନା ଅଧିକାରୀ ମାନେ ଏହି ସ୍କାମରେ ସାମିଲ୍ ଥିବା ନେଇ ପୋଲିସର ପ୍ରାଥମିକ ତଦନ୍ତରୁ ଜଣା ପଡିଛି । ଗତ ୨୦୨୪ ମସିହା ନଭେମ୍ବର ମାସରେ ୨୦୦ରୁ ଉର୍ଦ୍ଧ ଅଗ୍ନିବିର ପଦବୀ ପାଇଁ ଚାଲିଥିବା ଚୟନ ପ୍ରକ୍ରିୟାରେ ଚାଲିଥିଲା ଏହି ସ୍କାମ୍ । ପରୀକ୍ଷାର୍ଥୀ ମାନଙ୍କୁ ପୋଲିସ ଯାଂଚ ପ୍ରକ୍ରିୟା ଠାରୁ ନେଇ ଡାକ୍ତରୀ ପରୀକ୍ଷା ଏବଂ ଅଗ୍ନିବିର ପଦବୀରେ ପାସ କରାଇ ଦେବା ପାଇଁ ନୌ ସେନାରେ ଗୁରୁତ୍ୱପୂର୍ଣ୍ଣ ବିଭାଗ ଦାୟିତ୍ୱରେ ଥିବା ଅଧିକାରୀ ମାନଙ୍କ ଦ୍ୱାରା ହେଉଥିଲା ମୋଟା ଅଙ୍କର ଅର୍ଥ କାରବାର । ଏହି ସ୍କାମରେ ସାମିଲ୍ ଥିବା ଉତରପ୍ରଦେଶର ପୂର୍ବତନ ନୌସେନା ଅଧିକାରୀ ଭୂଷଣ ଏବଂ ସତ୍ୟମ୍ ଚାହାରଙ୍କ ସହିତ ଆଇ.ଏନ୍.ଏସ ଚିଲିକାରେ କାର୍ଯ୍ୟରତ ଅଧିକାରୀ ବିନୟ କୁମାର ରାୟ ଗିରଫ ହୋଇଛନ୍ତି । ଏହା ସହିତ ନୌସେନା ବିଭାଗରୁ ଗୁରୁତ୍ୱପୂର୍ଣ୍ଣ ଗୁପ୍ତ ଫାଇଲ୍ ମଧ୍ୟ ଲିକ୍ ହୋଇଥିବା ନେଇ ସୂଚନା ମିଳିଛି । ଅଭିଯୁକ୍ତ ମାନଙ୍କ ଠାରୁ ଠାରୁ ୧୨ଟି ବ୍ୟାଙ୍କ୍ ପାସ୍ ବୁକ୍ ମଧ୍ୟ ଜବତ କରାଯାଇଛି । ପ୍ରାୟ ଏକ କୋଟିରୁ ଉର୍ଦ୍ଧ ଟଙ୍କା ପାସ ବୁକରେ ରହିଥିବା ଜଣା ପଡିଛି ଏବଂ ସମସ୍ତ ମନି ଟ୍ରାଞ୍ଜାକସନ୍ ପ୍ରାୟତଃ ୟୁପିଆଇ ଜରିଆରେ ହୋଇଥିବା ଜଣା ପଡିଛି । ଆଇ.ଏନ୍.ଏସ ଚିଲିକାର ଲେଫ୍ଟନାଣ୍ଟ କମାଣ୍ଡର ଆଦିତ୍ୟ ସିଂହଙ୍କ ଠାରୁ ଅଭିଯୋଗ ପାଇ ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧିକାରୀ ସାଗରିକା ନାଥଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ବିଭିନ୍ନ ସ୍ଥାନ ରେ ରେଡ କରି ଏହି ଆନ୍ତର୍ଜାତୀୟ ରାକେଟକୁ ଧରିବାରେ ସଫଳ ହୋଇଥିବା ବେଳେ ଘଟଣାକୁ ନେଇ ଦେଶ ସୁରକ୍ଷାରେ ନିୟୋଜିତ ହେବାକୁ ଥିବା ଅଗ୍ନିବୀର ପ୍ରଶିକ୍ଷାର୍ଥୀଙ୍କ ଭବିଷ୍ୟତକୁ ନେଇ ବର୍ତ୍ତମାନ ଅନିଶ୍ଚିତତା ଦେଖାଦେଇଛି ।



## କଳାହାଣ୍ଡି ଜିଲ୍ଲା ଯାଦବ ଭବନ ଉଦଘାଟିତ



କଳାହାଣ୍ଡି/ମହାଭାରତ : ବେଦ ବେଦାନ୍ତ ଠାରୁ ଆରମ୍ଭ କରି ଶାସ୍ତ୍ର ପୁରାଣ ଯଦୁ ବଂଶର ଗୌରବ ଗାଥା ବଖାଣ କରିଥାନ୍ତି। ଇତିହାସ ପୃଷ୍ଠାରେ ପୂର୍ଣ୍ଣ ହୋଇ ରହିଛି ବୀର ଯାଦବଙ୍କ ସ୍ୱର୍ଣ୍ଣିମ ଅଧ୍ୟାୟ। ଯାଦବ ସଂସ୍କୃତି ବିଶ୍ୱର ଅନ୍ୟତମ ପ୍ରାଚୀନ ସଂସ୍କୃତି। ଏହି ସଂସ୍କୃତି ମାନବ ସମାଜକୁ ବିଶ୍ୱ ଭାତୃତ୍ୱର ବାର୍ତ୍ତା ପ୍ରଦାନ କରିଥାଏ। ଯଦୁ ବଂଶରେ ଜନ୍ମ ହେବା ଗୌରବର କଥା ବୋଲି କଳାହାଣ୍ଡି ଜିଲ୍ଲା ଯାଦବ ଭବନର ପ୍ରତିଷ୍ଠା ଉତ୍ସବ ଅବସରରେ ମତ ପ୍ରକାଶ ପାଇଛି। ବୁଧବାର ଭବାନୀପାଟଣାର ସଂକ୍ରିଗୁଡା ଠାରେ କଳାହାଣ୍ଡି ଜିଲ୍ଲା ଯାଦବ ମହାସଭା ପକ୍ଷରୁ ଯାଦବ ଭବନର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ଜିଲ୍ଲା ଯାଦବ ମହାସଭାର ସଭାପତି ନୃପରାଜ ଯାଦବ ଓ ସାଧାରଣ ସମ୍ପାଦକ ଡ଼. ସଞ୍ଜୟ କୁମାର ଧଙ୍ଗଡାମାଝୀଙ୍କ ନେତୃତ୍ୱରେ ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅଖିଳ ଭାରତବର୍ଷୀୟ ଯାଦବ ମହାସଭାର ସଭାପତି ଇଂ ପ୍ରଦୀପ କୁମାର ବେହେରା, ବିଶିଷ୍ଟ ଅତିଥି ଭାବେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଯୋଗଦେଇ ଭବନର ଶୁଭ ଉଦଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଉତ୍କଳ ଯାଦବ ମହାସଭାର ଉପସଭାପତି ଲମ୍ବୋଦର ନିଆଲ, ପୂର୍ବତନ ବିଧାୟକ ମୌଷଧି ବାଗ, ଉତ୍କଳ ଯାଦବ ମହାସଭାର ମହିଳା ଶାଖା ସଭାନେତ୍ରୀ ତଥା ଭବାନୀପାଟଣା ପୌର ପାଳିକାର ପୂର୍ବତନ ଅଧକ୍ଷା ସଞ୍ଜୁକ୍ତା ବେହେରା, ମୁଖ୍ୟ ଉପଦେଷ୍ଟା ସକିତ ରତେ, ଉତ୍କଳ ଯାଦବ ମହାସଭାର ରାଜ୍ୟ ଯୁବ ସଭାପତି ଅମର ବେହେରା, ସମାଜବାଦୀ ପାର୍ଟି ଓଡ଼ିଶା ପ୍ରଦେଶ ସଭାପତି ଶିବ ହାତୀ ଯାଦବ, କଳାହାଣ୍ଡି ଜିଲ୍ଲା ବିଜେପି ସଭାପତି ଯୁଗଳ କିଶୋର ପୋଦ୍ଦ, ଉତ୍କଳ ଯାଦବ ମହାସଭାର ସଂପାଦକ ନନ୍ଦଲାଲ ସିଂ ଯାଦବ, ଛତିଶଗଡ଼ ରାଜ୍ୟ ଚରଗଡ ଯାଦବ ସମାଜ ମହାସଭା ସଭାପତି କେନୁରାମ ଯାଦବ, ଉତ୍କଳ ଯାଦବ ମହାସଭାର ସମ୍ପାଦକ ମନୋଜ ହାତୀ, ଗୋବିନ୍ଦ ବନଛୋର ଓ ଅମିତ ନାଏକ, ନୂଆପଡ଼ା ଜିଲ୍ଲା ସଭାପତି ଭରତଲାଲ ରାଉତ, ରାଜ୍ୟ ଯୁବ ସମ୍ପାଦକ କପିଳେନ୍ଦ୍ର ଭୋଇ ପ୍ରମୁଖ ମଞ୍ଚାସୀନ ଥିଲେ। ଅନ୍ୟ ବିଶିଷ୍ଟ କାର୍ଯ୍ୟକର୍ତ୍ତା ଭାବେ କଳାହାଣ୍ଡି ଜିଲ୍ଲା ଯାଦବ ମହାସଭାର ଉପସଭାପତି ଦୁଲ୍ଲଭ ମାହାର, ଅରୁପାନନ୍ଦ ନାଗ ଓ ନରେନ୍ଦ୍ର ବାଗ, ଯୁଗ୍ମ ସମ୍ପାଦକ ଚନ୍ଦ୍ରଶେଖର ବାଗ, କୋଷାଧକ୍ଷ ତୁଳମଣି ନାଗ, ଜିଲ୍ଲା ମିଡ଼ିଆ ସେଲ ମୁଖ୍ୟ ଡ଼. ସୁନୀଲ କୁମାର ଧଙ୍ଗଡାମାଝୀ, ଜିଲ୍ଲା ମହିଳା ଶାଖା ସଭାନେତ୍ରୀ ରଶ୍ମୀରେଖା ରାଉତ, କର୍ମଚାରୀ ଶାଖା ସଭାପତି ଲକ୍ଷ୍ମଣ ବଛା ପ୍ରମୁଖ ଉପସ୍ଥିତ ଥିଲେ।

## କୁନ୍ଦୁରା ବ୍ଲକ ରେ ଜାତୀୟ ପଞ୍ଚାୟତରାଜ ଦିବସ ସମାରୋହ ପାଳିତ

କୁନ୍ଦୁରା(ମହାଭାରତ ):-କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ କଲୋନୀ ପରିସରରେ ବ୍ଲକ ସ୍ତରୀୟ ଜାତୀୟ ପଞ୍ଚାୟତ ରାଜ ଦିବସ ସମାରୋହ ପାଳିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମ ରେ ପଞ୍ଚାୟତ ସମିତି ଅଧକ୍ଷ ରାଜେଶ୍ୱରୀ ପରଜା, ଉପାଧ୍ୟାକ୍ଷ ତରୁଣୀସେନ ବିଷୋୟୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ କପିଳେଶ୍ୱର ତାଣ୍ଡି,ବିଧାୟକ ପ୍ରତିନିଧି ବଦ୍ରି ନାରାୟଣ ଆଚାର୍ଯ୍ୟ, ଜିଲ୍ଲା ପ୍ରତିନିଧି ଅମ୍ବୁ ପାତ୍ର, ମଣ୍ଡଳ ସଭାପତି ପଦ୍ମନାଭ ବିଷୋୟୀ, ସରପ□ ଲବ ପରଜା, ସମିତି ସଭ୍ୟ ଦାମୋଦର ଗଣ୍ଡା, ଜିପିଇଓ ଜଗତ ସିଂ ମାଝୀ, ବିଏସଏସଓ ବଳିରାମ ଭତ୍ରା, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସ୍ୱରୂପ ରଞ୍ଜନ ସାହୁ ଙ୍କ ସହ କୁନ୍ଦୁରା ବ୍ଲକ ର ପ୍ରତେକ ପଞ୍ଚାୟତ ର ସରପୋ□ ଓ ସମିତି ସଭ୍ୟ, ବିଜେପି କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ ଜଗତର ନାଥ ଜଗନ୍ନାଥ ପ୍ରତିମୂର୍ତ୍ତି ରେ ପୁଷ୍ପମାଲ୍ୟ ଓ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ସଭାକାର୍ଯ୍ୟ ଆରମ୍ଭରେ କାଶ୍ମୀର ପହଲଗାମ ଘାଟିରେ ଆତଙ୍କବାଦୀ ଙ୍କ ଗୁଳିରେ ମୃତ ପର୍ଯ୍ୟଟକ ଙ୍କ ନିମନ୍ତେ ଏକ ମିନିଟର ନିରବ ପ୍ରାର୍ଥନା କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଙ୍କ ଦ୍ୱାରା ଆଭାସୀ ମାଧ୍ୟମରେ ପାଳିତ ସମାରୋହରେ କୁନ୍ଦୁରା ବ୍ଲକ ଠାରେ ୧୬ ଟି ଗ୍ରାମ ପଞ୍ଚାୟତ ର ସମସ୍ତ ସମିତି ସଭ୍ୟା ସଭ୍ୟ ଉପସ୍ଥିତ ରହି ରାଜ୍ୟ ସରକାର ଙ୍କ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ବିଷୟରେ ଜାଣିବାକୁ ପାଇଥିଲେ। ଜାତୀୟ ସ୍ତରରେ ପାଳିତ ଏହି ପଞ୍ଚାୟତ ରାଜ ଦିବସ ଅବସରରେ ରାଜ୍ୟ ରେ କ୍ରୀଡା ନିମନ୍ତେ ପ୍ରାୟ ୫୦୦୦ କୋଟି ର ବିଭିନ୍ନ ଯୋଜନା ଗୁଡିକ ଶୁଭାରମ୍ଭ କରାଯାଇଥିବା ବେଳେ କୁନ୍ଦୁରା ଭଳି ଏକ ଉପାନ୍ତ ଅଞ୍ଚଳରେ ୧୫ କୋଟି ଟଙ୍କା ବ୍ୟୟ ରେ ସଦର ମହକୁମା ଠାରେ ଏକ ଇଣ୍ଡୋର ଷ୍ଟାଡିଅମ କରାଯିବା ନେଇ ମଧ୍ୟ ପ୍ରକ୍ରିୟା ସରିଛି ।ସେହିଭଳି ଏହି ପବିତ୍ର ପଞ୍ଚାୟତ ରାଜ ଦିବସ ଅବସରରେ ଗରିବ ହିତାଧିକାରୀ ମାନଙ୍କୁ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଖାଉଟି କାର୍ଡ ପ୍ରଦାନ କରାଯାଇଛି ।ଅନ୍ୟ ପକ୍ଷରେ କେନ୍ଦ୍ର ଏବଂ ରାଜ୍ୟ ସରକାର ଙ୍କ ପକ୍ଷରୁ ଆରମ୍ଭ କରାଯାଇଥିବା ବିକଶିତ ଗ୍ରାମ ବିକଶିତ ଓଡିଶା ରେ ଗ୍ରାମା□ଳ କୁ ୨୦୩୬ ସୁଦ୍ଧା ଓଡିଶାକୁ ଶୀର୍ଷ ରେ ପହଞ୍ଚାଇବା ଲକ୍ଷ କୁ ନେଇ ସମାରୋହ ରେ ସମସ୍ତଙ୍କ ମନକୁ ଆନନ୍ଦିତ କରିଥିଲା। ଅନ୍ୟ ମାନଙ୍କ ମଧ୍ୟରେ ପ୍ରଭାକର ମିଶ୍ର, ଅଶ୍ୱନୀ ଚୌଧୁରୀ, ଶଙ୍କର ମହାନ୍ତି, ସୁନ୍ଦର ମାଳି, ଗୋପାଳ ସାବତ, ଉପେନ୍ଦ୍ର ଭଟ୍ଟ, ତ୍ରିନାଥ ନାୟକ,ଚନ୍ଦ୍ରିକା କାନ୍ଦଲିଆ, ମମତା ଭଟ୍ଟ,ମାଣିକ ସାନ୍ତା,ଗୁପ୍ତ ଅଡାରୀ, ତୁଷାର ଭଟ୍ଟ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲା ସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ

କଳାହାଣ୍ଡି/ମହାଭାରତ:କଳାହାଣ୍ଡି ଜିଲ୍ଲା ସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ସ୍ଥାନୀୟ ଟାଉନହଲ ଭବାନୀପାଟଣା ଠାରେ ଜିଲ୍ଲା ପ୍ରଶାସନ ତରଫରୁ ପାଳିତ ହୋଇଯାଇଛି। ଜିଲ୍ଲାପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ,ସମ୍ମାନିତ ଅତିଥି ଭାବେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢି, ଉପ ଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ କୁମାର ପରିଡା, କଳାହାଣ୍ଡି ସାଂସଦ ଙ୍କ ପ୍ରତିନିଧି ଜୟଶଙ୍କର ନାୟକ, ସଦର ବିଧାୟକ ଙ୍କ ପ୍ରତିନିଧି ଧନୁର୍ଜୟ ଗହୀର, ବିଧାୟକ ଧର୍ମଗଡ଼ ଙ୍କ ପ୍ରତିନିଧି ଜଗ ବନ୍ଧୁ ସାହୁ,ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପବିତ୍ର କୁମାର ସାହୁ,ଭବାନୀ ପାଟଣା ପଞ୍ଚାୟତ ସମିତି ଅଧକ୍ଷ ପ୍ରଫୁଲ୍ଲ କୁମାର ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚନ୍ଦନ ଭୋଇ, ତହସିଲଦାର ଅଧିକାରୀ ସୁଚିସ୍ମିତା ମିଶ୍ର, ପ୍ରମୁଖ ଯୋଗଦେଇ ଥିଲେ। ପ୍ରାରମ୍ଭ ରେ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ପାଢି ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହିତ ପଞ୍ଚାୟତିରାଜ ଦିବସ ପାଳନ ର ତାତ୍ପର୍ଯ୍ୟ ଉପରେ ଉଲ୍ଲେଖ କରି ଜିଲ୍ଲାରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ର ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ। ଏଥିରେ ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ଜିଲ୍ଲାରେ ମୋଟ ୧,୨୦,୬୬୫ ସଂଖ୍ୟାକ ପ୍ରକଳ୍ପ ଗ୍ରହଣ କରାଯାଇଛି, ୨୮,୩୮୯ ସଂଖ୍ୟା କ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି ଏବଂ ୫୧,୩୭୬ ସଂଖ୍ୟାକ ପ୍ରକଳ୍ପ ର କାର୍ଯ୍ୟ ଚାଲୁରହିଛି।

# ଶରଣକୁଳ ବ୍ଲକ୍ ପ୍ରତିଷ୍ଠା ଦାବି ଜୋର୍ ଧରିଲା

## ସାଧାରଣ ନିର୍ବାଚନ ସମୟରେ ବିଜେଡି-ବିଜେପି କରିଥିଲେ ପ୍ରସଙ୍ଗ

ଓଡ଼ଗାଁ, ( ମହାଭାରତ ) : ଗତ ବିଜେଡି ସରକାର ସମୟରେ ରାଜ୍ୟରେ ବ୍ଲକ୍ ଗଠନ ପାଇଁ ମୁଦ୍ଦା ରଖି ବିଫଳ ହେବା ପରେ ଚଳିତ ବିଜେପି ସରକାର ନିର୍ବାଚନ ସମୟରେ ସମାନ କଥାକୁ ଦୋହରାଇ ନିର୍ବାଚନ ମଇଦାନକୁ ଓହ୍ଲାଇ ସଫଳ ହୋଇଛି। ବିଜେପି ସରକାର କ୍ଷମତାରେ ଥିବା ବେଳେ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ବ୍ଲକ୍ ବିଭାଜନ କରିବାକୁ ରଣନୀତି ଆରମ୍ଭ କରିଛନ୍ତି। ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ୍ ଶରଣକୁଳ କୁ ବ୍ଲକ୍ ମାନ୍ୟତା ପ୍ରଦାନ କରିବାକୁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦାବି ଜୋର୍ ଧରିଛି। ଓଡ଼ଗାଁ ବ୍ଲକ୍ରେ ୩୬ଟି ପଞ୍ଚାୟତ ଥିବା ବେଳେ ଦୁଇଟି ନିର୍ବାଚନ ମଣ୍ଡଳୀରେ ଅନ୍ତର୍ଭୁକ୍ତ ହୋଇଛି। ତେଣୁ ଶରଣକୁଳ କୁ ବ୍ଲକ୍ ମାନ୍ୟତା ପ୍ରଦାନ କରିବାକୁ ଲଡୁବାବାଙ୍କ ମନ୍ଦିର ଆଗରେ କ୍ରିୟାନୁଷ୍ଠାନ କମିଟି ସେବାୟତ ଓ ସ୍ଥାନୀୟ ବାସିନ୍ଦା ନାରାବାଜୀ ଦେଇଛନ୍ତି। ସ୍ଥାନୀୟ ସରପ□ ମୀନାକ୍ଷୀ ପ୍ରସାଦ ସାହୁ ଓ ପ୍ରମୋଦ କୁମାର ପ୍ରଧାନଙ୍କ ନେତୃତ୍ୱରେ ଜିଲ୍ଲା ପରିଷଦ ସଭ୍ୟା ଚିନ୍ମୟୀ ଦାଶ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ମଦନ ମୋହନ ନନ୍ଦ, ସେବାୟତ ସଂଘ ସଂପାଦକ କୃଷ୍ଣଚନ୍ଦ୍ର ମହାପାତ୍ର, ପୂର୍ବତନ ସମିତିସଭ୍ୟ ମନୋରଞ୍ଜନ ମହାପାତ୍ର, ଶତ୍ରୁଘ୍ନ ରାଉତ, ସମାଜସେବୀ ବୁଦ୍ଧା ମହାପାତ୍ର, କୁମାର ମହାଁପାତ୍ର ଆଦି ଯୋଗଦେଇ ବଜାର ପରିକ୍ରମା କରିଥିଲେ। ଏଥିରେ ଶରଣକୁଳ ବ୍ଲକ୍ ଆମର ଦାବି ସରକାର ତୁମେ ମାନିନିଅ ଆଦି ନାରା ଦେଇଥିଲେ। ସବୁ କ୍ଷେତ୍ରରେ ଶରଣକୁଳ ବ୍ଲକ୍ ମାନ୍ୟତା ପାଇବାକୁ ହକ୍ଦାର୍ ବୋଲି କହିଥିଲେ। ଗମନାଗମନ ଠାରୁ ଆରମ୍ଭ କରି ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ପ୍ରସିଦ୍ଧ ଲଡୁବାବାଙ୍କ ମନ୍ଦିର ରହିଛି। ତେଣୁ ଶରଣକୁଳ ଉପଯୁକ୍ତ ସ୍ଥାନ ବୋଲି କ୍ରିୟାନୁଷ୍ଠାନ କମିଟି ଦାବି କରିଛି। ଏଥିରେ ଦୁଇଶହରୁ ଊର୍ଦ୍ଧ୍ୱ ଲୋକ ସାମିଲ୍ ଥିଲେ।



## ଜାମ୍ମୁ କାଶ୍ମୀର ଆତଙ୍କୀ ହମଲାକୁ ନିନ୍ଦା : କ୍ୟାଣ୍ଡେଲ ଶୋଭାଯାତ୍ରା

କପ୍ତିପଦା/ଉଦଳା-(ମହାଭାରତ): କପ୍ତିପଦା /ଉଦଳା - ଜାମ୍ମୁ କାଶ୍ମୀର ର ପହଲଗାମରେ ହୋଇଥିବା ଆତଙ୍କୀ ହମଲାକୁ ନେଇ ସାରା ଦେଶ ସ୍ତବ୍ଧ। ଏଭଳି ଏକ ବର୍ବରଚିତ ହମଲା କୁ ଦୃଢ଼ ନିନ୍ଦା କରିଛି ଉଦଳା ୟୁନିକ ପ୍ରେସ କ୍ଲବୟ ଯାହାକୁ ନେଇ ଆଜି ଉଦଳା ୟୁନିକ ପ୍ରେସ କ୍ଲବର ସଦସ୍ୟଙ୍କ ସମେତ ସ୍ଥାନୀୟ ବାସିନ୍ଦାମାନେ ଏକତ୍ରିତ ହୋଇ ଏକ ନିରବ କ୍ୟାଣ୍ଡେଲ ଶୋଭାଯାତ୍ରା କରି ଏହି ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି। ଉଦଳା ବସଷ୍ଟାଣ୍ଡ ଜଗଦ୍ଧାତ୍ରୀ ମନ୍ଦିର ନିକଟରୁ ନିରବ କ୍ୟାଣ୍ଡେଲ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରିବା ପରେ ସ୍ଥାନୀୟ ହନୁମାନ ମନ୍ଦିରରେ ପହଞ୍ଚିଥିଲେ। ସେଠାରେ ମୃତକ ପରିବାର ପ୍ରତି ସମବେଦନା ସହିତ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ପାଇଁ କ୍ୟାଣ୍ଡେଲ ଜାଳିବା ସହିତ ନିରବ ପ୍ରାର୍ଥନା କରିଥିଲେ। ଭାରତ ସରକାର ଏହି ଘଟଣା କୁ ସମ୍ବେଦନଶୀଳ ଭାବେ ଗ୍ରହଣ କରି ଚିହ୍ନଟ ଆତଙ୍କୀ ମାନଙ୍କୁ ତୁରନ୍ତ ମାରି ଦେବା ସହିତ ଆଉ ଏକ ସର୍ଜିକାଲ ଷ୍ଟ୍ରାଇକ ଜରୁରୀ ବୋଲି ମତ ଦେଇଥିଲେ ସଦସ୍ୟ। ଏହା ବ୍ୟତୀତ ଇଟା ର ଜବାବ ପଥରରେ ଦେବା ଜରୁରୀ ବୋଲି କହିଛନ୍ତି ଉଦଳା ୟୁନିକ ପ୍ରେସ କ୍ଲବର ସଭାପତି ଦୀନବନ୍ଧୁ ବାରିକ। ଏହି ନିରବ କ୍ୟାଣ୍ଡେଲ ଶୋଭାଯାତ୍ରାରେ ୟୁନିକ ପ୍ରେସ କ୍ଲବ ଉପସଭାପତି କୃଷ୍ଣଚୈତନ୍ୟ ସଦୁଆଳ, ସମ୍ପାଦକ ଦିଲ୍ଲୀପ କଲିଆ, ସହ ସମ୍ପାଦକ ମାନସ ପାଣି, କୋଷାଧକ୍ଷ ଶଶିକାନ୍ତ ମିଶ୍ର, ବରିଷ୍ଠ ଉପଦେଷ୍ଟା ସନ୍ତୋଷ କୁମାର ବାଛିନି,ସିଦ୍ଧେଶ୍ୱର ଭଞ୍ଜବାବୁ, ମାନସ ମହାନ୍ତି, ଚନ୍ଦନ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ମୃତକଙ୍କ ପରିବାରକୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଆତଙ୍କବାଦୀ ଦ୍ୱାରା ହିନ୍ଦୁ ମାନଙ୍କୁ ହତ୍ୟା ଘଟଣା ବିରୋଧରେ ଶୋଭାଯାତ୍ରା



ଅନୁଗୋଳ(ମହାଭାରତ):କାଶ୍ମୀର ପହଲେଗାଓଁରେ ଆତଙ୍କବାଦୀ ଦ୍ୱାରା ହିନ୍ଦୁ ମାନଙ୍କୁ ହତ୍ୟା କରାଯିବା ଘଟଣାର ଦୃଢ ନିନ୍ଦା ସହିତ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଭାରତ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିଛି ଅନୁଗୁଳ ହିନ୍ଦୁ ସୁରକ୍ଷା ମଞ୍ଚ। ପର୍ଯ୍ୟଟକ ମାନଙ୍କୁ କେଉଁ ଧର୍ମର ଓ ସେମନଙ୍କ ନାମ ପଚାରି ତା ମଧ୍ୟରୁ ହିନ୍ଦୁ ମାନଙ୍କୁ ବାଛି ବାଛି ଅତି ଅମାନବୀୟ ଭାବେ ଗୁଳି କରି ହତ୍ୟା କରିବା ଘଟଣା ଯାହା ସାରା ବିଶ୍ୱକୁ ସ୍ତବ୍ଧ କରିଛି ।ଧର୍ମ ପଚାରି ହତ୍ୟା କରୁଥିବା ଆତଙ୍କବାଦୀ ମାନେ ଗୋଟିଏ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଅଟନ୍ତି ବୋଲି ମଞ୍ଚ ଅଭିଯୋଗ କରିଛି । ଏଣୁ ଏମାନଙ୍କ ଆର୍ଥିକ ବୈକଟ କରାଯିବା ଉଚିତ୍ ବୋଲି ମଞ୍ଚ ହିନ୍ଦୁ ସମାଜକୁ ଆହ୍ୱାନ ଦେଇଛି । ପାକିସ୍ଥାନ ମୁର୍ଦାବାଦ୍ , ହିନ୍ଦୁ ହିନ୍ଦୁ ଭାଇ ଭାଇ ସାଙ୍ଗକୁ ଭାରତକୁ ହିନ୍ଦୁ ରାଷ୍ଟ୍ର ଘୋଷଣା ଦାବୀରେ ଏକ ଶୋଭାଯାତ୍ରା ଶତାଧିକ ଲୋକ ମାନଙ୍କୁ ନେଇ ଅନୁଗୁଳ ଜଗନ୍ନାଥ ମନ୍ଦିର ସମ୍ମୁଖରୁ ବାହାରି ରାଜା ଛକ ନିକଟରେ ପହଞ୍ଚିଥିଲା । ଏହି କାର୍ଯ୍ୟକ୍ରମରେ ବିଶ୍ୱ ହିନ୍ଦୁ ପରିଷଦ,ବଜରଙ୍ଗ ଦଳ ଓଡ଼ିଶା ଓ ବିଭିନ୍ନ ହିନ୍ଦୁ ଓ ସାମାଜିକ ଅନୁଷ୍ଠାନ ଯୋଗ ଦେଇଥିଲେ ।

## ପହଲଗାମ ଆତଙ୍କବାଦୀ ଆକ୍ରମଣ ପ୍ରତିବାଦରେ ପାରାଦୀପ ମହାବିଦ୍ୟାଳୟ ପ୍ରାକ୍ତନ ଛାତ୍ର ସଂସଦର କ୍ୟାଣ୍ଡେଲ ଶୋଭାଯାତ୍ରା

ପାରାଦୀପ (ମହାଭାରତ): ଜମ୍ମୁ ଓ କାଶ୍ମୀର ର ପାହଲଗାମ ଠାରେ ହୋଇଥିବା ଆତଙ୍କବାଦୀ ବର୍ବର ଆକ୍ରମଣ କୁ ଦୃଢ଼ ନିନ୍ଦା କରି ପାରାଦୀପ ମହାବିଦ୍ୟାଳୟ ଓ ଏନସିସି ପ୍ରାକ୍ତନ ଛାତ୍ର ସଂସଦ ମିଳିତ ଆନୁକୂଲ୍ୟରେ ଗୁରୁବାର ସନ୍ଧ୍ୟାରେ ଏକ ପ୍ରତିବାଦ ସୂଚକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଶୋଭାଯାତ୍ରା ମହାବିଦ୍ୟାଳୟ ପରିସରରୁ ବାହାରି ବନ୍ଦର ସହରର ବିଭିନ୍ନ ମୁଖ୍ୟ ରାସ୍ତା ଓ ଛକ ପରିକ୍ରମା କରି ବଡ଼ପଡ଼ିଆ ସ୍ଥିତ ମା ଶାରଳା ମନ୍ଦିର ଠାରେ ଶେଷ ହୋଇଥିଲା । ଗତ ୨୨ ତାରିଖରେ କାଶ୍ମୀର ର ପହଲଗାମ ଠାରେ ନିରୀହ ପର୍ଯ୍ୟଟକ ମାନଙ୍କ ଉପରେ ଆତଙ୍କବାଦୀ ଆକ୍ରମଣ ଘଟଣାରେ ୨୭ ଜଣଙ୍କ ଦୁଃଖଦ ମୃତ୍ୟୁ ଘଟିଥିଲା । ସଂସଦ ର ପ୍ରାକ୍ତନ ଛାତ୍ରଛାତ୍ରୀ ମାନଙ୍କ ପକ୍ଷରୁ ମୃତ ପର୍ଯ୍ୟଟକ ମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବା ସହ ମା' ଶାରଳା ଙ୍କ ପାଖରେ ଦୀପ ପ୍ରଜ୍ୱଳନ କରି ସେମାନଙ୍କ ଆତ୍ମାର ସଦଗତି ନିମନ୍ତେ ସାମୁହିକ ପ୍ରାର୍ଥନା କରାଯିବା ସହ ସରକାର ଆତଙ୍କବାଦୀ ଙ୍କ ବିରୁଦ୍ଧରେ ଦୃଢ଼ ଓ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବୀ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପାରାଦୀପ ମହାବିଦ୍ୟାଳୟର ଅଧକ୍ଷା ଡ଼ଃ.ସସ୍ମିତା ଶତପଥୀ, ଅଧ୍ୟାପକ ତଥା ଏନସିସି ଅଧିକାରୀ ଲେଫ୍ଟନା□




କମାଣ୍ଡର ଅକ୍ଷୟ ମିଶ୍ର, ଅଧ୍ୟାପକ ଗଣେଶ୍ୱର ପାତ୍ର, ଦୁଇ ପ୍ରାକ୍ତନ ଛାତ୍ର ସଂସଦ ର କର୍ମକର୍ତ୍ତା ମାନେ ସାମିଲ ହୋଇଥିଲେ । ତେବେ ଏଭଳି ଦୁଃଖଦ ଘଟଣାରେ ପାରାଦୀପ ରେ କୌଣସି ରାଜନୈତିକ ଦଳ, ସଂଗଠନ ଓ ଅନୁଷ୍ଠାନ ପକ୍ଷରୁ ପ୍ରତିବାଦ ବା ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଦେଖିବାକୁ ମିଳିନଥିଲା ।

## ଗୋଲାମୁଣ୍ଡା ବ୍ଲକ ସ୍ତରୀୟ ଜାତୀୟ ପଞ୍ଚାୟତ ରାଜ ଦିବସ



ଗୋଲାମୁଣ୍ଡା (ମହାଭାରତ):କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ତୁମୁରା ଧାନ ମଣ୍ଡି ଠାରେ ଗୋଲାମୁଣ୍ଡା ବ୍ଲକ ସ୍ତରୀୟ ଜାତୀୟ ପଞ୍ଚାୟତ ରାଜ ଦିବସ ପାଳିତ ମହାସମାରୋହରେ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ଶ୍ରୀମାନ ବିନ୍ଦୁ ମହାନନ୍ଦ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଗୋଲାମୁଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀଧର ପଣ୍ଡା, ଗୋଲାମୁଣ୍ଡା ବିଜେପି ମଣ୍ଡଳ ସଭାପତି ବୈଶାଖୁ କେତକୀ, ଦଶପୁର ମଣ୍ଡଳ ସଭାପତି ପ୍ରମୋଦ ପ୍ରଧାନ,କେଗାଁ ମଣ୍ଡଳ ପୂର୍ବତନ ସଭାପତି ଦୁର୍ବାକ୍ଷ ପଟେଲ,ନାରୀ ନେତ୍ରୀ ଦିୟାରାଣୀ ସାହୁ,ବରିଷ୍ଠ ସାମ୍ବାଦିକ ଦାମୋଦର ଦାସ, ପୂର୍ବତନ ଜିଲ୍ଲା ପରିଷଦ ବୃଷଭ ନାଏକ, ସମାଜ ସେବୀ ଶ୍ୟାମସୁନ୍ଦର ଅଗ୍ରୱାଲା,ସାଂସଦଙ୍କ ପ୍ରତିନିଧିତ୍ୱକାରୀ ପ୍ରସନ୍ନ ରାଉତ, ଜିଲ୍ଲା ମହିଳାମୋର୍ଚ୍ଚା ସଭା ନେତ୍ରୀ ନିରୁପମା ନାଏକ, ମାନଝରୀ ସରପ□ ଜଗୁଜିବନ ଅଗ୍ନିଆ ପ୍ରମୁଖ ମଞ୍ଚାସୀନ ହୋଇଥିଲେ । ପ୍ରଥମେ ଜାତିୟ ପିତା ମହାତ୍ମାଗାନ୍ଧୀଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଓ ଦୀପ ପ୍ରଜ୍ୱଳନ କରି କାଶ୍ମୀରରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ମୃତକଙ୍କ ସଦଗତି ନିମନ୍ତେ ଏକ ମିନିଟ୍ ନିରବ ପ୍ରାର୍ଥନା କରି ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ବିଭିନ୍ନ ସ୍ଥାନରୁ ଆସିଥିବା ବ୍ୟକ୍ତି ବିଶେଷଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । ବ୍ଲକ ଅଧକ୍ଷ ଶ୍ରୀ ବିନ୍ଦୁ ମହାନନ୍ଦ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା କିପରି ଲୋକେ ପାଇ ପାରିବେ ତାର ସମ୍ୟକ୍ ଆଲୋଚନା କରିଥିଲେ ତତ୍ସହିତ ଗୋଷ୍ଠି ଉନ୍ନୟନ ଅଧିକାରୀ ଶ୍ରୀଧର ପଣ୍ଡା ସ୍ୱାଗତ ଭାଷଣ ଦେଲେ ଏବଂ ମଞ୍ଚାସିନ ସମସ୍ତ ଅତିଥି ସଂକ୍ଷିପ୍ତ ଅଭିଭାଷଣ ରଖିଥିଲେ । ପରେ କଳାହାଣ୍ଡି ଜିଲ୍ଲାରେ ମନେରେଗା ଯୋଜନାରେ ଗୋଲାମୁଣ୍ଡା ବ୍ଲକ ଏକ ନମ୍ବର ସ୍ଥାନ ଅଧିକାର କରିଥିବା ଲୋକଙ୍କୁ ପୁରସ୍କୃତ କରାଯାଇଥି ବେଳେ ୪୦ ଜଣଙ୍କୁ ନୂତନ ରାସନ୍ କାର୍ଡ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ଅଧିକାରୀ ରୋମିତ ପ୍ରଧାନ ମଞ୍ଚ□ ପରିଚାଳନା କରିଥିଲେ ।ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମ ପଞ୍ଚାୟତ ରୁ ଶହ ଶହ ସଂଖ୍ୟା ରେ ଜନସାଧାରଣ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ଜାତୀୟ ପଞ୍ଚାୟତ ରାଜ ଦିବସ ପାଳିତ



ଉଦଳା(ମହାଭାରତ):ଆଜି ହେଉଛି ପଞ୍ଚାୟତ ରାଜ ଦିବସ। ସାରା ରାଜ୍ୟ ରେ ପଞ୍ଚାୟତ ରାଜ ଦିବସ କୁ ବେଶ ଧୁମ ଧାମ ରେ ପାଳନ କରୁଥିବା ବେଳେ ଉଦଳା ବ୍ଲକ ରେ ମଧ୍ୟ ଏହି କାର୍ଯ୍ୟକ୍ରମ ପାଳନ ହୋଇଯାଛି । ଏହି କାର୍ଯ୍ୟକ୍ରମ କୁ ଉଦଳା ବ୍ଲକ ବିଡ଼ିଓ ସମରଜିତ କର ପରିଚାଳନା କରିଥିବା ବେଳେ ଉଦଳା ବିଧାୟକ ଭାସ୍କର ମଢେଇ ମୁଖ୍ୟ ଅତିଥି ଭାବେ କାର୍ଯ୍ୟକ୍ରମ ରେ ଯୋଗ ଦେଇ ଉଦଘାଟନ କରିଥିବା ବେଳେ ଉଦଳା ଏନଏସି ଅଧକ୍ଷା ପ୍ରମିଳା ପଣ୍ଡା, ବ୍ଲକ ଅଧକ୍ଷା ମଞ୍ଜୁଲତା ବିଶ୍ୱାଳ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମ ରେ ବିଭିନ୍ନ ପଞ୍ଚାୟତ ର କାର୍ଯ୍ୟ ଦୋକ୍ଷତାକୁ ଅନୁଧ୍ୟାନ କରି ପଞ୍ଚାୟତ ର ଲୋକ ପ୍ରତିନିଧି ମାନଙ୍କୁ ପୁରୋସ୍କୃତ କରାଯାଇଥିଲା । ନୂତନ ଭାବେ ଯୋଗ୍ୟ ହିତାଧିକାରୀ ଙ୍କୁ ରେସନ କାର୍ଡ, ଏବଂ ଭତା କାର୍ଡ ଅତିଥି ମାନଙ୍କ ଦ୍ୱାରା ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମ ରେ ଉଦଳା ବିଧାୟକ ଭାସ୍କର ମଢେଇ କେନ୍ଦ୍ର ଏବଂ ରାଜ୍ୟ ସରକାର ଙ୍କ ମିଳିତ ଉଦ୍ୟମ ରେ ସମସ୍ତ ଅଞ୍ଚଳ କୁ କେମିତି ବିକାଶ ଧାରା ରେ ସାମିଲ କରି ସମସ୍ତେ ଏହାର ସୁଫଳ ପାଇ ପାରିବେ ସରକାର ଯତ୍ନବକ୍ଷନ ଥିବା କଥା କହିଛନ୍ତି । କାର୍ଯ୍ୟକ୍ରମ କୁ ବ୍ଲକ ର ସମସ୍ତ କର୍ମଚାରି ସହଯୋଗ କରିଥିଲେ ।

# ନୂତନ ରାସନ୍ କାର୍ଡ ବଣ୍ଟନ ସମୟରେ ମଞ୍ଚ ଉପରେ ହଟହଟା ହେଲେ ମନ୍ତ୍ରୀଙ୍କ ସହ ସାଂସଦ

## ନୂତନ ରାସନ୍ କାର୍ଡ ଦେବାକୁ କହି ସଭାକୁ ଡାକିଥିଲା ଜିଲ୍ଲା ପ୍ରଶାସନ

ନୟାଗଡ଼, ( ମହାଭାରତ ) : ନୟାଗଡ଼ରେ ପଞ୍ଚାୟତରାଜ୍ ଦିବସ ପାଳନ ବେଳେ ଅଭାବନୀୟ ଘଟଣା ଦେଖିବା ପାଇଁ ମିଳିଛି। ନୟାଗଡ଼ ରେ ନୂଆ ରାସନ୍ କାର୍ଡ ବଣ୍ଟନ ବେଳେ ମଞ୍ଚ ଉପରେ ହଟହଟା ହେବାକୁ ପଡିଛି ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏବଂ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ଙ୍କୁୟ ଆଜି ନୟାଗଡ଼ ପଞ୍ଚାୟତ ରାଜ ଦିବସ ନୟାଗଡ଼ ବଜେନ୍ଦ୍ର ହାଇସ୍କୁଲ ଠାରେ ପାଳନ ହେଉଥିବା ବେଳେ ନୂତନ ରାସନ କାର୍ଡ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଡକାଯାଇଥିଲା। କିନ୍ତୁ ରାସନ୍ କାର୍ଡ ବଣ୍ଟନ ସରିବା ସମୟରେ ମଞ୍ଚ ଉପରକୁ ଚଢିଜାଇ କାନ୍ଦି କାନ୍ଦି ଜଣେ ମହିଳା ରାସନ୍ କାର୍ଡ ରେ ନାଁ କଟି ଦେଇଥିବା ନେଇ ଅଭିଯୋଗ କରି ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଆଗରେ ପାଟିତୁଣ୍ଡ କରି ଆପତ୍ତି କଲେ। ଯଦି ମୋର ନାଁ ରାସନ୍ କାର୍ଡ ରେ ନଥିଲା କାହିଁକି ଆମକୁ ଏହି ସଭାକୁ ଡକାଗଲା ବୋଲି ମନ୍ତ୍ରୀ ଓ ସାଂସଦ ଙ୍କୁ ପଚାରିଥିଲେ ମହିଳା ଜଣଙ୍କ। ଏହାର ପରେ ଅନ୍ୟ ମହିଳା ଏବଂ ବୃଦ୍ଧ ବ୍ୟକ୍ତି ମଞ୍ଚରେ ଚଢ଼ି ମଧ୍ୟ ପାଟିତୁଣ୍ଡ କରିଥିଲେ। ଅଭିଯୋଗ ଥିଲା ନୁଆ ରାସନ୍ କାର୍ଡରେ ଆମ ନାଁ ନାହିଁ। ବିଜେଡି ହୋଇଥିବାରୁ ରାସନ୍ କାର୍ଡ ରୁ ନାଁ କାଟି ଦିଆଯାଇଛି। କିନ୍ତୁ ପ୍ରଶାସନ ମିଛ କହି କାହିଁକି ଏହି ସଭାକୁ ଡାକିଥିଲେ ବୋଲି ପାଟିତୁଣ୍ଡ କରିଥିଲେ। ନୟାଗଡ଼ ବ୍ଲକର କର୍ମଚାରୀ ମାନେ ସ୍ଥାନୀୟ ବିଜେପି ନେତାଙ୍କ ଚାପରେ ଏପରି କାମ କରିଛନ୍ତି ବୋଲି ଅଭିଯୋଗ କରିଥିଲେ। ଏହାକୁ ନେଇ କିଛି ସମୟ ଧରି ମଞ୍ଚରେ ଅଭାବନୀୟ ଦୃଶ୍ୟ ଦେଖିବା ପାଇଁ ମିଳିଥିଲା। ମଞ୍ଚ ଉପରେ ଶିଳ୍ପ ମନ୍ତ୍ରୀ ଓ କନ୍ଧମାଳ ସାଂସଦ ଙ୍କୁ ହଟହଟା ହେବା ପାଇଁ ପଡିଥିଲା। ଏହା ପରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମଞ୍ଚ ଉପରକୁ ଯୋଗାଣ ବିଭାଗର ଅଧିକାରୀ ଏବଂ ନୟାଗଡ଼ ବ୍ଲକ ବିଡ଼ିଓ ଙ୍କୁ ଡକା ତୁରନ୍ତ ଏହାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ମଞ୍ଚ ଉପରେ ଏହି ଅଭାବନୀୟ ଘଟଣା ଘଟିବା ସମୟରେ ମନ୍ତ୍ରୀ ଓ ସାଂସଦ ଙ୍କ ସହ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଜିଲ୍ଲା ପରିଷଦ ସଭାପତି ଦେବାଶିଷ ପଟ୍ଟନାୟକ, ନୟାଗଡ଼ ଜିଲ୍ଲାପାଳ ଏବଂ ଜିଲ୍ଲା ପରିଷଦ ଉନ୍ନୟନ ଅଧିକାରୀ ଉପସ୍ଥିତ ଥିଲେ। ସେମାନେ ମଧ୍ୟ ଏହି ହଟହଟା ସମୁଖୀନ ହୋଇଥିଲେ।



## ଗର୍ଜିଲା ରାଫେଲ ଓ ସୁଖୋଇ ୩୦

ନୂଆଦିଲ୍ଲୀ : ପହଲଗାମ୍ ଆତଙ୍କୀ ଆକ୍ରମଣ ପରେ ଭାରତ ଆକ୍ସନ ମୋଡକୁ ଆସିଯାଇଛି । ଲଗାତର ବୈଠକ ପରେ ବୈଠକ ଚାଲିଛି । ଗତକାଲି ସିନ୍ଧୁ ନଦୀ ଚୁକ୍ତି ବାତିଲ ସହ ଅନେକ ବଡ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଘୋଷଣା ହୋଇସାରିଛି । ତେବେ ଆଜି ଆକାଶରେ ଭାରତର ଲଢୁଆ ବିମାନ ଗର୍ଜିଛନ୍ତି । ବାୟୁସେନାର ରାଫେଲ୍ ଓ ସୁଖୋଇ ୩୦ ଯୁଦ୍ଧାଭ୍ୟାସ ଆରମ୍ଭ କରିଛନ୍ତି । ଭାରତୀୟ ବାୟୁସେନାର ସ୍ୱତନ୍ତ୍ର ଯୁଦ୍ଧାଭ୍ୟାସ 'ଆକ୍ରମଣ' ଆରମ୍ଭ ହୋଇଯାଇଛି । ଭାରତ-ପାକିସ୍ତାନ ଉତେଜନା ଦୃଷ୍ଟିରୁ ବାୟୁସେନାର ଅଭ୍ୟାସ ଚାଲିଛି । ଅମ୍ବାଲା ଓ ହସିମରା ଏୟାରବେସ୍‌ରୁ ଯୁଦ୍ଧାଭ୍ୟାସ ହେବା ସହ ପୂର୍ବ ଭାଗରେ ଥିବା ଏୟାରବେସ୍‌ରୁ ବାୟୁସେନାକୁ ସ୍ଥାନାନ୍ତର ପ୍ରକ୍ରିୟା ଚାଲିଛି । ପାହାଡ଼ ପର୍ବତ ଘେରା ଦୁର୍ଗମ ଅ*ଳରେ ପହଁ*ବାକୁ ସମରାଭ୍ୟାସ କରାଯାଉଛି । ଏହା ସମରାଭ୍ୟାସ ପରେ ଆଗକୁ କିଛି ବଡ ପଦକ୍ଷେପ ନିଆଯିବା ନେଇ ଅନୁମାନ କରାଯାଉଛି ।

## ୪୧ ଦେଶକୁ ୯୦ ଦିନର ଭିସା ମୁକ୍ତ ପ୍ରବେଶ ସୁବିଧା ଦେଲା ଆମେରିକା

ନୂଆଦିଲ୍ଲୀ : ଆମେରିକା ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପଙ୍କ ସମୟରେ ଆମେରିକାର କଠୋର ଭିସା ନୀତି ମଧ୍ୟରେ ୪୧ଟି ଦେଶର ନାଗରିକଙ୍କ ପାଇଁ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ୟୁଏସ୍ ଭିସା ଛାଡ଼ କାର୍ଯ୍ୟକ୍ରମ ଯୋଗୁଁ ଏହି ଦେଶଗୁଡ଼ିକର ଯୋଗ୍ୟ ଯାତ୍ରୀମାନେ ବିନା ଭିସାରେ ୯୦ ଦିନ ପର୍ଯ୍ୟନ୍ତ ଯୁକ୍ତରାଷ୍ଟ୍ର ଆମେରିକା ଗସ୍ତ କରିପାରିବେ । ଭିସା ଛାଡ଼ କାର୍ଯ୍ୟକ୍ରମରେ ଅନେକ କ୍ଷୁଦ୍ରକାଳୀନ ଯାତ୍ରା ଉଦ୍ଦେଶ୍ୟକୁ ଅନ୍ତର୍ଭୁକ୍ତ କରାଯାଇଛି । ସେଗୁଡ଼ିକ ମଧ୍ୟରେ ପର୍ଯ୍ୟଟନ, ଛୁଟି, ଡାକ୍ତରୀ ପରିଦର୍ଶନ, ବନ୍ଧୁ କିମ୍ବା ପରିବାରକୁ ଦେଖିବା, ସମ୍ମିଳନୀ କିମ୍ବା ବୃ□ିଗତ କାର୍ଯ୍ୟକ୍ରମରେ ଯୋଗ ଦେବା, ବେତନପ୍ରାପ୍ତ ସ୍ୱଳ୍ପକାଳୀନ ପ୍ରଶିକ୍ଷଣରେ ଅଂଶଗ୍ରହଣ କରିବା ଏବଂ ବ୍ୟବସାୟିକ ଚୁକ୍ତି କରିବା ଅନ୍ତର୍ଭୁକ୍ତ । ଇଂଲଣ୍ଡ, ଆଣ୍ଡୋରା, ଅଷ୍ଟ୍ରେଲିଆ, ଅଷ୍ଟ୍ରିଆ, ବେଲଜିୟମ, ବ୍ରୁନେଇ, ଚିଲି, କ୍ରୋଏସିଆ, ଚେକ୍ ରିପବ୍ଲିକ, ଡେନମାର୍କ, ଇଷ୍ଟୋନିଆ, ଫିନଲାଣ୍ଡ, ଫ୍ରାନ୍ସ, ଜର୍ମାନୀ, ଗ୍ରୀସ, ହଙ୍ଗେରୀ, ଆଇସଲାଣ୍ଡ, ଇସ୍ରାଏଲ, ଆୟର୍ଲାଣ୍ଡ, ଇଟାଲୀ, ଜାପାନ, ଲାଟଭିଆ, ଲିଚଟେନଷ୍ଟାଇନ, ଲିଥୁଆନିଆ, ଲକ୍ସେମବର୍ଗ, ମାଲ୍ଟା, ମୋନାକୋ, ନେଦରଲାଣ୍ଡ, ନ୍ୟୁଜିଲାଣ୍ଡ, ନରୱେ, ପୋଲାଣ୍ଡ, ପ□ୁଗାଲ, କାତାର, କୋରିଆ ରିପବ୍ଲିକ୍ରୋ ଓ ମାନିଆକୁ ୯୦ ଦିନର ଭିସା ମୁକ୍ତ ସୁବିଧା ପ୍ରଦାନ କରାଯାଇଛି । ତେବେ ଭାରତ ଏହି ତାଲିକାରେ ନାହିଁ ।

## ପହଲଗାମ୍ ଆକ୍ରମଣ ପରେ କଶ୍ମୀରୀ ଛାତ୍ରୀଛାତ୍ରଙ୍କ ଉପରେ ନିର୍ଯାତନା

ଶ୍ରୀନଗର : ପହଲଗାମ୍ ଆକ୍ରମଣରେ ୨୬ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟଣା ପରେ ଦେଶର ବିଭିନ୍ନ ଭାଗରେ କଶ୍ମୀରୀ ଛାତ୍ରୀଛାତ୍ର ଟାର୍ଗେଟର ଶିକାର ହୋଇଛନ୍ତି । ସେମାନଙ୍କୁ ନିର୍ଯାତନା ଦିଆଯିବା ସହ ଗାଳି କରିବା ଓ ମାଡ଼ ମରାଯିବା ନେଇ ଜମ୍ମୁ-କଶ୍ମୀର ଛାତ୍ର ସଂଗଠନ ପକ୍ଷରୁ ଅଭିଯୋଗ ହୋଇଛି । ଡେରାଡୁନ୍‌ରେ ରହିଥିବା କଶ୍ମୀରୀ ଛାତ୍ରୀଛାତ୍ର ବିପଦରେ ଥିବା ନେଇ ଅନେକ ଫୋନ୍ କଲ୍ ମିଳିଲାଣି । କଶ୍ମୀରୀ ମୁସଲମାନ ଛାତ୍ରୀଛାତ୍ର ଗୁରୁବାର ପୂର୍ବାହ୍ନ ୧୦ଟା ସୁଦ୍ଧା ଡେରାଡୁନ୍ ଖାଲି କରିବା ନେଇ ହିନ୍ଦୁ ରକ୍ଷା ଦଳ ପକ୍ଷରୁ ଜାରି ଏକ ଭିଡିଓରେ ଚେତାବନୀ ଦିଆଯାଇଥିଲା । ଫଳରେ ଉକ୍ତ ଛାତ୍ରୀଛାତ୍ର ଆତଙ୍କିତ ହେବା ସହ ଅସୁରକ୍ଷିତ ମଣୁଥିବା ଆସୋସିଏଶନ୍‌ର ରାଷ୍ଟ୍ରୀୟ ଆବାହକ ନାସିର ଖୁଏହାମି କହିଛନ୍ତି । କଶ୍ମୀର ବାହାରେ ପଢୁଥିବା କଶ୍ମୀରୀ ଛାତ୍ରୀଛାତ୍ରଙ୍କ ପାଇଁ ଚିନ୍ତା ବଢ଼ିବାରେ ଲାଗିଛି । ସ୍ଥାନୀୟ ଲୋକେ ଏବଂ ଅନ୍ୟ ଛାତ୍ରମାନେ ମଧ୍ୟରାତ୍ରରେ ହଷ୍ଟେଲରେ ଜବରଦସ୍ତ ପ୍ରବେଶ କରି ଧାରୁଆ ଅସ୍ତ୍ରରେ କଶ୍ମୀରୀ ଛାତ୍ରଙ୍କୁ ଆକ୍ରମଣ କରିଥିଲେ । ଡେରାବାସି ଏବଂ ଚଣ୍ଡିଗଡ଼ରେ ଥିବା ୟୁନିଭର୍ସାଲ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ୍ସରେ କଶ୍ମୀରୀ ଛାତ୍ରଙ୍କୁ ହଷ୍ଟେଲ ପରିସରରେ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି ।

## ପହଲଗାମ ଆକ୍ରମଣ ସେଲିବ୍ରେସନ କରୁଛି ପାକିସ୍ତାନ !

ନୂଆଦିଲ୍ଲୀ: ଜମ୍ମୁ-କାଶ୍ମୀରର ପହଲଗାମ୍ ରେ ଆତଙ୍କୀ ହମଲାରେ ୨୬ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଯାଇଛି । ଯେଉଁଥିରେ ୨ ଜଣ ବିଦେଶୀ ପର୍ଯ୍ୟଟକ ରହିଛନ୍ତି । ଏହି ଆକ୍ରମଣ ଯୋଗୁଁ ସାରା ଦେଶବାସୀଙ୍କୁ ଏକ ଶକ୍ତ ଧକ୍କା ଲାଗିଛି । ଏହା ସହ ଦେଶରେ ଆକ୍ରୋଶ ଦେଖାଯାଉଛି । ଆଉ ଏଭଳି ଏକ ଦୁଃଖଦ ସମୟରେ ପାକିସ୍ତାନର ଦୂତାବାସ ଆଶ୍ଚର୍ଯ୍ୟ କରିବା ଭଳି ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ୍ ହେଉଛି । ଏଭଳି ଏକ ଦୁଃଖଦ ସମୟରେ ଦିଲ୍ଲୀର ପାକିସ୍ତାନ ହାଇକମିଶନରେ ନିୟୋଜିତ ଜଣେ କର୍ମଚାରୀ ଏକ କେକ୍ ଧରି ଭିତରକୁ ଯାଉଥିଲେ । ଏହି ସମୟରେ ଗଣମାଧ୍ୟମ ତାଙ୍କ ସହ କଥା ହେବାକୁ ଚେଷ୍ଟା କରିଥିଲା କିନ୍ତୁ ସେ କେଉଁ ଅବସରରେ କେକ୍ ଭିତରକୁ ନେଉଥିଲେ ସେ ବିଷୟରେ କିଛି କହି ନଥିଲେ । ତେବେ ପହଲଗାମ ଆକ୍ରମଣରେ ପାକିସ୍ତାନ ଖୁସି କି ନାହିଁ ସେ ବିଷୟରେ ପାକିସ୍ତାନ ଦୂତାବାସକୁ କେକ୍ ନେବା ବିଷୟରେ ଅନେକ କଳ୍ପନାଜଳ୍ପନା କରାଯାଉଛି । ଭାରତ-ପାକିସ୍ତାନ ସମ୍ପର୍କର ପ୍ରଭାବ ଦେଖିବାକୁ ମିଳିଛି । ଦିଲ୍ଲୀରେ ରହିଥିବା ପାକିସ୍ତାନୀ ଦୂତାବାସର ସୁରକ୍ଷା ମଧ୍ୟ ହ୍ରାସ କରାଯାଇଛି । ବ□ମାନ ପାକିସ୍ତାନୀ ଦୂତାବାସ ବାହାରେ ନୀରବତା ରହିଛି । କୌଣସି ସୁରକ୍ଷା କର୍ମୀ ଦେଖାଯାଉନାହାଁନ୍ତି । ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବୁଧବାର ସନ୍ଧ୍ୟାରେ କ୍ୟାବିନେଟ ସୁରକ୍ଷା କମିଟିର ଏକ ଜରୁରୀକାଳୀନ ବୈଠକ ହୋଇଥିଲା । ଯେଉଁଥିରେ ଜମ୍ମୁ ଏବଂ କାଶ୍ମୀରର ପହଲଗାମରେ ହୋଇଥିବା ଭୟଙ୍କର ଆତଙ୍କବାଦୀ ଆକ୍ରମଣ ବିଷୟରେ ସୂଚନା ଦିଆଯାଇଥିଲା । ବୈଠକରେ କୁହାଗଲା ଯେ ଏହି ଆକ୍ରମଣ ପଛରେ ସୀମାପାର ଷଡ଼ଯନ୍ତ୍ର ରହିଛି । ଏହି ଆକ୍ରମଣ ଏପରି ଏକ ସମୟରେ ହୋଇଥିଲା ଯେତେବେଳେ କେନ୍ଦ୍ର ଶାସିତ ଅ*ଳରେ ନିର୍ବାଚନ ସଫଳତାର ସହିତ ଅନୁଷ୍ଠିତ ହୋଇଥିଲା ଏବଂ ଅ*ଳ ଅର୍ଥନୈତିକ ବିକାଶ ଆଡକୁ ଗତି କରୁଥିଲା । ଆକ୍ରମଣର ଗମ୍ଭୀରତାକୁ ବିଚାର କରି ଅନେକ କଠୋର ପଦକ୍ଷେପ ନେବାକୁ ନିଷ୍ପ□ ନେଇଥିଲା ଏବଂ ପାକିସ୍ତାନକୁ ସ୍ପଷ୍ଟ ବା□ା ଦେଇଥିଲା । ପହଲଗାମ ଆକ୍ରମଣ ପରେ ଭାରତ ନୂଆଦିଲ୍ଲୀରେ ପାକିସ୍ତାନ ଦୂତାବାସରେ ନିୟୋଜିତ ତିନି ସେନାର ପ୍ରତିରକ୍ଷା ପରାମର୍ଶଦାତାଙ୍କୁ ୭ ଦିନ ମଧ୍ୟରେ ଦେଶ ଛାଡିବାକୁ ନିର୍ଦ୍ଦେଶ ଦେଇଛି । ଏହା ସହିତ ଭାରତ, ଇସଲାମାବାଦରେ ନିୟୋଜିତ ସାମରିକ ପରାମର୍ଶଦାତାମାନଙ୍କୁ ମଧ୍ୟ ଫେରାଇ ଆଣିଛି । ଏହି ନିଷ୍ପ□ ପୂର୍ବରୁ ଉଭୟ ଦେଶର ଦୂତାବାସରେ ୫୫ ଜଣ କର୍ମଚାରୀ ଉପସ୍ଥିତ ଥିଲେ । ଏବେ ୩୦ ଜଣ ଅଛନ୍ତି । ପାକିସ୍ତାନ ଦୂତାବାସ ବାହାରେ ସୁରକ୍ଷା ବ୍ୟବସ୍ଥା ହ୍ରାସ କରାଯାଇଛି ।

## ସର୍ବଦଳୀୟ ବୈଠକ ପୂର୍ବରୁ ରାଷ୍ଟ୍ରପତିଙ୍କୁ ଭେଟିଲେ ଅମିତ ଶାହ ଓ ଏସ ଜୟଶଙ୍କର



ନୂଆଦିଲ୍ଲୀ : ଜମ୍ମୁ କାଶ୍ମୀରର ପହଲଗାମରେ ଆତଙ୍କବାଦୀ ଆକ୍ରମଣ ହେବା ପରେ କେନ୍ଦ୍ର ସରକାର ଆଜି ଏକ ସର୍ବଦଳୀୟ ବୈଠକ ଡାକିଛନ୍ତି । ଏହାର ଅଧ୍ୟକ୍ଷତା ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କରିବେ । ସେଠାରେ କଂଗ୍ରେସ ଦଳ ଦାବି କରିଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ବୈଠକର ଅଧ୍ୟକ୍ଷତା କରନ୍ତୁ । ତେବେ ଏହି ବୈଠକ ପୂର୍ବରୁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏବଂ ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ ଜୟଶଙ୍କର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିଛନ୍ତି । ସର୍ବଦଳୀୟ ବୈଠକ ପୂର୍ବରୁ ଅମିତ ଶାହ ଏବଂ ବୈଦେଶିକ ମନ୍ତ୍ରୀ ଜୟଶଙ୍କରଙ୍କ ଏହି ବୈଠକକୁ ବହୁତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି । ସୂଚନା ଅନୁସାରେ ଜମ୍ମୁ ଏବଂ କାଶ୍ମୀରର ପହଲଗାମରେ ଆତଙ୍କବାଦୀ ଆକ୍ରମଣ ହେବା ପ୍ରଧାନମନ୍ତ୍ରୀ ମୋଦୀଙ୍କ ଅଧ୍ୟକ୍ଷତାରେ ସୁରକ୍ଷା ସମ୍ପର୍କିତ କ୍ୟାବିନେଟ କମିଟି ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ନେଇଛନ୍ତି । ପାକିସ୍ତାନ ସହିତ ସିନ୍ଧୁ ଜଳ ଚୁକ୍ତିନାମାକୁ ତୁରନ୍ତ ପ୍ରଭାବରୁ ସ୍ଥଗିତ ରଖାଯାଇଛି । ଅଟାରୀ ସୀମାକୁ ମଧ୍ୟ ବନ୍ଦ କରିଦିଆଯାଇଛି । ଯେତେବେଳେ ଭାରତରେ ରହୁଥିବା ପାକିସ୍ତାନୀ ନାଗରିକମାନଙ୍କୁ ୪୮ ଘ□ା ମଧ୍ୟରେ ଭାରତ ଛାଡିବାକୁ ନିର୍ଦ୍ଦେଶ ଦିଆଯାଇଛି । ପାକିସ୍ତାନୀ କୂଟନୀତିଜ୍ଞମାନଙ୍କୁ ଭାରତ ଛାଡିବାକୁ ନିର୍ଦ୍ଦେଶ ଦିଆଯାଇଛି । ସେନାକୁ ହାଇ ଆଲର୍ଟ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏପ୍ରିଲରେ ୨୨ ରେ ଜମ୍ମୁ ଏବଂ କାଶ୍ମୀରର ପହଲଗାମରେ ଆତଙ୍କବାଦୀମାନେ ବୈସାରନର ଘାସ ପଡ଼ିଆରେ ଛୁଟି ମନେଇବାକୁ ଯାଉଥିବା ଲୋକଙ୍କ ଉପରେ ହଠାତ୍ ଗୁଳି ଚଳାଇଥିଲେ । ପ୍ରତ୍ୟକ୍ଷଦର୍ଶୀ ଏବଂ ମୃତକଙ୍କ ସମ୍ପର୍କୀୟମାନେ କହିଛନ୍ତି ଯେ ଆତଙ୍କବାଦୀମାନେ ସମସ୍ତଙ୍କୁ ସେମାନଙ୍କ ନାମ ପଚାରିଥିଲେ ଏବଂ ତା'ପରେ ଲୋକମାନଙ୍କୁ କଲମା ପାଠ କରିବାକୁ କହିଥିଲେ । ଯେଉଁ ପର୍ଯ୍ୟଟକମାନେ କଲମା ପାଠ କରିପାରୁଥିଲେ ଏବଂ ହିନ୍ଦୁ ଧର୍ମ ସହିତ ଜଡିତ ଥିଲେ ସେମାନଙ୍କୁ ଆତଙ୍କବାଦୀମାନେ ଘଟଣାସ୍ଥଳରେ ହିଁ ଗୁଳି କରିଦେଇଥିଲେ । ଏହି ଆତଙ୍କବାଦୀ ଆକ୍ରମଣରେ ମୋଟ ୨୬ ଜଣଙ୍କର ମୃତ୍ୟୁ ହୋଇଛି । ଏହି ଘଟଣାରେ ୨୦ରୁ ଅଧିକ ଲୋକ ଆହତ ହୋଇଛନ୍ତି ।

## ୪ ଦିନ ବନ୍ଦ ରହିବ ବ୍ୟାଙ୍କ

ନୂଆଦିଲ୍ଲୀ : ଅଧିକାଂଶ ରାଜ୍ୟରେ ଚତୁର୍ଥ ଶନିବାର ଓ ଗୌରୀ ପୂଜା ଥିବାରୁ ଏପ୍ରିଲ ୨୬ରେ ବ୍ୟାଙ୍କ ବନ୍ଦ ରହିବ । ଏପ୍ରିଲ ୨୭ (ରବିବାର) ସାଧାରଣ ସାପ୍ତାହିକ ଛୁଟି ରହିବ । ଆଗାମୀ କିଛି ଦିନ ମଧ୍ୟରେ ଭାରତରେ ନିମ୍ନଲିଖିତ ବ୍ୟାଙ୍କ ଛୁଟି ରହିବ । ଏପ୍ରିଲ ୨୬ରେ ଚତୁର୍ଥ ଶନିବାର ଏବଂ ଗୌରୀ ପୂଜା ଯୋଗୁ ଅନେକ ରାଜ୍ୟରେ ଅନେକ ବ୍ୟାଙ୍କ ବନ୍ଦ ରହିବ । ଏପ୍ରିଲ ୨୭ (ରବିବାର) ଦିନ ସାଧାରଣ ସାପ୍ତାହିକ ଛୁଟି ପାଳନ କରାଯିବ । ପର୍ଶୁରାମ ଜୟନ୍ତୀ ଅବସରରେ ହିମାଚଳ ପ୍ରଦେଶରେ ଏପ୍ରିଲ ୨୯ରେ ବ୍ୟାଙ୍କ ବନ୍ଦ ରହିବ । କର୍ଣ୍ଣାଟକରେ ବାସଭ ଜୟନ୍ତୀ ଏବଂ ଅକ୍ଷୟ ତୃତୀୟା ପାଳନ କରୁଥିବାରୁ ଏପ୍ରିଲ ୩୦ରେ ବ୍ୟାଙ୍କ ବନ୍ଦ ରହିବ । ଭାରତରେ ବ୍ୟାଙ୍କ ଛୁଟି ଆରବିଆଇ ଦ୍ୱାରା ନିର୍ଦ୍ଧାରଣ କରାଯାଏ ଏବଂ ସ୍ଥାନୀୟ ପର୍ବପର୍ବାଣୀ ଓ କାର୍ଯ୍ୟକ୍ରମ ଆଧାରରେ ବିଭିନ୍ନ ରାଜ୍ୟରେ ଭିନ୍ନ ଭିନ୍ନ ହୋଇପାରେ । ଫିଜିକାଲ୍ ଶାଖା ବନ୍ଦ ରହିଥିବା ବେଳେ ଅନଲାଇନ୍ ବ୍ୟାଙ୍କିଙ୍ଗ୍ ସେବା, ଏଟିଏମ୍ ଓ ମୋବାଇଲ୍ ବ୍ୟାଙ୍କିଙ୍ଗ୍ ଆପ୍ କାର୍ଯ୍ୟକ୍ଷମ ରହିବ ।

## ପାକିସ୍ତାନ ଦୂତାବାସ ବାହାରେ ବିକ୍ଷୋଭ ପ୍ରଦର୍ଶନ




ନୂଆଦିଲ୍ଲୀ : : ପହେଲଗାଓଁ ଆକ୍ରମଣ ଘଟଣାର ନିନ୍ଦା କରି ଭାରତୀୟମାନେ ନୂଆଦିଲ୍ଲୀସ୍ଥିତ ପାକିସ୍ତାନ ଦୂତାବାସ ବାହାରେ ଗୁରୁବାର ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଏହି ଘଟଣା ଦୁଇଦେଶ ମଧ୍ୟରେ ଖରାପ ଥିବା ସମ୍ପର୍କକୁ ଆହୁରି ତିକ୍ତ କରିଦେଇଥିବାବେଳେ ଭାରତୀୟମାନେ ଏକାଠି ହୋଇ ପାକ୍? ସରକାର ବିରୋଧରେ ଦୂତାବାସ ଆଗରେ ବିଭିନ୍ନ ନାରା ଦେଇଛନ୍ତି । ଆକ୍ରମଣ ପଛରେ ପାକିସ୍ତାନର ହାତ ଥିବା ଜଣାପଡ଼ିଥିବାରୁ ଭାରତ ସରକାର କୂଟନୈତିକ ସ୍ତରରେ ପାକ୍ ବିରୋଧରେ ଦୃଢ଼ ପଦକ୍ଷେପ ନେଇଛନ୍ତି । ନୂଆଦିଲ୍ଲୀରେ ଥିବା ପାକ୍? ଦୂତାବାସର ଅଧିକାରୀ ଏବଂ କର୍ମଚାରୀ ସଂଖ୍ୟା ୫୫ରୁ ୩୦କୁ ହ୍ରାସ କରିବାକୁ ଭାରତ ନିଷ୍ପ□ ନେଇଥିବାବେଳେ ଇସଲାମାବାଦରେ ଥିବା ଭାରତ ଦୂତାବାସରୁ ମଧ୍ୟ ଅନୁରୂପ କର୍ମଚାରୀ ଓ ଅଧିକାରୀଙ୍କୁ ଅପସାରଣ କରିବାକୁ ଭାରତ ପଦକ୍ଷେପ ନେବ ବୋଲି କହିଛି । ପାକିସ୍ତାନୀ ନାଗରିକଙ୍କୁ ଭାରତ ପ୍ରବେଶ ଅନୁମତି ରଦ୍ଦ କରାଯାଇଛି । ୧୯୬୦ ସିନ୍ଧୁ ନଦୀ ଜଳ ଚୁକ୍ତିକୁ ରଦ୍ଦ କରାଯାଇଛି । ଏହା ସହିତ ଅଟ୍ଟାରି-ୱାଘା ସୀମାକୁ ବନ୍ଦ କରିଦିଆଯାଇଛି । ଇସଲାମାବାଦସ୍ଥିତ ଭାରତୀୟ ଦୂତାବାସରେ ଅବସ୍ଥାପିତ ସ୍ଥଳସେନା, ନୌସେନା ଏବଂ ବାୟୁସେନା ଉପଦେଷ୍ଟାମାନଙ୍କୁ ଭାରତ ପ୍ରତ୍ୟାହାର କରିବାକୁ ନିଷ୍ପ□ ନେଇଛି ।

## ପାକିସ୍ତାନ ସେନା କବଜାରେ ବିଏସଏଫ ଯବାନ

ନୂଆଦିଲ୍ଲୀ : ପହଲଗାମରେ ଆତଙ୍କବାଦୀମାନେ ପର୍ଯ୍ୟଟକଙ୍କ ଉପରେ ଆକ୍ରମଣ ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉ□ଜନା ସ୍ଥିତି ରହିଛି । ଆଉ ଏଭଳି ସମୟରେ ଫିରୋଜପୁରର ଭାରତ-ପାକିସ୍ତାନ ସୀମାରେ ଜଣେ ବିଏସଏଫ ଯବାନ ଭୁଲବଶତଃ ସୀମା ଅତିକ୍ରମ କରି ପାକିସ୍ତାନରେ ପହଁ* ଯାଇଛନ୍ତି । ଏହି ଘଟଣା ପରେ ପାକିସ୍ତାନୀ ରେଞ୍ଜର୍ସମାନେ ତାଙ୍କୁ ଉଠାଇ ନେଇଥିବା ସୂଚନା ରହିଛି । ତାଙ୍କୁ ଫେରାଇ ଆଣିବା ପାଇଁ ଦୁଇଦେଶର ସୁରକ୍ଷାବଳ ମଧ୍ୟରେ କଥାବା□ା ହେଉଛି । ଖବର ମୁତାବକ, ୧୮୨ ବାଟାଲିୟନ କନଷ୍ଟେବଲ ପିକେ ସିଂ ଫିରୋଜପୁର ସୀମାରେ ପାକିସ୍ତାନ ସୀମାକୁ ଚାଲିଯାଇଥିଲେ । ଯବାନ ଜଣକ ବର୍ଦ୍ଦିରେ ଥିବା ସହିତ ପାଖରେ ସର୍ଭିସ ରାଇଫଲ ରହିଥିଲା । ବିଏସଏଫ ଯବାନ ଜଣକ ଫସଲ ଅମଳ କରୁଥିବା ଚାଷୀମାନଙ୍କ ଉପରେ ନଜର ରଖିବା ପାଇଁ ଯାଇଥିଲେ । ଏହି ସମୟରେ ସେ ଭୁଲବଶତଃ ପାକ ସୀମା ଅତିକ୍ରମ କରିବାରୁ ରେଞ୍ଜର୍ସମାନେ ତାଙ୍କୁ ଘଟଣାସ୍ଥଳରୁ ଉଠାଇ ହେପାଜତକୁ ନେଇଯାଇଛନ୍ତି । ଏହି ଘଟଣା ପରେ ବିଏସଏଫ ଅଧିକାରୀମାନେ ସୀମାରେ ପହଁ* ସାରିଛନ୍ତି ଏବଂ ସୈନିକଙ୍କୁ ମୁକ୍ତ କରିବା ପାଇଁ ସୀମାରେ ପାକ୍ ରେଞ୍ଜର୍ସଙ୍କ ସହ ଆଲୋଚନା କରିଛନ୍ତି । ସୂଚନାଯୋଗ୍ୟ, ଜିରୋ ଲାଇନ ପୂର୍ବରୁ ଏହି ଅ*ଳରେ ଚାଷୀମାନଙ୍କୁ ଚାଷ କରିବାର ଅନୁମତି ଦିଆଯାଇଛି । ଏହା ସ□୍ୱ ବି ବିଏସଏଫ ଯବାନମାନେ ଫସଲ ବୁଣା ଏବଂ ଅମଳ ସମୟରେ ସୁରକ୍ଷା ଦୃଷ୍ଟିରୁ ଚାଷୀଙ୍କ ସହିତ ରହିଥାଆନ୍ତି । ଏପ୍ରିଲ ୨୨ରେ ପହଲଗାମରେ ବଡ଼ ଆତଙ୍କୀ ଆକ୍ରମଣ ହୋଇଛି । ଏହି ଘଟଣାରେ ୨୫ ଭାରତୀୟଙ୍କ ସହିତ ଜଣେ ନେପାଳୀ ନାଗରିକଙ୍କ ମୃତ୍ୟୁ ହୋଇଛି । ଏହି ଆକ୍ରମଣରେ ଲସ୍କର-ଏ-ତୋଏବାର ପ୍ରକ୍ସୀ ୱିଙ୍ଗ ଦ ଟିଆରଏଫ ନିଜକୁ ଦାୟୀ କରିଛି । ଜମ୍ମୁ କଶ୍ମୀରରେ ସର୍ଚ୍ଚ ଅପରେସନ ଜାରି ରଖିଛି ସେନା । ପାକିସ୍ତାନ ସହ ଗୋଟେ ପରେ ଗୋଟେ ସମ୍ପର୍କ କାଟୁଛନ୍ତି ଭାରତ ସରକାର । ସମସ୍ତ ପାକିସ୍ତାନୀଙ୍କୁ ୩ ଦିନ ଭିତରେ ଭାରତ ଛାଡିବାକୁ ନିର୍ଦ୍ଦେଶ ମିଳିଛି । ଭିସା କେବଳ ୨୭ ଏପ୍ରିଲ ଯାଏଁ ମାନ୍ୟ ରହିଛି । ପାକ୍ ନାଗରିକଙ୍କ ମେଡିକାଲ ଭିସା ୨୯ ଏପ୍ରିଲ ଯାଏଁ ମାନ୍ୟ ରହିଛି । ଭାରତ ଗତକାଲି ଅଟାରୀ- ୱାଘା ସୀମା ବନ୍ଦ କରିଦେଇଥିଲା । ଆଜି ପାକିସ୍ତାନ ୱାଘା ସୀମା ବନ୍ଦ କରିଦିଆଯାଇଛି । ସେହିପରି ପାକିସ୍ତାନ ନିଜର ଆକାଶ ମାର୍ଗ ଭାରତ ପାଇଁ ବନ୍ଦ କରିଛି । ଭାରତକୁ ଆସୁଥିବା କର୍ମସିଆଲ ବିମାନ ପାଇଁ ନିଜର ଏୟାର ସ୍ପେସ ବନ୍ଦ କରିଦିଆଯାଇଛି ।

## ପହଲଗାଓଁ ଆକ୍ରମଣର ମାଷ୍ଟର ମାଇଣ୍ଡ ଅବୁ ମୁଶା !



ଶ୍ରୀନଗର : ଲସ୍କର-ଇ-ତୋଇବା କମାଣ୍ଡର ଅବୁ ମୁଶା ପହଲଗାଓଁ ଆକ୍ରମଣର ମାଷ୍ଟର ମାଇଣ୍ଡ ବୋଲି କୁହାଯାଇଛି । ଚଳିତମାସ ୧୮ରେ ପାକ୍ ଅଧିକୃତ କାଶ୍ମୀର (ପିଓକେ)ର ରାୱଲକୋଟ୍‌ରେ ଏକ ସଭାକୁ ସମ୍ବୋଧିତ କରିବା ଅବସରରେ ଅବୁ ଏହି ଆକ୍ରମଣ ସମ୍ପର୍କରେ ପ୍ରାକ୍ ସୂଚନା ଦେଇଥିଲା । ଜାମ୍ମୁ-କାଶ୍ମୀରରୁ ଧାରା ୩୭୦ ପ୍ରତ୍ୟାହାର କରାଯାଇଥିବାରୁ ଆତଙ୍କବାଦୀ ଆକ୍ରମଣ ଜରିଆରେ ଏହି ଅ*ଳର ଭୌଗୋଳିକ ସ୍ଥିତିକୁ ସମ୍ପୂର୍ଣ୍ଣ ବଦଳାଇ ଦିଆଯିବ ବୋଲି ଅବୁ ସେତେବେଳେ ଧମକ ଦେଇଥିଲା । ଭାରତ ସରକାରଙ୍କୁ ଚାଲେଞ୍ଜ ଦେଇ ଅବୁ କହିଥିଲା ଯେ ଭାରତ କାଶ୍ମୀରରେ ୧୦ ଲକ୍ଷ ସୈନ୍ୟ ମୁତୟନ କରିଥିବା ସ□୍ୱ ନରସଂହାର ଅବ୍ୟାହତ ରହିବ । ଦୁଇ ପାକ୍? ଆତଙ୍କବାଦୀ ଆକିଫ୍ ହଲିମ ଓ ଅବଦୁଲ ୱାହାବକୁ ଏନ୍‌କାଉ[ରରେ ନିପାତ କରାଯାଇଥିବା ପ୍ରତିଶୋଧରେ ଏଭଳି ଆକ୍ରମଣ କରାଯାଇଥିବା ଅନୁମାନ କରାଯାଉଛି । ଅନ୍ୟପଟେ ସୁରକ୍ଷା ଏଜେନ୍ସି ପକ୍ଷରୁ ପହଲଗାଓଁ ଆକ୍ରମଣରେ ସଂପୃକ୍ତ ଥିବା ୩ ଜଣ ଆତଙ୍କବାଦୀଙ୍କ ସ୍କେଚ୍ ଜାରି କରାଯାଇଛି । ଆସିଫ୍ ଫେ ଜି, ସୁଲେମାନ ଶାହା ଏବଂ ଅବୁ ତଲାହ୍ ନାମକ ଏହି ଆତଙ୍କବାଦୀମାନେ ପାକିସ୍ତାନୀ ବାସିନ୍ଦା ବୋଲି କୁହାଯାଇଛି । କାଶ୍ମୀର ଉପତ୍ୟକାରେ ଏମାନେ ଯଥାକ୍ରମେ ମୁଶା, ୟୁନୁସ ଏବଂ ଆସିଫ୍ ଭଳି ଛଦ୍ମନାମ ବ୍ୟବହାର କରୁଛନ୍ତି । ଜାମ୍ମୁ-କାଶ୍ମୀରର ପୁ* ଜିଲାରେ ଘଟିଥିବା ଆତଙ୍କବାଦୀ ଘଟଣାରେ ଏମାନେ ସଂପୃକ୍ତ ଥିବା କୁହାଯାଇଛି । ଏହା ବ୍ୟତୀତ ଏହି ତିନିଜଣ ଆତଙ୍କବାଦୀଙ୍କ ସମ୍ପର୍କରେ ସୂଚନା ଦେଲେ ସରକାରଙ୍କ ପକ୍ଷରୁ ପ୍ରତ୍ୟେକଙ୍କ ପାଇଁ ୨୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ମଧ୍ୟ ଘୋଷଣା କରାଯାଇଛି । ଆକ୍ରମଣ ପରେ ଆତଙ୍କବାଦୀମାନେ ପୀର ପାଞ୍ଜାଲ ପାର୍ବତ୍ୟା*ଳକୁ ଖସି ପଳାଇଥିବା ଅନୁମାନ କରାଯାଉଛି । ସେମାନଙ୍କୁ ଠାବ କରିବାକୁ ସେନା, ଅର୍ଦ୍ଧସାମରିକ ବାହିନୀ ଏବଂ ଜାମ୍ମୁ-କାଶ୍ମୀର ପୁଲିସର ମିଳିତ ବାହିନୀ ଉକ୍ତ ଅ*ଳକୁ ଘେରାଉ କରି ତଲାସି ଅଭିଯାନ ଜାରି ରଖିଛନ୍ତି ।

## ନୌସେନା ଜାହାଜରୁ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ

ଜମ୍ମୁ-କଶ୍ମୀର : ଜମ୍ମୁ-କଶ୍ମୀରର ପହଲଗାମର ବୈସରନ ଉପତ୍ୟକାରେ ଆତଙ୍କବାଦୀ ଆକ୍ରମଣର ଦୁଇ ଦିନ ପରେ ଭାରତୀୟ ନୌସେନା ଗୁରୁବାର ଆରବ ସାଗରରେ ମଧ୍ୟମ ଦୂରତା ଭୂପୃଷ୍ଠରୁ ଆକାଶରେ କ୍ଷେପଣାସ୍ତ୍ର (ଏମଆର-ସାମ୍) ଏୟାର ଡିଫେନ୍ସ ମିସାଇଲ ସିଷ୍ଟମର ସଫଳ ପରୀକ୍ଷଣ କରିଛି । ଆଇଏନଏସ ସୁରତରୁ ଏହି ପରୀକ୍ଷଣ କରାଯାଇଛି । ସୂଚନା ଅନୁଯାୟୀ, ଆରବ ସାଗରରେ ପାକିସ୍ତାନ ନୌସେନା ଦ୍ୱାରା ନିର୍ଦ୍ଧାରିତ ଭୂପୃଷ୍ଠରୁ ଭୂପୃଷ୍ଠକୁ କ୍ଷେପଣାସ୍ତ୍ର ପରୀକ୍ଷଣ ପୂର୍ବରୁ ଏହି ପରୀକ୍ଷଣ କରାଯାଇଥିଲା । ଭୂପୃଷ୍ଠରୁ ଭୂପୃଷ୍ଠକୁ କ୍ଷେପଣାସ୍ତ୍ର ଏବଂ ଅନ୍ୟାନ୍ୟ ଆକାଶମାର୍ଗରୁ ଲକ୍ଷ୍ୟଭେଦ ବିରୋଧରେ ଏମଆର-ସାମ୍ ଅତ୍ୟନ୍ତ ପ୍ରଭାବଶାଳୀ । ଅତ୍ୟାଧୁନିକ ସ୍ୱଦେଶୀ ଗାଇଡେଡ୍ ମିସାଇଲ ଡେଷ୍ଟ୍ରୟର ସମୁଦ୍ର ସ୍କିମିଂ ଟାର୍ଗେଟକୁ ସଫଳତାର ସହ ସମ୍ପାଦନ କରିଛି, ଯାହା ଆମର ପ୍ରତିରକ୍ଷା କ୍ଷମତାକୁ ସୁଦୃଢ଼ କରିବା ଦିଗରେ ଆଉ ଏକ ମାଇଲଖୁ[ ବୋଲି ଭାରତୀୟ ନୌସେନା ଏକ୍ସରେ ଲେଖିଛି ।

## ଜମ୍ମୁ କଶ୍ମୀରରେ ଫସିଛନ୍ତି ପୁଣେର ୫୦୦ରୁ ଅଧିକ ପର୍ଯ୍ୟଟକ



ନୂଆଦିଲ୍ଲୀ: ଜମ୍ମୁ କଶ୍ମୀରର ପହଲଗାମରେ ଆକ୍ରମଣକୁ ନେଇ ସମଗ୍ର ଦେଶ ପ୍ରତିଶୋଧ ନିଆଁରେ ଜଳୁଛି । ପର୍ଯ୍ୟଟକ କଶ୍ମୀର ଛାଡୁଥିବା ବେଳେ ମହାରାଷ୍ଟ୍ର ପୁଣେର ୫୦୦ରୁ ଅଧିକ ପର୍ଯ୍ୟଟକ ଜମ୍ମୁ କଶ୍ମୀରରେ ଫସିଛନ୍ତି । ପୁଣେର ଉର୍ଜା ଫାର୍ମରେ କାମ କରୁଥିବା ଗିରିଶ ନାଇକୱାଡି କହିଛନ୍ତି, ୧୪ ଜଣିଆ ଗ୍ରୁପ ସହିତ ଜମ୍ମୁ କଶ୍ମୀର ଯାଇଥିଲେ କିନ୍ତୁ ଏହି ଘଟଣା ପରେ ଯାତ୍ରାକୁ ଅଧାରେ ରଖି ସମାପ୍ତ କରିବାକୁ ନିଷ୍ପତି ନେଇଛନ୍ତି । ସେମାନେ କହିଛନ୍ତି, ଆମ୍ଭେମାନେ ଯାତ୍ରା ଜାରି ରଖିବା ସ୍ଥିତିରେ ନାହୁଁ । ଖୁବଶୀଘ୍ର ପୁଣେ ଫେରିବାକୁ ଚାହୁଁଛୁ । ଆମ ସହିତ ଛୋଟ ପିଲା ରହିଛନ୍ତି । ପହଲଗାମ ଆତଙ୍କୀ ହମଲା କାରଣରୁ ଲୋକେ ନିଜର ବୁକିଂ କ୍ୟାନସଲ କରି ଦେଇଛନ୍ତି । ଜମ୍ମୁ-କାଶ୍ମୀରରେ ପର୍ଯ୍ୟଟକମାନଙ୍କୁ ଟୁର ଟ୍ରାଭେଲର ମନାଉଥିବା ଦେଖିବାକୁ ମିଳିଛି । ଆକ୍ରମଣ ସମୟରେ ଆମ ଗ୍ରୁପ ପ୍ରାୟ ୫୦ କିମି ଦୂର ଗୁଲମାର୍ଗରେ ରହିଥିଲୁ । ଆକ୍ରମଣ ବିଷୟରେ ଜାଣିବା ପରେ ଆମେ କୌଣସି ପ୍ରକାରରେ ଶ୍ରୀନଗରରେ ପହଁ*ଥିଲୁ । ଆରମ୍ଭରୁ ଆମେ ଶ୍ରୀନଗରରୁ ଅମୃତସର ଯିବାକୁ ପ୍ଲାନ୍ କରିଥିଲୁ, କିନ୍ତୁ ଆମ ଗ୍ରୁପ ଏବେ କୌଣସି ସ୍ଥାନକୁ ଯିବାକୁ ଚାହୁଁନାହିଁ । ସୂଚନାଯୋଗ୍ୟ, ଏପ୍ରିଲ ୨୨ରେ ପହଲଗାମରେ ବଡ଼ ଆତଙ୍କୀ ଆକ୍ରମଣ ହୋଇଛି । ଏହି ଘଟଣାରେ ୨୫ ଭାରତୀୟଙ୍କ ସହିତ ଜଣେ ନେପାଳୀ ନାଗରିକଙ୍କ ମୃତ୍ୟୁ ହୋଇଛି । ଏହି ଆକ୍ରମଣରେ ଲସ୍କର-ଏ-ତୋଏବାର ପ୍ରକ୍ସୀ ୱିଙ୍ଗ ଦ ଟିଆରଏଫ ନିଜକୁ ଦାୟୀ କରିଛି । ଜମ୍ମୁ କଶ୍ମୀରରେ ସର୍ଚ୍ଚ ଅପରେସନ ଜାରି ରଖିଛି ସେନା ।

## କେନ୍ଦ୍ରୀୟ କର୍ମଚାରୀଙ୍କ ପାଇଁ ଝଟକା ! ଆଉ ବଢ଼ିବନି ୨% ଭତା

ନୂଆଦିଲ୍ଲୀ: ମହଙ୍ଗା ଭତା ଏକ ସ୍ୱତନ୍ତ୍ର ଭତା, ଯାହା କେନ୍ଦ୍ର ଏବଂ ରାଜ୍ୟ ସରକାରୀ କର୍ମଚାରୀ ଏବଂ ପେନସନଭୋଗୀଙ୍କୁ ବର୍ଦ୍ଧିତ ମୁଦ୍ରାସ୍ଫୀତିରୁ ଆଶ୍ୱସ୍ତି ପ୍ରଦାନ କରେ । ଏହି ଭ୍ା ସରକାର ବର୍ଷକୁ ଦୁଇଥର ପରିବ□ନ କରନ୍ତି, ପ୍ରଥମେ ଜାନୁଆରୀରେ ଏବଂ ଦ୍ୱିତୀୟ ଥର ଜୁଲାଇରେ । ଯଦି ଆପଣ ନିଜେ ଜଣେ କେନ୍ଦ୍ର ସରକାରଙ୍କ କର୍ମଚାରୀ କିମ୍ବା ଆପଣଙ୍କ ପରିବାରର କେହି ସରକାରୀ କର୍ମଚାରୀ ଅଛନ୍ତି, ତେବେ ଏହି ଖବର ଆପଣଙ୍କ ପାଇଁ । ଏକ ନୂଆ ଅପଡେଟ୍ ଅନୁଯାୟୀ, ଏହି ଖବର ପଢ଼ିବା ପରେ ପ୍ରାୟ ୧.୨୫ କୋଟି କର୍ମଚାରୀ ଏବଂ ପେନସନଭୋଗୀ ନିରାଶ ହୋଇପାରନ୍ତି । ନିକଟରେ, ସରକାର ମହଙ୍ଗା ଭତା ଏବଂ ମହଙ୍ଗା ରିଲିଫ୍‌ରେ ୨% ବୃଦ୍ଧି ଘୋଷଣା କରିଥିଲେ, ଯାହା ଏହାକୁ ୫୫%କୁ ବୃଦ୍ଧି କରିଥିଲା ।

# ହାଇଦ୍ରାବାଦକୁ ହରାଇଲେ ରୋହିତ, ବୋଲ୍ଟ



ହାଇଦ୍ରାବାଦ,୨୪।୪: ଚଳିତ ଆଇପିଏଲ୍‌ର ୪୧ତମ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ଏକତରଫା ଭାବେ ୭ ୱିକେଟ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ପରାସ୍ତ କରିଛି। ନବମ ମ୍ୟାଚ୍‌ରୁ ମୁମ୍ବାଇର ଏହା ପଞ୍ଚମ ବିଜୟ ଥିଲା ଅନ୍ୟପକ୍ଷରେ ହାଇଦ୍ରାବାଦ ଅଷ୍ଟମ ମ୍ୟାଚ୍‌ରୁ ଷଷ୍ଠ ପରାଜୟ ବରଣ କରିଥିଲା। ହାଇଦ୍ରାବାଦକୁ ହରାଇବାରେ ମୁମ୍ବାଇର ଦୁଇ ତାରକା ଖେଳାଳି ଟ୍ରେଣ୍ଟ ବୋଲ୍ଟ (୪/୨୬) ଓ ରୋହିତ ଶର୍ମା (୭୦) ନିର୍ଣ୍ଣାୟକ ଭୂମିକା ନେଇଥିଲେ ସୂର୍ଯ୍ୟକୁମାର ଯାଦବ ମଧ୍ୟ ୪୦ ରନ୍‌ର ଅପରାଜିତ ପାଳି ଖେଳିଥିଲେ ଏହି ପରାଜୟ ସହ ଘରୋଇ ପରିବେଶରେ ହାଇଦ୍ରାବାଦର ସଂଘର୍ଷ ଜାରି ରହିଛି ପୂର୍ବରୁ ଟାଇଟଲ୍ ଫେଭରିଟ୍ ଆଖ୍ୟା ପାଇଥିବା ଏହି ଦଳ ନବମ ସ୍ଥାନରେ ଘୁଞ୍ଚିବା ମଧ୍ୟ କ୍ରିକେଟ୍ ପଣ୍ଡିତଙ୍କୁ ବିସ୍ମିତ କରିଛି ଅନ୍ୟପକ୍ଷରେ ପ୍ରାରମ୍ଭିକ ଝଟ୍‌କା ପରେ ପୁରୁଣା ଚମକ ଫେରିପାଇବା ମୁମ୍ବାଇ ପ୍ରଶଂସକଙ୍କୁ ଉଲ୍ଲସିତ କରିଛି।ବିଶେଷ କରି ରୋହିତ ଫର୍ମକୁ ଫେରିବା ମୁମ୍ବାଇର ଆତ୍ମବଳକୁ ଯଥେଷ୍ଟ ବଢ଼ାଇ ଦେଇଛି। ଲଗାତାର ଅର୍ଦ୍ଧଶତକ ହାସଲ କରି ସେ ମଧ୍ୟ ନିଜ ଚୟନର ଯଥାର୍ଥ ସମ୍ମାନ ରଖିଛନ୍ତି।

ପୂର୍ବରୁ ଟସ୍ ହାରିବା ହାଇଦ୍ରାବାଦ ପାଇଁ ବୁଧବାର ଏକପ୍ରକାର ଅଭିଶାପ ସାବ୍ୟସ୍ତ ହୋଇଥିଲା। ଟ୍ରାଭିସ୍ ହେଡ୍, ଅଭିଷେକ ଶର୍ମା, ଈଶାନ କିଶନ ଓ ନୀତୀଶ କୁମାର ରେଡ୍ଡୀ ଏକ ଅଙ୍କ ଆଗକୁ ବଢ଼ି ନ ପାରିବା ପରେ ୧୩ ରନ୍‌ରେ ଘୋର ସଙ୍କଟରେ ପଡ଼ିଥିଲା ଏହି ଦଳ ମୁମ୍ବାଇର ଦୁଇ ଦ୍ରୁତ ବୋଲର ଟ୍ରେଣ୍ଟ ବୋଲ୍ଟ ଓ ଦୀପକ ଚହର ୫ ଓଭର ଭିତରେ ଦୁଇଟି ଲେଖାଏଁ ୱିକେଟ୍ ବାଣ୍ଟିନେଇ ହାଇଦ୍ରାବାଦର ପୂରା ହୋସ୍ ଉଡ଼ାଇ ଦେଇଥିଲେ ।ତେବେ ଚହରଙ୍କ ବଲ୍ ବ୍ୟାଟ୍ ଛୁଇଁ ନଥିବା ସ୍ନିକୋ ମିଟରରୁ ଜଣାପଡ଼ିଥିଲେ ମଧ୍ୟ ଅମ୍ପାୟାର ବିନା ଅପିଲରେ ଆଉଟ୍ ଦେବା ଏବଂ ଈଶାନ ଏହାକୁ ରିଭ୍ୟୁ ନକରି ପଡ଼ିଆ ଛାଡ଼ିବା ଉଲ୍ଲେଖନୀୟ ରହିଥିଲା। ଏହା ପରେ ୱିକେଟ୍ ରକ୍ଷକ ହେନରିକ୍ କ୍ଲାସେନ ୪୪ ବଲ୍‌ରୁ ୭୧ ରନ୍‌ର ପାଳି ଖେଳି ସ୍ଥିତି ସୁଧାରିଥିଲେ ପୁଣି ଇମ୍ପାକ୍ଟ ପ୍ଲେୟର ଅଭିନବ ମନୋହରଙ୍କ ୪୩ ରନ୍ ବଳରେ ହାଇଦ୍ରାବାଦ ୮ ୱିକେଟ୍ ବିନିମୟରେ ୧୪୩ ରନ୍ କରି ସମ୍ମାନ ରଖିଥିଲା। ସଂକ୍ଷିପ୍ତ ସ୍କୋର୍: ସନ୍‌ରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ ୧୪୩/୮ (ହେନରିକ୍ କ୍ଲାସେଁ ୭୧, ଅଭିନବ ମନୋହର ୪୩, ଟ୍ରେଣ୍ଟ ବୋଲ୍ଟ ୪/୨୬, ଦୀପକ ଚହର ୨/୧୨, ହାର୍ଦିକ ପାଣ୍ଡ୍ୟା ୧/୩୧) ମୁମ୍ବାଇ ଇଣ୍ଡିଆନ୍ସ ୧୫.୪ ଓଭରରେ ୧୪୬/୩ (ରୋହିତ ଶର୍ମା ୭୦, ସୂର୍ଯ୍ୟକୁମାର ଯାଦବ ୪୦ଅ, ୱିଲ୍ ଜ୍ୟାକ୍ସ ୨୨, ଜୟଦେବ ଉନାଦକଟ ୧/୨୫)

## ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)




### ପଏଣ୍ଟ ତାଲିକା

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ଗୁଜରାଟ ଟାଇଟନ୍ସ | ୦୮ | ୦୬ | ୦୨ | ୧୨ |
| ଦିଲ୍ଲୀ କ୍ୟାପିଟାଲ୍ | ୦୮ | ୦୬ | ୦୨ | ୧୨ |
| ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୦୭ | ୦୫ | ୦୨ | ୧୦ |
| ପଞ୍ଜାବ କିଙ୍ଗ୍‌ସ | ୦୭ | ୦୫ | ୦୨ | ୧୦ |
| ଲକ୍ଷ୍ନୌ ସୁପର ଜିଆଣ୍ଟସ | ୦୯ | ୦୫ | ୦୪ | ୧୦ |
| କୋଲକାତା ନାଇଟ୍ ରାଇଡର୍ସ | ୦୮ | ୦୩ | ୦୫ | ୦୬ |
| ମୁମ୍ବାଇ ଇଣ୍ଡିଆନ୍ସ | ୦୮ | ୦୪ | ୦୪ | ୦୮ |
| ରାଜସ୍ଥାନ ରୟାଲ୍‌ସ | ୦୮ | ୦୨ | ୦୬ | ୦୪ |
| ସନରାଇଜର୍ସ ହାଇଦ୍ରାବାଦ | ୦୭ | ୦୨ | ୦୫ | ୦୪ |
| ଚେନ୍ନାଇ ସୁପର କିଙ୍ଗ୍‌ସ | ୦୮ | ୦୨ | ୦୬ | ୦୪ |

## କଳିଙ୍ଗ ସୁପର କପ୍ ଫୁଟ୍‌ବଲ : ବେଙ୍ଗାଲୁରୁ ବିଦା, କ୍ୱାର୍ଟରରେ ଇଣ୍ଟର କାଶୀ ଓ ମୁମ୍ବଇ ସିଟି ଏଫ୍‌ସି

କଟକ ୨୪।୪: କଳିଙ୍ଗ ଷ୍ଟାଡ଼ିୟମରେ ଚାଲିଥିବା କଳିଙ୍ଗ ସୁପରକପ ଫୁଟବଲ ଚମ୍ପିଆନସିପ୍-୨୦୨୫ର କ୍ୱାର୍ଟର ଫାଇନାଲରେ ଇଣ୍ଟର କାଶୀ ଓ ମୁମ୍ବଇ ସିଟି ଏଫ୍‌ସି ପ୍ରବେଶ କରିଛନ୍ତି ବୁଧବାର ୫ମ ଓ ୬ଷ୍ଠ ପ୍ରି କ୍ୱାର୍ଟର ଫାଇନାଲ ଖେଳାଯାଇଥିଲା। ଏଥିରେ ଇଣ୍ଟରକାଶୀ ଓ ମୁମ୍ବଇ ସିଟି ଏଫ୍‌ସି ବିଜୟ ସହ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିବାବେଳେ ବେଙ୍ଗାଲୁରୁ ଏଫ୍‌ସି ଓ ଚେନ୍ନୟିଇନ୍ ଏଫ୍‌ସି ବିଦାୟ ନେଇଛି।

ପଞ୍ଚମ ପ୍ରି କ୍ୱାର୍ଟର ଫାଇନାଲରେ ଇଣ୍ଟରକାଶୀ ପେନାଲ୍ଟି ୧-୧(୫-୩ ) ଗୋଲରେ ବେଙ୍ଗାଲୁରୁ ଏଫ୍‌ସିକୁ ପରାସ୍ତ କରି କ୍ୱାର୍ଟର ଫାଇନାଲ୍‌ରେ ପହଞ୍ଚିଛି ନିର୍ଦ୍ଧାରିତ ସମୟ ଖେଳ ୧-୧ ଗୋଲ ବରାବର ରହିବାରୁ ପେନାଲ୍ଟିର ଆଶ୍ରୟ ନିଆଯାଇଥିଲା ଏଥିରେ ଇଣ୍ଟରକାଶୀ ୫-୩ ଗୋଲରେ ବେଙ୍ଗାଲୁରୁ ଏଫ୍‌ସିକୁ ପରାସ୍ତ କରିଥିଲା। ନିର୍ଦ୍ଧାରିତ ସମୟ ତଥା ଖେଳର ୧୪ ମିନିଟ୍‌ରେ ମାତିଜା ବାଭୋଭିକ ଗୋଲ ଦେଇ ଦଳକୁ ୧-୦ରେ ଆଗୁଆ। କରିଥିଲେ। ୬୨ ମିନିଟ୍‌ରେ ବେଙ୍ଗାଲୁରୁ ଏଫ୍‌ସି ଗୋଲ ବରାବର କରି ନେଇଥିଲା ଦଳ ପକ୍ଷରୁ ରିୟାନ ୱିଲିୟମ ଗୋଲ ଦେଇ ମ୍ୟାଚକୁ ୧-୧ ବରାବର କରିଥିଲେ। ଷଷ୍ଠ କ୍ୱାର୍ଟର ଫାଇନାଲରେ ମୁମ୍ବଇ ସିଟି ଏଫ୍‌ସି ୪-୦ ଗୋଲରେ ଚେନ୍ନଇୟିନ୍ ଏଫ୍‌ସିକୁ ପରାସ୍ତ କରି କ୍ୱାର୍ଟର ଫାଇନାଲରେ ପହଞ୍ଚିଛି। ମୁମ୍ବଇ ସିଟି ଏଫ୍‌ସି ପକ୍ଷରୁ ୪୩ ମିନିଟ୍‌ରେ ଏନ୍ କାରଲିସ୍, ୬୪ ମିନିଟ୍‌ରେ ଲାଲରିନଜୁଆଲା ଚେଙ୍ଗେଟ୍ ଦ୍ୱିତୀୟ ଓ ୮୬ ମିନିଟ୍‌ରେ ତୃତୀୟ ଗୋଲ୍ ଦେଇଥିଲେ। ୯୦ ମିନିଟ୍‌ରେ ବିପିନ ସିଂହ ଚତୁର୍ଥ ଗୋଲ ଦେଇ ମୁମ୍ବଇ ସିଟି ଏଫ୍‌ସିକୁ ୪-୦ରେ ବିଜୟୀ କରାଇଥିଲେ।

## ଗମ୍ଭୀରଙ୍କୁ ହତ୍ୟା ଧମକ

ନୂଆଦିଲ୍ଲୀ,୨୪।୪: ଭାରତୀୟ କ୍ରିକେଟ ଦଳର ମୁଖ୍ୟ କୋଚ ତଥା ପୂର୍ବତନ ଭାଜପା ଏମପି ଗୌତମ ଗମ୍ଭୀରଙ୍କୁ ଆଇଏସଆଇଏସ କାଶ୍ମୀର ସଂଗଠନରୁ ମୃତ୍ୟୁ ଧମକ ମିଳିଛି। ଏପ୍ରିଲ ୨୨ରେ ଦୁଇଟି ଇମେଲ ମାଧ୍ୟମରେ ତାଙ୍କୁ ଆଇକିଲ୍ୟୁ ମେସେଜ ପଠାଯାଇଥିଲା।ଏହି ଘଟଣା ପରେ ଗମ୍ଭୀର ଦିଲ୍ଲୀ



ପୋଲିସରେ ଏକ ଲିଖିତ ଅଭିଯୋଗ ଦାଖଲ କରି ଏଫଆଇଆର ରୁଜୁ କରିବା ସହ ନିଜ ପରିବାର ପାଇଁ ସୁରକ୍ଷା ମାଗିଛନ୍ତି।

ଏହା ପୂର୍ବରୁ ୨୦୨୧ ମସିହା ନଭେମ୍ବରରେ ମଧ୍ୟ ତାଙ୍କୁ ଏକ ସମାନ ଧମକ ଇମେଲ ମିଳିଥିଲା ପୋଲିସ ଏହି ମାମଲାର ତଦନ୍ତ ଆରମ୍ଭ କରିଛି ଏବଂ ଗମ୍ଭୀରଙ୍କ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡି କରାଯାଇଛି। ଏହା ସହିତ, ଗମ୍ଭୀର ନିକଟରେ ଜମ୍ମୁ ଓ କଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ନିନ୍ଦା କରିଥିଲେ, ଯେଉଁଥିରେ ୨୬ ଜଣ ନାଗରିକ ପ୍ରାଣ ହରାଇଥିଲେ ତେବେ ଏନେଇ ପୋଲିସର ତଦନ୍ତ ଜାରି ରହିଛି ।

## ଡାକିଲେ ନୀରଜ, ଆସିଲେନି ନଦୀମ୍

ନୂଆଦିଲ୍ଲୀ,୨୪।୪: ପାକିସ୍ତାନର ଅଲିମ୍ପିକ୍ ଚମ୍ପିଅନ୍ ଅର୍ଶଦ ନଦୀମ୍ ଭାରତ ଆସିବାକୁ ମନା କରିଦେଇଛନ୍ତି। ବେଙ୍ଗାଲୁରୁରେ ହେବାକୁ ଥିବା ଏନସି କ୍ଲାସିକ୍ ଜାଭେଲିନ୍ ଥ୍ରୋ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବା ପାଇଁ ଷ୍ଟାର ଜାଭେଲିନ୍ ଖେଳାଳି ନୀରଜ ଚୋପ୍ରା ତାଙ୍କୁ ସୋମବାର ନିମନ୍ତ୍ରଣ କରିଥିଲେ। ମୁଁ ମୋ କୋଚ୍‌ଙ୍କଠାରୁ ବୁଝିକି ଜଣାଇବି ବୋଲି କହିଥିଲେ ନଦୀମ୍। ଏବେ ସେ ଆସିପାରିବେ ନାହିଁ ବୋଲି ଜଣାଇଛନ୍ତି। ମଙ୍ଗଳବାର ପହଲଗାମ୍‌ରେ ହୋଇଥିବା ଆକ୍ରମଣ ଏହାର କାରଣ ବୋଲି କୁହାଯାଉଥିବା ବେଳେ ନଦୀମ୍ ଭିନ୍ନ କାରଣ ଜଣାଇଛନ୍ତି। ନଦୀମ କହିଛନ୍ତି, ଏନସି କ୍ଲାସିକ୍ ପ୍ରତିଯୋଗିତା ମେ ୨୪ରେ ହେବାକୁ ଯାଉଛି ଏବଂ ମୁଁ ମେ ୨୨ରେ ଏସୀୟ ଆଥଲେଟିକ୍ସ ଚମ୍ପିଅନସିପ ପାଇଁ କୋରିଆ ଯିବି ମୁଁ ୨୭ ରୁ ୩୧ ମେ ପର୍ଯ୍ୟନ୍ତ କୋରିଆରେ ଅନୁଷ୍ଠିତ ହେବାକୁ ଥିବା ଏସୀୟ ଚମ୍ପିଅନସିପ ପାଇଁ ବହୁତ କଠିନ ପରିଶ୍ରମ କରୁଛି। ତେଣୁ ମୋ ପାଇଁ ଭାରତ ଯିବା ଅସମ୍ଭବ। ସୋମବାର ଗଣମାଧ୍ୟମ ସହିତ ଏକ ଭର୍ଚୁଆଲ୍ ଆଲୋଚନାରେ ନୀରଜ ଚୋପ୍ରା କହିଥିଲେ, ମୁଁ ଅର୍ଶଦଙ୍କୁ ନିମନ୍ତ୍ରଣ ପଠାଇଛି ଏବଂ ସେ କହିଛନ୍ତି



ଯେ, ସେ ତାଙ୍କ ପ୍ରଶିକ୍ଷକଙ୍କ ସହ କଥା ହେବା ପରେ ଉତ୍ତର ଦେବେ ଏପର୍ଯ୍ୟନ୍ତ ସେ ତାଙ୍କର ଜବାବ ଦେଇନାହାନ୍ତି।

ନଦୀମ ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ରେ ଅଂଶଗ୍ରହଣ କରି ୯୨. ୯୭ ମିଟର ପର୍ଯ୍ୟନ୍ତ ଜାଭେଲିନ୍ ଫିଙ୍ଗି ସ୍ୱର୍ଣ୍ଣ ପଦକ ଜିତିଥିଲେ। ଅନ୍ୟପକ୍ଷରେ ନୀରଜ ଚୋପ୍ରା ୮୯. ୪୫ ମିଟର ଜାଭେଲିନ୍ ଫିଙ୍ଗି ରୌପ୍ୟ ପଦକ ଜିତିଥିଲେ।

## ମ୍ୟାଚ୍ ଫିକ୍ସିଂ ଅଭିଯୋଗ: ସରକାରଙ୍କ ପାଖରେ ଫେରାଦ ହେଲା ରାଜସ୍ଥାନ

ଜୟପୁର,୨୪।୪: ନିକଟରେ ଆଇପିଏଲ୍‌ରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍‌ସଠାରୁ ମାତ୍ର ୨ ରନ୍‌ରେ ପରାସ୍ତ ହୋଇଥିଲା। ରାଜସ୍ଥାନ ରୟାଲ୍‌ସ ଏପ୍ରିଲ ୧୯ରେ ଜୟପୁରରେ ଖେଳା ଯାଇଥିବା ଏହି ମ୍ୟାଚ୍‌ରେ ଶେଷ ଓଭରରେ ଜିତିବା ପାଇଁ ଘରୋଇ ରାଜସ୍ଥାନକୁ ମାତ୍ର ୯ ରନ୍ ଆବଶ୍ୟକ ଥିଲା। ଆଭେସ୍ ଖାଁ ବୋଲିଂ କରିଥିବା ଉକ୍ତ ଓଭରରେ ରାଜସ୍ଥାନ ମାତ୍ର ୬ ରନ୍‌କରି ପରାସ୍ତ ହୋଇଥିଲା। ଏହାପରେ ଗଣମାଧ୍ୟମରେ ରାଜସ୍ଥାନ ରୟାଲ୍‌ସ ବିପକ୍ଷରେ ମ୍ୟାଚ୍ ଫିକ୍ସିଂର ଅଭିଯୋଗ ଆଣି ଏହା ଜାଣିଶୁଣି ହାରିଛି ବୋଲି ରାଜସ୍ଥାନର ବିଜେପି ବିଧାୟକ ଜୟଦୀପ ବିହାନୀ ଅଭିଯୋଗ କରିଥିଲେ। ଏପରି କରି ରାଜସ୍ଥାନ ରୟାଲ୍‌ସ ଏହାର ପ୍ରଶଂସକଙ୍କୁ ଧୋକା ଦେଇଛି ଜୟଦୀପ ମଧ୍ୟ ରାଜସ୍ଥାନ କ୍ରିକେଟ ଆସୋସିଏସନ୍‌ର ଆବାହକ ଅଛନ୍ତି। ଏପରି ଅଭିଯୋଗ ପରେ ରାଜସ୍ଥାନ ରୟାଲ୍‌ସ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ଏହି ଅଭିଯୋଗ ମିଥ୍ୟା, ଅମୂଳକ ଏବଂ କୌଣସି ପ୍ରମାଣ ନାହିଁ ବୋଲି ରାଜସ୍ଥାନ ଦଳ ମ୍ୟାନେଜମେଣ୍ଟର ଦୀପ ରାୟ କହିଛନ୍ତି ସର୍ବ ସମକ୍ଷରେ ଏପରି ଭିତ୍ତିହୀନ ଅଭିଯୋଗ କରିବା ଦ୍ୱାରା ରାଜସ୍ଥାନ ରୟାଲ୍‌ସର ଖ୍ୟାତିରେ ଆଞ୍ଚ ଆସିବା ସହ ଅନାବଶ୍ୟକ ବିବାଦ ଓ ଜନସାଧାରଣଙ୍କୁ ବିଭ୍ରାନ୍ତ କରାଯାଉଛି ବୋଲି ଦୀପ ରାୟ କହିଛନ୍ତି ।

## କ୍ରିକେଟରେ ପ୍ରେମର ନିଆଁ

### ପ୍ରେମିକାଙ୍କୁ ଧୋକା ଦେଲେ ପୃଥ୍ୱୀ !





ନୂଆଦିଲ୍ଲୀ,୨୪।୪: ପ୍ରଥମ ପ୍ରେମିକାଙ୍କୁ ଧୋକା ପୁଣି ଥରେ ପ୍ରେମରେ ପଡ଼ିଛନ୍ତି କ୍ରିକେଟର ପୃଥ୍ୱୀ ଶ। କିଛି ଏଭଳି ଚର୍ଚ୍ଚା ଏବେ ସୋସିଆଲ ମିଡିଆରେ ବଢ଼ିବାରେ ଲାଗିଛି। ଏହା ପଛରେ ପୃଥ୍ୱୀଙ୍କ ଏକ ଭିଡିଓ ରହିଛି। ଉକ୍ତ ଭିଡିଓରେ ତାଙ୍କୁ ଅନ୍ୟ ଜଣେ ଯୁବତୀଙ୍କ ସହ ଦେଖାଯାଉଛି ଯିଏ କି କ୍ୟାମେରା ଦେଖି ମୁହଁ ଲୁଚାଉଛନ୍ତି। କେବଳ ଏତିକି ନୁହେଁ ପ୍ରଥମ ପ୍ରେମିକା ନିଧି ତପାଡ଼ିଆ ମଧ୍ୟ ସୋସିଆଲ ମିଡିଆରେ ଏକ ଧୋକା ସମ୍ପର୍କିତ ପୋଷ୍ଟ କରିଛନ୍ତି।ଏହାପରଠାରୁ ପୃଥ୍ୱୀ ତାଙ୍କୁ ଧୋକା ଦେଇ ଅନ୍ୟ ଜଣେ ଯୁବତୀଙ୍କୁ ଡେଟ୍ କରୁଥିବା ଚର୍ଚ୍ଚା ହେଉଛି।

କହିରଖୁଛୁ, ପୃଥ୍ୱୀଙ୍କ ପ୍ରଥମ ପ୍ରେମିକା ନିଧି ତପାଡ଼ିଆ ଜଣେ ଅଭିନେତ୍ରୀ ଏବଂ ମଡେଲ। ଅନେକ ଦିନରୁ ସେ ପରସ୍ପରକୁ ଡେଟ୍ କରୁଥିଲେ। ଏବେ ପୃଥ୍ୱୀଙ୍କ ଭିଡିଓ ସାମ୍ନାକୁ ଆସିବା ପରେ ନିଧିଙ୍କୁ ଶକ୍ତ ଧକ୍କା ଲାଗିଛି।ହେଲେ ଦ୍ୱିତୀୟ ପ୍ରେମିକା କଥା କେତେ ସତ କେତେ ମିଛ ତାହା ଆଗାମୀ ଦିନରେ ସ୍ପଷ୍ଟ ହୋଇଯିବ।

## ମାଡ୍ରିଡ୍ ଓପନରୁ ଓହରିଲେ ଅଲ୍‌କାରାଜ

ମାଡ୍ରିଡ୍,୨୪।୪: ଇଞ୍ଜୁରୀ ଯୋଗୁ ଦର୍ଶକଙ୍କ ଫେଭରାଇଟ୍ କାର୍ଲୋସ ଅଲ୍‌କାରାଜ ମାଡ୍ରିଡ୍ ଓପନ ଟେନିସ ଟୁର୍ନାମେଣ୍ଟରୁ ଓହରି ଯାଇଛନ୍ତି। ଗତ ରବିବାର ବାର୍ସିଲୋନା ଓପନ ଫାଇନାଲ ବେଳେ ତାଙ୍କ ବାମ ଗୋଡ଼ରେ ଆଘାତ



ଲାଗିଥିଲା। ୨୦୨୨ ଓ ୨୦୨୩ରେ ଦୁଇଥର ଚମ୍ପିୟନ ଅଲ୍‌କାରାଜଙ୍କୁ ଟୁର୍ନାମେଣ୍ଟରେ ଦ୍ୱିତୀୟ ସିଡ୍ ମାନ୍ୟତା ମିଳିଥିଲା ଅଲ୍‌କାରାଜ ମେ ୫ରେ ୨୨ବର୍ଷ ବୟସରେ ପଦାର୍ପଣ କରିବେ। ବାର୍ସିଲୋନା ଫାଇନାଲରେ ହୋଲ୍‌ଗର ରୁନ୍‌ଙ୍କଠାରୁ ପରାଜିତ ହେବା ପୂର୍ବରୁ ସେ ମଣ୍ଟେ କାର୍ଲୋ ଟାଇଟଲ ସହ ତାଙ୍କ କ୍ଲେ-କୋର୍ଟ ଅଭିଯାନ ଆରମ୍ଭ କରିବା ସହିତ ୯ଟି ମ୍ୟାଚରେ ଅପରାଜେୟ ରହିଥିଲେ।

## ଗ୍ରାମାଂଚଳର... (ପ୍ରଥମ ପୃଷ୍ଠାରୁ)

ଗତ ପ୍ରାୟ ୩ ଦଶନ୍ଧି ଧରି ପଞ୍ଚାୟତିରାଜ ବ୍ୟବସ୍ଥା ଅନେକ ଜାତୀୟ ସ୍ତରୀୟ ଓ ରାଜ୍ୟ ସ୍ତରୀୟ ନେତୃତ୍ୱକୁ ଜନ୍ମ ଦେଇଛି । ଉଦାହରଣ ସ୍ୱରୂପ ସେ ନିଜେ ମଧ୍ୟ ୧୯୯୭ ମସିହାର ପଞ୍ଚାୟତ ପ୍ରତିନିଧି ଭାବେ ଜନସେବାରେ ଯୋଗ ଦେଇଛନ୍ତି ବୋଲି କହିଥିଲେ। ପଞ୍ଚାୟତ ସ୍ତରରୁ ପ୍ରତିନିଧି ଭାବେ ଆସିଥିବା ଜନପ୍ରତିନିଧିମାନେ ତୃଣମୂଳ ସ୍ତରର ସମସ୍ୟାକୁ ହୃଦୟଙ୍ଗମ କରିଥାନ୍ତି ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜି ପଞ୍ଚାୟତ ସ୍ତରରେ ଅନେକ ବିକାଶମୂଳକ କାର୍ଯ୍ୟ କାର୍ଯ୍ୟକାରୀ ହେଉଛି। ବିଗତ ଅଢେଇ ଦଶନ୍ଧିରେ ପଞ୍ଚାୟତିରାଜ ବ୍ୟବସ୍ଥାର ପ୍ରାଣକେନ୍ଦ୍ର ଗ୍ରାମସଭା ଓ ପଲ୍ଲିସଭାକୁ ସମ୍ପୂର୍ଣ୍ଣ ରୂପେ ପଙ୍ଗୁ କରି ଦିଆଯାଇଥିଲା । ଆମ ସରକାର ବ୍ୟବସ୍ଥା କରିଛନ୍ତି ଗ୍ରାମସଭା ଓ ପଲ୍ଲୀସଭାରେ ଗ୍ରାମବାସୀ ହିଁ ନିଷ୍ପତ୍ତି ନେବେ ଗାଁର ଉନ୍ନତି ପାଇଁ। ଆମ ସରକାର ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ସବୁ ପ୍ରକାର ପଦକ୍ଷେପ ନେଉଛନ୍ତି । ବିଜୁଳି, ସଡକ, ପାଣି ପରି ଭିତ୍ତିଭୂମି ହେଉଛି ଗ୍ରାମାଞ୍ଚଳର ସବୁଠୁ ବଡ ପ୍ରାଥମିକତା । ଏହି ସବୁ ଭିତ୍ତିଭୂମି ନିର୍ମାଣକୁ ଆମେ ଗୁରୁତ୍ୱ ଦେଉଛୁ । ଏଥିପାଇଁ ଆମେ 'ବିକଶିତ ଗାଁ ବିକଶିତ ଓଡ଼ିଶା'ର ପରିକଳ୍ପନା କରିଛୁ । ୨୦୨୬ ସୁଦ୍ଧା ସବୁ ଗ୍ରାମକୁ ପାନୀୟ ଜଳ ବ୍ୟବସ୍ଥା କରିବାକୁ ଆମେ ପଦକ୍ଷେପ ନେଇଛୁ । ସେ ପୁଣି କହିଥିଲେ ଯେ, ଅନ୍ତ୍ୟୋଦୟ ଗୃହ ଯୋଜନାରେ ୩ ବର୍ଷରେ ୭୫୫୦ କୋଟି ଟଙ୍କା ବିନିଯୋଗରେ ୫ ଲକ୍ଷ ଗରିବ ଲୋକଙ୍କୁ ଘର ଯୋଗାଇଦେବୁ । ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ରାଜ୍ୟରେ ୨୩ ଲକ୍ଷରୁ ଉର୍ଦ୍ଧ୍ୱ ଗୃହ ନିର୍ମିତ ହୋଇସାରିଛି ଏବଂ ୪ ଲକ୍ଷରୁ ଉର୍ଦ୍ଧ୍ୱ ଗୃହ ନିର୍ମାଣାଧିନ ଅଛି । ପଞ୍ଚାୟତିରାଜ ବ୍ୟବସ୍ଥା ମାଧ୍ୟମରେ ଆମେ ଗ୍ରାମାଞ୍ଚଳବାସୀଙ୍କୁ ନ୍ୟାୟ ପ୍ରଦାନ କରିବୁ। ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ସମସ୍ତ ପରିବାରକୁ ପକ୍କା ଘର ଯୋଗାଇଦେବା ପାଇଁ ଆମ ସରକାର ସଂକଳ୍ପବଦ୍ଧ। ଆଜି ରାଜ୍ୟର ମହିଳାମାନେ ସୁଭଦ୍ରା ଯୋଜନାରେ ପାଇଥିବା ଅର୍ଥକୁ ସୁବିନିଯୋଗ କରିଛନ୍ତି। ଆମ ରାଜ୍ୟର ୧୭ ଲକ୍ଷ ମା' ଲକ୍ଷପତି ଦିଦି ହୋଇ ଭାରତ ବର୍ଷରେ ଓଡ଼ିଶାକୁ ପ୍ରଥମ ସ୍ଥାନରେ ରଖିଛନ୍ତି। ଲକ୍ଷପତି ଦିଦି ଗଢିବାରେ ସୁଭଦ୍ରା ଯୋଜନାର ବହୁତ ବଡ଼ ଅବଦାନ ରହିଛି ବୋଲି ସେ କହିଥିଲେ। ସେ କହିଥିଲେ ଯେ, ଆମେ ରାଜ୍ୟବାସୀଙ୍କୁ ଯାହା କଥା ଦେଇଥିଲୁ ତାହା ଆମେ ୧୦ ମାସ ମଧ୍ୟରେ କାମରେ କରି ଦେଖାଇଛୁ । ଆମ ସରକାର କାମରେ ବିଶ୍ୱାସ କରେ।

ମୁଖ୍ୟମନ୍ତ୍ରୀ ଏହି ଅବସରରେ ୬ ଲକ୍ଷ ହିତାଧିକାରୀଙ୍କୁ ନୂତନ ରାସନ କାର୍ଡ ପ୍ରଦାନ ପ୍ରକ୍ରିୟା, ଏନଆଇସି ଦ୍ୱାରା ପ୍ରସ୍ତୁତ ଇ-ପଞ୍ଚାୟତ ସଭା ପୋର୍ଟାଲ, ପି.ପି.ଏମ୍.ଏସ୍. ପୋର୍ଟାଲ, ପଞ୍ଚାୟତ ମନିଟରିଙ୍ଗ୍ ସିଷ୍ଟମ, ୬୧୩ଟି ଗ୍ରାମ ପଞ୍ଚାୟତକୁ ୩୨ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ବଣ୍ଟନ, ୨ ଲକ୍ଷରୁ ଉର୍ଦ୍ଧ୍ୱ ସୁଭଦ୍ରା ହିତାଧିକାରୀଙ୍କୁ ୨ଟି କିସ୍ତିର ୧୦ ହଜାର ଟଙ୍କା ଲେଖାଏଁ ସମୁଦାୟ ୨୦୦ କୋଟି ଟଙ୍କା ପ୍ରଦାନର ଶୁଭାରମ୍ଭ କରିବା ସହିତ ୬ଟି ଟିଭି ବିଜ୍ଞାପନ ଓ ସୁଭଦ୍ରା କଫି ଟେବଲ୍ ପୁସ୍ତକର ଉନ୍ମୋଚନ କରିଥିଲେ । ରାଜ୍ୟରେ ୪,୧୨୪ କୋଟି ଟଙ୍କା ବିନିଯୋଗରେ ୩୧୪ଟି ବ୍ଲକ ସ୍ତରୀୟ ଷ୍ଟାଡିୟମ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ଦିଆଯାଇଥିଲା ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ପୁରୀ ଜିଲ୍ଲାର ବିଭିନ୍ନ ବ୍ଲକର ୮ଜଣ ରାସନ କାର୍ଡ ହିତାଧିକାରୀ ଓ ୫ଜଣ ସୁଭଦ୍ରା ହିତାଧିକାରୀଙ୍କୁ ରାସନ କାର୍ଡ ଓ ସହାୟତା ରାଶି ପ୍ରଦାନ କରିଥିଲେ । ପୋଷଣ ଅଭିଯାନରେ ଶ୍ରେଷ୍ଠ ପୁଷ୍ଟି ପଞ୍ଚାୟତ ଭାବେ ନିମାପଡ଼ା ବ୍ଲକ ଅନ୍ତର୍ଗତ ସାଇଁଶ ଶାସନ ଗ୍ରାମ ପଞ୍ଚାୟତର ସରପଞ୍ଚଙ୍କୁ ପୁରସ୍କୃତ କରିଥିଲେ ।

କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଥିଲେ ଯେ, ଶକ୍ତି ବିଭାଗ ମାଧ୍ୟମରେ ୨୦୨୬-୨୭ ସୁଦ୍ଧା ୩ ଲକ୍ଷ ଘରକୁ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ଆମେ ପଦକ୍ଷେପ ଆରମ୍ଭ କରିଛୁ। କେନ୍ଦ୍ର ଓ ରାଜ୍ୟ ସରକାର ଏଥିପାଇଁ ରିହାତି ଦେଇଛନ୍ତି । ପୋର୍ଟାଲ ମାଧ୍ୟମରେ ଯଥା ଶୀଘ୍ର ଆବେଦନ କରିବା ପାଇଁ ସେ ଅନୁରୋଧ କରିଥିଲେ।

ଉପ-ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା କହିଥିଲେ ଯେ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସିଲା ପରେ ଗାଁରେ ବିକାଶର ସୁଅ ଛୁଟିଛି । ସୁଭଦ୍ରା ଗ୍ରାମାଞ୍ଚଳ ମହିଳାଙ୍କ ସ୍ଥିତିରେ ଆଜି ପରିବର୍ତ୍ତନ ଆଣିଛି । ଗାଁର ଚିତ୍ରକୁ ନୂଆ ରୂପରେ ଆଙ୍କିବା ପାଇଁ ଆମ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେଇଛନ୍ତି । ଗାଁର ବିକାଶ ପାଇଁ ରାଜନୀତିରୁ ଉର୍ଦ୍ଧ୍ୱକୁ ଆସିବା ପାଇଁ ସେ ଆହ୍ୱାନ ଦେଇଥିଲେ।

ପଞ୍ଚାୟତି ରାଜ ଓ ପାନୀୟ ଜଳ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାୟକ କହିଥିଲେ ଯେ, ଗ୍ରାମାଞ୍ଚଳର ମୌଳିକ ସମସ୍ୟାକୁ ଦୂର କରିବା ପାଇଁ ଆମେ ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ କରିଛୁ। ଗାଁର ବିକାଶ ହେଲେ ଆମ ଦେଶର ବିକାଶ ହେବ । ଆଜି ପଞ୍ଚାୟତିରାଜ ଦିବସରେ ଯେଉଁ ଗାଁରେ ଆମର ଆତ୍ମା ଅଛି, ସେହି ଗାଁକୁ ସରଶ ସୁନ୍ଦର କରିବା ପାଇଁ ଆସନ୍ତୁ ଆମେ ସମସ୍ତେ ସଂକଳ୍ପ ନେବା।

କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ପୁରୀ ସାଂସଦ ସମ୍ବିତ ପାତ୍ର ପ୍ରମୁଖ ସେମାନଙ୍କର ବକ୍ତବ୍ୟ ରଖିଥିଲେ ।

କାର୍ଯ୍ୟକ୍ରମରେ ଜାତୀୟ ପଞ୍ଚାୟତିରାଜ ଦିବସ ଅବସରରେ ବିହାର ମଧୁବନୀ ଠାରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରଦତ୍ତ ଅଭିଭାଷଣର ସିଧା ପ୍ରସାରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ରହ୍ମଗିରି ବିଧାୟିକା ଶ୍ରୀମତୀ ଉପାସନା ମହାପାତ୍ର, ପିପିଲି ବିଧାୟକ ଶ୍ରୀ ଆଶ୍ରିତ ପଟ୍ଟନାୟକ, ପୁରୀ ବିଧାୟକ ଶ୍ରୀ ସୁନିଲ କୁମାର ମହାନ୍ତି ଏବଂ ବିଭିନ୍ନ ବିଭାଗର ସଚିବ ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।ବିଭିନ୍ନ ଜିଲ୍ଲାରେ ମନ୍ତ୍ରୀ, ସାଂସଦ, ବିଧାୟକ ଓ ପଞ୍ଚାୟତ ପ୍ରତିନିଧିମାନେ ଆଭାସୀ ମାଧ୍ୟମରେ ଯୋଡ଼ି ହୋଇଥିଲେ । ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ଗିରୀଶ ଏସ୍.ଏନ୍ ସ୍ୱାଗତ ଭାଷଣ ଦେଇଥିଲେ ଓ ନିର୍ଦ୍ଦେଶକ ଡ. ମହେଶ୍ୱର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଶାନ୍ତଙ୍କ..

ଓଡିଆ ପର୍ଯ୍ୟଟକ ପ୍ରଶାନ୍ତ ଶତପଥିଙ୍କ ମରଶରୀର ତାଙ୍କ ଗାଁ ମାଟି ବାଲେଶ୍ୱର ଜିଲ୍ଲାର ରେମୁଣା ବ୍ଲକର ଇସାଣି ଗାଁରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ସେଠାରେ ପହଞ୍ଚି ତାଙ୍କ ପାର୍ଥିବ ଶରୀରରେ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ତାଙ୍କ ପରିବାର ସଦସ୍ୟମାନଙ୍କ ସହିତ ୨୦ ମିନିଟ୍ ସମୟ ଅତିବାହିତ କରିଥିଲେ। ମୁଖ୍ୟମନ୍ତ୍ରୀ ଏହାପରେ ସ୍ୱର୍ଗତ ପ୍ରଶାନ୍ତଙ୍କ ଶବାଧାରରେ ଯୋଗଦେଇ ଶ୍ମଶାନକୁ ମଧ୍ୟଯାଇ ଶେଷ ଦର୍ଶନ କରିଥିଲେ।

ପରଲୋକଗତ ଆତ୍ମାର ସଦ୍‌ଗତି କାମନା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ତାଙ୍କ ପରିବାରର ଦୁଃଖ ଦେଖି 'ମୁଁ ଗଭୀର ମର୍ମାହତ'। ପ୍ରଶାନ୍ତଙ୍କ ପରିବାର ପାଇଁ ସହାୟତା ଘୋଷଣା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସ୍ୱର୍ଗତ ପ୍ରଶାନ୍ତଙ୍କ ନିକଟତମ ଆତ୍ମୀୟଙ୍କୁ ୨୦ ଲକ୍ଷ ଟଙ୍କା ସହାୟତା, ପତ୍ନୀଙ୍କ ପାଇଁ ନିଯୁକ୍ତି ଦିଆଯିବା ସହିତ ତାଙ୍କ ପୁଅର ପାଠପଢା ପାଇଁ ଆବଶ୍ୟକ ବ୍ୟବସ୍ଥା ରାଜ୍ୟ ସରକାର କରିବେ । ଏହି ଆତଙ୍କବାଦୀ ଘଟଣାର ତୀବ୍ରନିନ୍ଦା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଉଗ୍ରପନ୍ଥୀ ମାନଙ୍କ କାର୍ଯ୍ୟ ଅତ୍ୟନ୍ତ ଅମାନବୀୟ ଓ କାପୁରୁଷୋଚିତ। ମୋଦିଜୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଏହା ଉପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।ଏଥିସହ ତାଙ୍କ ଶେଷକୃତ୍ୟରେ ସାମିଲ ହୋଇ ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ଦୁଃଖରେ ମ୍ରିୟମାଣ ପରିବାର ସଦସ୍ୟଙ୍କ ପ୍ରତି ମୁଖ୍ୟମନ୍ତ୍ରୀ ସମବେଦନା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହିତ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ବିଜେପିରାଜ୍ୟ ସଭାପତିମନମୋହନ ସାମଲ, ପିସିସି ଅଧ୍ୟକ୍ଷ ଭକ୍ତ ଚରଣ ଦାସ ଓ ପୋଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ ବିଭୁବନେଶ୍ୱରର ବିଜୁପଟ୍ଟନାୟକ ଏୟାରପୋର୍ଟରେ ଉପସ୍ଥିତ ଥିଲେ, ଯେତେବେଳେ ତାଙ୍କ ପାର୍ଥିବ ଶରୀରକୁ ସ୍ୱତନ୍ତ୍ର ବିମାନ ଯୋଗେ ଗୁରୁବାର ସକାଳେ ଭୁବନେଶ୍ୱର ଅଣାଯାଇଥିଲା ।

ତାଙ୍କ ଶେଷ ଯାତ୍ରାରେ ତାଙ୍କ ପତ୍ନୀ ପ୍ରିୟଦର୍ଶିନୀ, ପୁଅ ତନୁଜ, ସାନଭାଇ ଜୟନ୍ତ ଓ ସଂପର୍କୀୟ ମନୋରଂଜନ ଏବଂ ରତ୍ନଶ୍ରୀ ମହାନ୍ତି ଥିଲେ । ଶହଶହ ଲୋକ ଏୟାରପୋର୍ଟଓ ଗାଁରେ ଏକାଠିହୋଇଥିଲେ ।ଯେଉଁଠିଭାରତ ମାତା କୀ ଜୟ ଓ ପ୍ରଶାନ୍ତ ଶତପଥୀ ଅମର ରହେ ପରି ଦେଶଭକ୍ତ ନାରା ମଧ୍ୟରେ ତାଙ୍କ ଶୋକାକୁଳ ପରିବେଶରେ ଅନ୍ତିମ ବିଦାୟ ଦିଆଯାଇଥିଲା ।

ଜିଲ୍ଲା ପ୍ରଶାସନ ପକ୍ଷରୁ ଅନ୍ତିମ ସଂସ୍କାରର ବ୍ୟବସ୍ଥା କରାଯାଇଥିଲା । ପୂରା ସମ୍ମାନର ସହ ତାଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା ।

## ୪୫...

୧୦୭ତମ ଜାତୀୟ ଉଦ୍ୟାନରୂପେ ମାନ୍ୟତାପ୍ରାପ୍ତ, ଭିତରକନିକା ପରେ ଓଡ଼ିଶାର ଦ୍ୱିତୀୟ ଜାତୀୟ ଉଦ୍ୟାନ ଓ ୮୪୫.୭୦ ବର୍ଗକି.ମି. ବିଶିଷ୍ଟ ରାଜ୍ୟର ସର୍ବବୃହତ୍ ଜାତୀୟ ଉଦ୍ୟାନ ରୂପରେ ପରିଗଣିତ। ଏହି ବହୁ ପ୍ରତୀକ୍ଷିତ ସ୍ୱୀକୃତି ଶିମିଳିପାଳର ଅଦ୍ୱିତୀୟ ଜୈବ ବିବିଧତା, ସମୃଦ୍ଧ ଆଦିବାସୀ ପରମ୍ପରା ଏବଂ ପରିବେଶଗତ ମୂଲ୍ୟବୋଧ ପ୍ରତି ଜାତୀୟସ୍ତରରେ ଦୃଷ୍ଟି ଆକର୍ଷଣ କରିବାରେ ସମର୍ଥହୋଇଛି। ଏହିନିଷ୍ପତିଓଡ଼ିଶାକୁ ଜାତୀୟ ମାନଚିତ୍ରରେ ସ୍ୱତନ୍ତ୍ର ଭାବରେ ସ୍ଥାନିତ କରିଛି।ପ୍ରକାଶିତ ବିଜ୍ଞପ୍ତି ଅନୁସାରେ ଶିମିଳିପାଳ ଜାତୀୟ ଉଦ୍ୟାନକୁ ସର୍ବୋଚ୍ଚ ଜାତୀୟ ପରିବେଶ ସ୍ୱୀକୃତି ମିଳିବାପରେ, ବନ୍ୟଜନ୍ତୁ ଅଭୟାରଣ୍ୟ, ବ୍ୟାଘ୍ର ପ୍ରକଳ୍ପ, ୟୁନେସ୍କୋ ସଂରକ୍ଷିତ ଜୈବମଣ୍ଡଳ, ହାତୀ ଅଭୟାରଣ୍ୟ ଆଦି ଶିମିଳିପାଳର ବହୁସ୍ତରୀୟ ଜୈବ ବିବିଧତାର ଗୁରୁତ୍ୱକୁ ପ୍ରତିପାଦିତ କରୁଛି। ଶିମିଳିପାଳ ଜୈବବିବିଧତାରେ ପରିପୂର୍ଣ୍ଣ ଭାରତର ଅନ୍ୟତମ ଅନନ୍ୟ ପରିବେଶ, ଏହା ୪୦ଟି ଜଙ୍ଗଲୀ ବାଘ ସମେତ ବିରଳ କଳା ବାଘଙ୍କ ପାଇଁ ବିଶ୍ୱର ଏକମାତ୍ର ବାସସ୍ଥାନ, ଓଡ଼ିଶାର ମୋଟ ହାତୀ ସଂଖ୍ୟାର ୨୫ ପ୍ରତିଶତ ହାତୀଙ୍କର ଆଶ୍ରୟସ୍ଥଳ, ଏଠାରେ ୧୦୪ ପ୍ରଜାତିର ଅର୍କିଡ୍ ଦେଖାଯାଆନ୍ତି, ଅନେକ ପ୍ରଜାତି କେବଳ ଏହି ଅଞ୍ଚଳରେ ହିଁ ଦେଖାଯାଆନ୍ତି, ୩୬୦ରୁ ଅଧିକ ପ୍ରଜାତିର ପକ୍ଷୀ ଏବଂ ବିଭିନ୍ନ ସ୍ତନ୍ୟପାୟୀ ପ୍ରାଣୀ ଯଥା ଚିତାବାଘ, ସମ୍ବର, ଏବଂ କୁମ୍ଭୀର ଇତ୍ୟାଦିମାନଙ୍କର ଆଶ୍ରୟସ୍ଥଳ ଓ ଉତ୍ତର ଓଡ଼ିଶାରେ ପ୍ରବାହିତ ବିଭିନ୍ନ ନଦୀର ପ୍ରମୁଖ ଅବବାହିକା।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ